


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୯ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 MARCH 2025

Vol.No. 36 ■ No.83 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଭୂକମ୍ପରେ ଛିନ୍ନଛତ୍ର ମିଆଁମାର ଓ ଥାଇଲ୍ୟାଣ୍ଡ





## ଭାରତ ସାହାଯ୍ୟ କରିବାକୁ ପ୍ରସ୍ତୁତ: ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୨୮/୩ : ଭୁଶୁଡ଼ି ପଡ଼ିଛି ବଡ଼ବଡ଼ ବ୍ରିଜ ଓ ବିଲଡିଂ। ନଭଶ୍ଚୁମ୍ବି କୋଠା ଦୋହଲି ଯାଇଥିବା ବେଳେ ସୁଇମିଂ ପୁଲର ଉଚ୍ଛଳା ପାଣିକୁ ଦେଖି ଶତାଧିକ ଲୋକ ଭୂମିରେ ଲୋଟି ପଡ଼ିଛନ୍ତି। ଆତଙ୍କିତ ଅବସ୍ଥାରେ ରାସ୍ତାରେ ଜୀବନ ବିକଳରେ ଅନେକ ଲୋକ ଦୌଡ଼ିଛନ୍ତି। ତାସର ଘର ଭଳି ଭୁଶୁଡ଼ି ପଡ଼ିଛି ବଡ଼ବଡ଼ ଅଟ୍ଟାଳିକା। ଅଟ୍ଟାଳିକା ଠାରୁ ଆରମ୍ଭ କରି ବ୍ରିଜ ଭୁଶୁଡ଼ିବା ବେଳର ଭୟଙ୍କର ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି। କେନ୍ଦ୍ରୀୟ ମିଆଁମାରରେ ଆଜି ବିଧ୍ୱଂସୀ ଭୂକମ୍ପ ପରେ ଏମିତି କିଛି ଘଟଣା ଘଟିଛି। ନର୍ଦ୍ଦନ ବ୍ୟାଙ୍କକ ଓ ଦକ୍ଷିଣ ପଶ୍ଚିମ ଚାଇନା ମଧ୍ୟ ୭ରୁ ଅଧିକ ତୀବ୍ରତାର ଭୂକମ୍ପରେ କ୍ଷତିଗ୍ରସ୍ତ ହୋଇଛି। ଭୟଙ୍କର ଭୂକମ୍ପରେ ମିଆଁମାର ଓ ଥାଇଲ୍ୟାଣ୍ଡ ଏକପ୍ରକାରର ଛିନ୍ନଛତ୍ର ହୋଇ ଯାଇଛି। ବର୍ତ୍ତମାନ ସୁଦ୍ଧା କେବଳ ମିଆଁମାରରେ ୨୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାର ହଜାର ଲୋକ ନିଖୋଜ ହୋଇଯାଇଛନ୍ତି। ସେହିପରି ଥାଇଲ୍ୟାଣ୍ଡ ଓ ଚାଇନାରେ ବି ଅନେକ ଲୋକ ମୃତାହତ ହୋଇଛନ୍ତି। ପ୍ରଥମେ ୭.୭ ତୀବ୍ରତା ଓ ଏହାପରେ ୭.୨ ତୀବ୍ରତାର ଭୂକମ୍ପ ସବୁ କିଛି ଓଲଟ ପାଲଟ କରି ଦେଇଛି। ମିଆଁମାରର ସାଗାଇଙ୍ଗ ସହର ଠାରୁ ୧୬ କିମି ଦୂରରେ ଭୂକମ୍ପର କେନ୍ଦ୍ର ସ୍ଥଳ ରହିଛି। ମିଆଁମାର ଓ ଥାଇଲ୍ୟାଣ୍ଡରେ ଭୂକମ୍ପର ଭୟଙ୍କର ଝଟକା ଅନୁଭୂତ ହୋଇଥିବା ବେଳେ ଭାରତର ବେଙ୍ଗଲ, ମେଘାଳୟା ଓ ମଣିପୁର ସମେତ ବାଂଲାଦେଶର ଢାକା ଓ ଚଟ୍ଟୋଗ୍ରାମରେ ମଧ୍ୟ ଲୋକମାନେ ମୃଦୁ ଝଟକାରେ ଥରିଛନ୍ତି। ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି ଯେ ଶୁକ୍ରବାର ସ୍ଥାନୀୟ ୧୨.୫୦ରେ କେନ୍ଦ୍ରୀୟ ମିଆଁମାର ପ୍ରଥମେ ୭.୭ ଓ ପରେ ୬.୮ ତୀବ୍ରତାର ଭୂକମ୍ପରେ ପୂରା ଛିନ୍ନଛତ୍ର ହୋଇଯାଇଛି। ସାଗାଇଙ୍ଗ ସହର ଠାରୁ ୧୬ କିମି ଦୂର ଓ ଭୂପୃଷ୍ଠରୁ ୧୦ କିମି ଗଭୀର ହେଉଛି ଭୂକମ୍ପର କେନ୍ଦ୍ର ସ୍ଥଳ। ମିଆଁମାରର ▶▶ପୃଷ୍ଠା ୭

# ପ୍ରଦୀପ ଜେନାଙ୍କୁ ଓଇଆର୍‌ସି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଲେ ରାଜ୍ୟ ସରକାର



ଭୁବନେଶ୍ୱର, ୨୮/୩ (ନି.ପ୍ର): ରାଜ୍ୟ ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇ୍ଆରସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ପ୍ରଦୀପ ଜେନାଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ଆଇଏଏସ୍ ଅଧିକାରୀ ସୁରେଶ ମହାପାତ୍ରଙ୍କ ପରେ ଏହି ପଦ ଖାଲି ପଡ଼ିଥିଲା। ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ପ୍ରଦୀପ କୁମାର ଜେନା ହେଲେ ଦ୍ୱିତୀୟ ମୁଖ୍ୟ ଶାସନ ସଚିବ, ଯାହାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ପୂର୍ବରୁ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ଦୁଇ ଥରରେ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ଶ୍ରୀ ଜେନା ୨୦୨୩ ମାର୍ଚ୍ଚ ମାସରେ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଠାରୁ ବରିଷ୍ଠ ଆଇଏଏସ୍ ଅଧିକାରୀ ଓଡ଼ିଶା କ୍ୟାଡରରେ ଥିଲେ ମଧ୍ୟ ରାଜ୍ୟ ସରକାର ▶▶ପୃଷ୍ଠା ୭

# ପୂର୍ବ ସରକାର ବନ୍ଦ କରିଥିଲେ, ଆମେ ସ୍କୁଲ୍ ଖୋଲିବୁ: ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର, ୨୮/୩ (ନି.ପ୍ର): ପୁଣି ଖୋଲିବ ବନ୍ଦ ହୋଇଥିବା ସ୍କୁଲ୍ । ମିଶ୍ରଣ ପରେ ବନ୍ଦ ହୋଇଥିବା ସ୍କୁଲ ଖୋଲିବାକୁ ନୀତିଗତ ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ବିଧାନସଭାରେ ଉତ୍ତର ରଖି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ପୂର୍ବ ସରକାର ତରବରିଆ ଭାବେ ସ୍କୁଲର ମିଶ୍ରଣ କରିଥିଲେ । ସମୁଦାୟ ୫ ହଜାର ୬୩୨ ସ୍କୁଲକୁ ମିଶ୍ରଣ କରାଯାଇଥିଲା । ୨ ହଜାର ୧୫୨ ସାଟେଲାଇଟ୍ ସ୍କୁଲକୁ ମିଶ୍ରଣ କରାଯାଇଛି । ସିଡ୍ୟୁଲ୍ ଏରିଆରେ ୨୦ ଏବଂ ନନସିଡ୍ୟୁଲ୍ ଏରିଆରେ ସର୍ବନିମ୍ନ ୪୦ ଜଣ ପିଲା ରହିଲେ ବନ୍ଦ ସ୍କୁଲ ଖୋଲାଯିବ ବୋଲି ମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି। ତରବରିଆ ଭାବେ ପୂର୍ବ ସରକାର ଏପରି ନିଷ୍ପତ୍ତି ନେଇଥିଲେ । ଫଳରେ ଅନେକ ସ୍କୁଲ୍ ବନ୍ଦ ହୋଇଯାଇଥିଲା । ▶▶ପୃଷ୍ଠା ୭

# ବଢ଼ିଲା କିଟ୍ ଅଡୁଆ: ନେପାଳୀ ଛାତ୍ରୀ ମୃତ୍ୟୁ ପାଇଁ ଦାୟୀ କଲେ ଏନଏଚଆରସି




ଭୁବନେଶ୍ୱର, ୨୮/୩ (ନି.ପ୍ର): ନେପାଳୀ ଛାତ୍ରୀ ମୃତ୍ୟୁ ମାମଲାରେ କିଟ୍‌କୁ ଦାୟୀ କଲେ ଏନଏଚଆରସି ଟିମ୍ । ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଦର୍ଶାଇଲେ । ଆସନ୍ତା ୪ ସପ୍ତାହ ମଧ୍ୟରେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଲେ ଏନଏଚଆରସି । ନେପାଳୀ ଛାତ୍ରୀ ମୃତ୍ୟୁ ମାମଲାରେ ବଢ଼ିଲା କିଟ୍ ଅଡୁଆ । ଛାତ୍ରୀଙ୍କ ଆତ୍ମହତ୍ୟା ପାଇଁ କିଟ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ଏନଏଚଆରସି । କିଟ୍ ବିଶ୍ୱବିଦ୍ୟାଳୟର ଆଇଆରଓ, ବିଶ୍ୱବିଦ୍ୟାଳୟର ଅଧିକାରୀ, ଶୃଙ୍ଖଳାଗତ କମିଟି ତଥା କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଦର୍ଶାଇଛନ୍ତି ଏନଏଚଆରସି ଟିମ୍ । ଏହି ଘଟଣାରେ ଆସନ୍ତା ୪ ସପ୍ତାହ ମଧ୍ୟରେ ▶▶ପୃଷ୍ଠା ୭

# ମେ ୧୫ ସୁଦ୍ଧା ଯୁକ୍ତ ୨ ରେଜଲ୍ଟ

ଭୁବନେଶ୍ୱର, ୨୮/୩ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା-୨୦୨୫ ଶେଷ ହୋଇଛି। ମେ' ୧୫ ତାରିଖ ସୁଦ୍ଧା ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ। ଏପ୍ରିଲ ୨ ରୁ ଖାତା ଦେଖା ଆରମ୍ଭ ହେବ। ଏପ୍ରିଲ ୨ରୁ ୧୪ ଯାଏଁ ପ୍ରଥମ ପର୍ଯ୍ୟାୟ ଖାତାଦେଖା ଏବଂ ଏପ୍ରିଲ ୧୬ରୁ ୨୮ ଯାଏଁ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ହେବ। ଖାତା ଦେଖା ପାଇଁ ୭୮ଟି ଅଫଲାଇନ୍ ଓ ୭୦ଟି ଅନଲାଇନ୍ କେନ୍ଦ୍ର ହୋଇଛି। ଖାତା ମୂଲ୍ୟାଙ୍କନ ପାଇଁ ୧୬ ହଜାର ଅଧ୍ୟାପକ ନିୟୋଜିତ ହେବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ସୂଚନା ଦିଆଯାଇଛି। ▶▶ପୃଷ୍ଠା ୭

# କୁନାଲ କାମରାଙ୍କୁ ସାମାନ୍ୟ ଆଶ୍ୱସ୍ତି: ଏପ୍ରିଲ ୪ ପର୍ଯ୍ୟନ୍ତ ମିଳିଲା ଆଗୁଆ ଜାମିନ


ନୂଆଦିଲ୍ଲୀ, ୨୮/୩ : ଷ୍ଟାଣ୍ଡଅପ କମେଡିଆନ କୁନାଲ କାମରାଙ୍କୁ ସାମାନ୍ୟ ଆଶ୍ୱସ୍ତି । କୁନାଲଙ୍କୁ ଆଗୁଆ ଜାମିନ ପ୍ରଦାନ କରିଛନ୍ତି ମାଡ୍ରାସ ହାଇକୋର୍ଟ । ସର୍ତ୍ତ ସହ ଜାମିନ ମିଳିଥିବା ଜଣାପଡିଛି । ଆଗୁଆ ଜାମିନ ପାଇଁ ଆବେଦନ କରି କୁନାଲ କହିଥିଲେ ତାଙ୍କ ଜୀବନ ପ୍ରତି ବିପଦ ଅଛି । ମୁମ୍ବାଇ ଗଲେ ତାଙ୍କୁ ମାରିଦିଆଯିବ । ଏନେଇ ମାଡ୍ରାସ ହାଇକୋର୍ଟରେ ଏକ ଆବେଦନ ଦାୟର କରିଥିଲେ ତେବେ ଆବେଦନରେ ସେ ନିର୍ଦ୍ଦିଷ୍ଟ ଭାବେ ଶିବସେନା ଏକନାଥ ସିନ୍ଦେ ଗୋଷ୍ଠୀ ନାଁ ନେଇ ଅଭିଯୋଗ କରିଛନ୍ତି । ଏବେ ସୁଦ୍ଧା ୮ଶହରୁ ଅଧିକ ଥର ତାଙ୍କୁ ହତ୍ୟା କରାଯିବାକୁ ଧମକ ମିଳୁଥିବା ନିଜ ଆବେଦନରେ ଦର୍ଶାଇଛନ୍ତି କୋର୍ଟ । ତେବେ ଶିବସେନା କହିଛି ଗିରଫଦାରୀରୁ ବଞ୍ଚିବା ପାଇଁ କୁନାଲ ଆବେଦନ କରିଛନ୍ତି କିନ୍ତୁ ଯାହାବି ହେଉ କୁନାଲଙ୍କୁ ସିନ୍ଦେଙ୍କୁ କ୍ଷମା ମାଗିବାକୁ ପଡିବ ।

# ୨୦୧୭ରୁ କିସ୍‌ରେ କାହିଁକି ହୋଇନି ସିଡବ୍ଲ୍ୟୁସି ସୁପାରିଶ ଅନୁପାଳନ ?




ଭୁବନେଶ୍ୱର, ୨୮/୩ (ନି.ପ୍ର): କିସ୍‌ରେ ଛାତ୍ରଛାତ୍ରୀଙ୍କ ରହଣୀ ଅତି ନିମ୍ନମାନର, ଆଦିବାସୀ ପିଲା ରହୁଥିବା କୋଠରୀ ଗୁଡ଼ିକରେ ଅତ୍ୟଧିକ ଭିଡ଼ ଓ ଆବଶ୍ୟକ ପରିମାଣର ଟଏଲେଟର ଅଭାବ, ଅପରିଷ୍କାର ପରିବେଶ ସାଙ୍ଗକୁ ମୌଳିକ ସୁବିଧାର ଅଭାବ ନେଇ ଦୀର୍ଘ ୮ବର୍ଷ ତଳୁ ଅର୍ଥାତ୍ ୨୦୧୭ ଜୁଲାଇ ୬ରେ ଜିଲ୍ଲା ଶିଶୁ ବିକାଶ କଲ୍ୟାଣ କମିଟି ବା ସିଡବ୍ଲ୍ୟୁସି ରିପୋର୍ଟ ଓ ସୁପାରିସ କରିଥିଲେ । ହେଲେ ତାର କାହିଁକି ହୋଇନି ଅନୁପାଳନ ? ସେ ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କଠୁ ସ୍ପଷ୍ଟୀକରଣ ମାଗିଛନ୍ତି ଜାତୀୟ ମାନବାଧିକାର କମିଶନ । ସେହିଭଳି ପିଲାଙ୍କ ସୁରକ୍ଷା, ଛାତ୍ରଛାତ୍ରୀଙ୍କ ପ୍ରତି ଧର୍ମ, ଜାତୀୟତା ଓ ଲିଙ୍ଗ ବର୍ଣ୍ଣ ଆଦି ପାତରଅନ୍ତର ରୋକିବା ସମ୍ପର୍କରେ କିସ୍‌ର ୟୁଜିସି ଗାଇଡଲାଇନ୍ ଉଲ୍ଲଂଘନ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ରିପୋର୍ଟ ଦେବାକୁ ୟୁଜିସି ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ଏନଏଚଆରସି ସଦସ୍ୟ ପ୍ରିୟଙ୍କ କାନୁନଗୋ । ଏପଟେ ଖୋର୍ଦ୍ଧା ଜିଲ୍ଲାପାଳ କହିଛନ୍ତି ଏନଏଚଆରସିଙ୍କ ପାଖରୁ ନିର୍ଦ୍ଦେଶନାମା ଆସିଥିବା କଥା ସେ ଗଣମାଧ୍ୟମରୁ ଜାଣିବାକୁ ପାଇଛନ୍ତି। ସେଠୁ ଯାହା ▶▶ପୃଷ୍ଠା ୭

# ରାଜ୍ୟରେ ଫେରିଲା ତାତି: ୩ ଦିନ ପାଇଁ ହିଟୱେଭ୍ ୱାର୍ଣ୍ଣିଂ



ଭୁବନେଶ୍ୱର, ୨୮/୩ (ନି.ପ୍ର): ତତଲା କଢ଼େଇରେ ସିଝିବ ଓଡ଼ିଶା। ପୁଣି ଅସହ୍ୟ ତାତି ଓ ଗୁଳିଗୁଳିରେ କଲବଲ ହେବ ଜନଜୀବନ । କାରଣ କାଳବୈଶାଖୀ ପରେ ରାଜ୍ୟରେ ପୁଣିଥରେ ଫେରିଛି ତାତି । ଆଜିଠୁ ୩ ଦିନ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିବ । ଏନେଇ ୩ ଦିନ ପାଇଁ ହିଟୱେଭ୍ ସତର୍କତା ଜାରି କରିଛି ପାଣିପାଗ ବିଭାଗ । ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସମୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ । ୪୦ ଡିଗ୍ରୀ କିମ୍ବା ତା'ଠୁ ଅଧିକ ରହିବ ପାରଦ । ଆଜି ପାଇଁ ସମ୍ବଲପୁର ଓ ବୌଦ୍ଧ ଜିଲ୍ଲାକୁ ▶▶ପୃଷ୍ଠା ୭

# ଲୋୟର ପିଏମ୍‌ଜି ରଣକ୍ଷେତ୍ର ପାଟଲିବା ଘଟଣାରେ ମାମଲା ରୁଜୁ: ସେପଟେ ପୋଲିସ ବିରୁଦ୍ଧରେ ଓଏଚଆରସିରେ ମାମଲା

ଭୁବନେଶ୍ୱର, ୨୮/୩ (ନି.ପ୍ର): କଂଗ୍ରେସର ବିଧାନସଭା ଘେରାଉ ବେଳେ ଲୋୟର ପିଏମ୍‌ଜି ରଣକ୍ଷେତ୍ର ପାଟଲିବା ଘଟଣାରେ ରୁଜୁ ହେଲା ୩ଟି ମାମଲା । କ୍ୟାପିଟାଲ ଥାନାରେ ପୋଲିସ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଛି । ଗୋଟିଏ ପୋଲିସ ଗାଡି ପୋଡି ଏବଂ ଅନ୍ୟଟି ପୋଲିସକୁ ଆକ୍ରମଣ ଘଟଣାରେ ମାମଲା ରୁଜୁ । ଏହା ପୂର୍ବରୁ ବିଧାନସଭା ଗେଟ୍ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ନେଇ ଏକ ମାମଲା ରୁଜୁ ହୋଇଥିଲା । ସେପଟେ ଲାଠି ଚାର୍ଜ ଘଟଣାରେ ପୋଲିସ ବିରୁଦ୍ଧରେ ହ୍ୟୁମାନ ରାଇଟ୍ସ କମିଶନରେ ମାମଲା ରୁଜୁ ହୋଇଛି । ମାମଲା ରୁଜୁ କଲେ ଆଇନଜୀବୀ ଲଲାଟେନ୍ଦୁ ଦାସ । ପୋଲିସ ଡିଜି, ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ବିରୁଦ୍ଧରେ ଅଭିଯୋଗ । ବିନା କାରଣରେ କଂଗ୍ରେସ କର୍ମୀଙ୍କ ଉପରେ ପ୍ରଥମେ ପୋଲିସ ଲାଠିମାଡ଼ କରିଥିବା ଅଭିଯୋଗ ହୋଇଛି । କଂଗ୍ରେସର ୧୦୦ରୁ ଅଧିକ କର୍ମୀ ଆହତ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି । ଗୁରୁବାର କଂଗ୍ରେସର ବିଧାନସଭା ଘେରାଉ ବେଳେ କାହିଁକି ରଣକ୍ଷେତ୍ର ପାଲଟିଲା ଲୋୟର ପିଏମଜି ? ପୋଲିସ ଉପରକୁ ଅଣ୍ଡା, ଟମାଟୋ, ଢେ଼ଲା ପଥର, ଚେୟାର ମାଡ଼ କଲା କିଏ ? କିଏ ପୋଲିସ ପିସିଆର ଭ୍ୟାନ୍‌ରେ ନିଆଁ ଲଗାଇଲେ ? ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ▶▶ପୃଷ୍ଠା ୭

# କେନ୍ଦ୍ର ସରକାରଙ୍କ ଉପହାର: ବଢ଼ିଲା ମହଙ୍ଗା ଭତ୍ତା



ନୂଆଦିଲ୍ଲୀ, ୨୮/୩ : କେନ୍ଦ୍ର ସରକାରଙ୍କ ପକ୍ଷରୁ ସରକାରୀ କର୍ମଚାରୀଙ୍କୁ ଏକ ବଡ ଉପହାର ମିଳିଛି। ସମସ୍ତ କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ୨ ପ୍ରତିଶତ ବୃଦ୍ଧି କରିଛନ୍ତି ସରକାର। ପୂର୍ବରୁ ଏହା ୫୩ ପ୍ରତିଶତ ରହିଥିବା ବେଳେ ବର୍ତ୍ତମାନ ଏହାକୁ ୫୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାରଙ୍କ ଶୁକ୍ରବାର ନିଆଯାଇଥିବା ନିଷ୍ପତ୍ତିରେ ପ୍ରାୟ ୧.୧ କୋଟି ସରକାରୀ କର୍ମଚାରୀ ଓ ପେନ୍‌ସନ୍ ଭୋଗୀ ଉପକୃତ ହେବେ। ଏମାନଙ୍କୁ ଅଧିକ ଲାଭ ମିଳିବ । ୨୦୨୫ ଜାନୁଆରୀ ୧ ତାରିଖରୁ ଏହାକୁ ପିଛିଲା ଭାବେ ଲାଗୁ କରାଯିବ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଅଧୀନରେ ୩୬.୫୭ ଲକ୍ଷ କର୍ମଚାରୀ ଓ ୩୩.୯୧ ଲକ୍ଷ ପେନସନ ଗ୍ରହଣ କରୁଥିବା କର୍ମଚାରୀ ରହିଛନ୍ତି। ସର୍ବଭାରତୀୟ ଗ୍ରାହକ ଦର ସୂଚକାଙ୍କ ଜରିଆରେ ଡିଏର ହିସାବ କରାଯାଏ । ଏହି ସୂଚକାଙ୍କ ଖୁଚୁରା ବଜାରର ମୂଲ୍ୟକୁ ଟ୍ରାକ କରି ଉଭ ବୃଦ୍ଧି ନେଇ ନିଷ୍ପତ୍ତି ନିଏ । ଉଭ ବର୍ଷକୁ ଦୁଇ ଥର ସଂଶୋଧିତ କରାଯାଏ । କର୍ମଚାରୀଙ୍କୁ ସେମାନଙ୍କ ଜୀବନ ଧାରଣ କ୍ଷମତାରେ ଆର୍ଥିକ ସହାୟତା ପାଇଁ ଡିଏର ବ୍ୟବସ୍ଥା କରାଯାଇଛି। ଏପର୍ଯ୍ୟନ୍ତ ୧୮,୦୦୦ ଟଙ୍କା ମୂଳ ଦରମା ଥିବା କର୍ମଚାରୀଙ୍କୁ ୫୩% ଭତ୍ତା ମିଳୁଥିଲା, ଯାହା ୯,୫୪୦ ଟଙ୍କା ସହିତ ସମାନ। ଏବେ ୫୫ ପ୍ରତିଶତ ହାରରେ କର୍ମଚାରୀଙ୍କୁ ୯,୯୦୦ ଟଙ୍କା ମିଳିବ। ସେହିଭଳି ୫୦ହଜାର ଟଙ୍କା ମୂଳ ଦରମା ଥିବା କର୍ମଚାରୀଙ୍କୁ ୫୩% ଭତ୍ତା ମିଳୁଥିଲା, ଯାହା ୨୬,୫୦୦ ଟଙ୍କା ସହିତ ସମାନ। ▶▶ପୃଷ୍ଠା ୭

# ଆର୍ଟିଫିସିଆଲ ଇଂଟେଲିଜେନ୍ସର ଭବିଷ୍ୟତ ବିଷୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଲୋଚନା

ଜୟପୁର,୨୮/୩ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ପକ୍ଷରୁ ୨୭ ମାର୍ଚ୍ଚ ୨୦୨୫ରେ 'ଆର୍ଟିଫିସିଆଲ ଇଂଟେଲିଜେନ୍ସର ଭବିଷ୍ୟତ : ସ୍ୱଚ୍ଛ ଏବଂ ବିଶ୍ୱସନୀୟ ବ୍ୟବସ୍ଥା ପାଇଁ ବ୍ଲକଚେନର ଉପଯୋଗ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କମ୍ପ୍ୟୁଟର ବିଜ୍ଞାନ ବିଭାଗର ମୁଖ୍ୟ , ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ତଥା ଭାରପ୍ରାପ୍ତ କୁଳ ସଚିବ ତଥା ଆସୋସିଏଟ୍ ପ୍ରଫେସର ଡ. ରାକେଶ କୁମାର ଲେଙ୍କା ଏହି ବିଷୟରେ ଏକ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୁଭେଚ୍ଛା ଜଣାଇଥିଲେ । ଆସୋସିଏଟ୍ ପ୍ରଫେସର ତଥା ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡ. କପିଳା ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେବା ସହ ଶିକ୍ଷାଦାନ ଓ ଗବେଷଣା ଉପରେ ଏଆଇର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଡଃ. ଭରତ କୁମାର ପଣ୍ଡା ଏଆଇ ସମ୍ପର୍କରେ ଚିନ୍ତା ପ୍ରକଟ କରିବା ସହ ଶିକ୍ଷା ର ଶୃଙ୍ଖଳା ଉପରେ ଏହାର ପ୍ରଭାବ ବିଷୟରେ ବର୍ଣ୍ଣନା କରିଥିଲେ । ସମାଜବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ଡଃ. ଦୀପ୍ତି ଶଙ୍କର ବୈଷୟିକ ଉନ୍ନତି ଯୁଗରେ ଶିକ୍ଷାବିତ୍ମାନେ ପ୍ରାସଙ୍ଗିକ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମାଜବିଜ୍ଞାନର ସହକାରୀ ପ୍ରଫେସର ଡ. ଏଲିସା ମହାନ୍ତି ଅଧିବେଶନକୁ ସଂଯୋଜନା କରି ଆଲୋଚନା ପରିଚାଳନା କରିଥିଲେ।

ଡଃ. ଲେଙ୍କାଙ୍କ ତାଙ୍କ ବକ୍ତବ୍ୟରେ ଏଆଇର ଶୃଙ୍ଖଳିତ ସମ୍ଭାବନା ଏବଂ ସ୍ୱାସ୍ଥ୍ୟସେବା, ଶିକ୍ଷା, ଅର୍ଥ ଓ ଶାସନ ଭଳି ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ । ସେ ଏଆଇ, ବ୍ଲକଚେନ୍ ଟେକ୍ନୋଲୋଜି, ହ୍ୟାସିଂ ଆଲଗୋରିଦମ୍ ଏବଂ ଆପ୍ଲିକେସନ୍ ର ପରିଚାଳନାର ରୁବ୍ରିକ୍ଗୁଡ଼ିକୁ ଏକ ଆନ୍ତଃବିଭାଗୀୟ ଶିକ୍ଷାର୍ଥୀଙ୍କ ନିକଟରେ ବର୍ଣ୍ଣନା କରିଥିଲେ। ଏକ ଡିଜିଟାଇଜେଡ୍ ସମାଜରେ ଜ୍ଞାନାତ୍ମକ, ଅଣ-ମାନୁଆଲ୍ କାର୍ଯ୍ୟର ପ୍ରାଧାନ୍ୟ ଏବଂ ଅଟୋମେସନ୍-ପ୍ରେରିତ ଚାକିରି କ୍ଷତିର ମୁକାବିଲା ପାଇଁ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି (ଆଇସିଟି) ଏବଂ ଏଆଇରେ ଆବଶ୍ୟକ ତାଲିମର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ଡଃ. ଦୀପ୍ତି ଶଙ୍କର ଡ. ଆଦିତ୍ୟ କେଶରୀ ମିଶ୍ର, ଡଃ. ନୂପୁର ପଟ୍ଟନାୟକ, ଡଃ. ସୌଭାଗ୍ୟ ଲକ୍ଷ୍ମୀ ସିଂହ, ଡ. ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ସମାଜବିଜ୍ଞାନ, ଶିକ୍ଷା, ଅର୍ଥନୀତି, କମ୍ପ୍ୟୁଟର ବିଜ୍ଞାନ, ବ୍ୟବସାୟ ପରିଚାଳନା ଓ ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳା ପରିଚାଳନା ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି । ଏମ୍ଏ ଦ୍ୱିତୀୟ ସେମିଷ୍ଟରର ମିସ୍ ମୋନାଲିଷା ଜେନା କାର୍ଯ୍ୟକ୍ରମ ଉପସ୍ଥାପନ କରିଥିବା ବେଳେ ସମାଜବିଜ୍ଞାନ ବିଭାଗର ଏମ୍ଏ ଚତୁର୍ଥ ସେମିଷ୍ଟର ଛାତ୍ରୀ ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୂହ ସଫେଇ କାର୍ଯ୍ୟକ୍ରମ

ଜୟପୁର,୨୮/୩ (ନି.ପ୍ର): ଜୟପୁର ପୌରପାଳିକା ଦ୍ୱାରା ସମୂହ ସଫେଇ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ପୌରାଂଚଳର ଗାନ୍ଧୀ ଛକ କେନାଲ ରୋଡରୁ ଆରମ୍ଭ ହୋଇ ପାରାବେଢା ଛକ ଶେଷ ହୋଇଯାଥିଲା । ସକାଳ ୭ଟାରେ ଆରମ୍ଭ ହୋଇ ଦିନ ୧୦ ଟା ରେ ଶେଷ ହୋଇଥିଲା ।

ଜୟପୁର ଉପ ଜିଲାପାଳ ତଥା ପୌର ନିର୍ବାହୀ ଅଧିକାରି ଆକାବରମ ଶଶ୍ୟା ରେଡ୍ଡି , ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରି କୃତିବାସ ସାହୁ, ପୌର ଉପାଧ୍ୟକ୍ଷ ବି. ସୁନିତା, କାଉନସିଲର ଜସପାଲ ସିଂ, ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଦେବେନ୍ଦ୍ର ଚୈଧୁରି, ପଦ୍ମା ରେଡ୍ଡି, ପୌର ସଫେଇ କର୍ମଚାରି, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଏନସିସି କ୍ୟାଡେଟ, ଜୟ ଜଗନ୍ନାଥ କଲେଜର ଛାତ୍ର ଛାତ୍ରୀ ଉପସ୍ଥିତ ରହି ସଫେଇ କରିଥିଲେ ।

# ମୂଲ୍ୟବୋଧଭିତ୍ତିକ ନୈତିକ ଶିକ୍ଷା ଓ ସାହିତ୍ୟ ଜୀବନ ଗଠନ ପାଇଁ ଅପରିହାର୍ଯ୍ୟ

ପୁରୀ,୨୮/୩ (ନି.ପ୍ର): ଆଜିର ସମାଜରେ ଭଲ ମଣିଷର ଘୋର ଅଭାବ ରହିଛି। ଶିକ୍ଷା ଓ ସାହିତ୍ୟ ହିଁ ଭଲ ମଣିଷ ସୃଷ୍ଟି କରିବାର ପ୍ରକୃଷ୍ଟ ମାଧ୍ୟମ । ଶୈକ୍ଷିକ ମୂଲ୍ୟବୋଧ, ସାହିତ୍ୟ ଓ ଜୀବନ ଦର୍ଶନର ବାର୍ତ୍ତା ମାଧ୍ୟମରେ ସମାଜରେ ସୁମଣିଷ ଗଢି ତୋଳିବାକୁ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କବିତା ପାଠୋତ୍ସବ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଭାରତର ଉତ୍ତର ପୂର୍ବାଂଚଳ ପରିଷଦର ପ୍ରାକ୍ତନ ସଂସ୍କୃତି ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ରଯୋଗଦେଇ କହିଥିଲେ । ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡଃ. ହେମନ୍ତ ଛୋଟରାୟ, ପୁରୀ ପ୍ରିୟପାତ୍ର ସମ୍ପାଦକ କବି ବିପିନ୍ ଦଳାଇ, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ସୁସାହିତ୍ୟିକା ଶୈଳବାଳା ମହାପାତ୍ର, ଶିକ୍ଷାବିତ୍ ସନ୍ତୋଷ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ,ଶୁଭେନ୍ଦୁ ଶତପଥୀ ପ୍ରମୁଖ ଛାତ୍ର ଶିକ୍ଷକ ଓ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରାରମ୍ଭରେ ବର୍ଷୀୟାନ କବି ପଦ୍ମ ଭୂଷଣ ସ୍ୱର୍ଗତ ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ମୋ ଓଡ଼ିଶା ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଂସ୍କୃତି ପ୍ରେମୀ ଆଶୁକବି ଅଭୟ ଚରଣ ସାହୁଙ୍କ ପୌରହିତ୍ୟ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସୁସଯୋଜିକା ଜ୍ୟୋସ୍ନାମୟୀ ସ୍ୱାଇଁ ଓ କବି ଅଜୟ ବଳିୟାର ସିଂହ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ଏଥିରେ କବି ସୁଦର୍ଶନ ପ୍ରଧାନ, ରୋହିତ ଚମ୍ପତି, ମଲ୍ଲିକା ସିଂ, ପ୍ରଭାତ ସେଠୀ , ଆଧ୍ୟାତ୍ମିକ ପ୍ରବଚକ ଶରତ ରାଉତ, ବ୍ୟଙ୍ଗକବି ଶରତ ମହାପାତ୍ର,ଶ୍ରୀମାନ ଗବା, ମହେଶ୍ୱର ବେହେରା,ନାରାୟଣ ମନୋହରୀ , ଜିତେନ୍ଦ୍ର ପେଣ୍ଟୋଇ ଦିତିକୃଷ ମହାନ୍ତି,କବୟିତ୍ରୀ ମଲ୍ଲିକ ସିଂ,ସରସ୍ୱତୀ ଜୟ ସିଂ, ନମିତା ସ୍ୱାଇଁଙ୍କ ସହ ଡେଲାଙ୍ଗ, ପିପିଲି, ବଳଙ୍ଗା, ସତ୍ୟବାଦୀ, ପୁରୀ ଖୋର୍ଦ୍ଧା ଆଦି ବିଭିନ୍ନ ଅଂଚଳରୁ କବି କବୟିତ୍ରୀମାନେ ସ୍ୱରଚିତ କବିତା ଗାଇ ସମାଜକୁ ଦିଗ ଦର୍ଶନର ନୈତିକ ବାର୍ତ୍ତା ଦେଇଥିଲେ। କବି ବିପିନି ଦଳାଇ ଓ ମହେଶ୍ୱର ବେହେରା ବିଦ୍ୟାଳୟ ପାଠାଗାରକୁ କିଛି କବିତା ପୁସ୍ତକ ପ୍ରଦାନ କରିଥିଲେ। କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସେଠୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ। ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଆତିଥେୟତା, ପ୍ରଶଂସା ପତ୍ର ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ସମସ୍ତଙ୍କୁ ସ୍ୱାଗତ ସହ କୃତଜ୍ଞତା ଜ୍ଞାପନ କରିଥିଲେ।

## ଟିଲେଇମାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ସମ୍ବଲପୁର,୨୮/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଟିଲେଇମାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଫାଶୀମାଲ ସରପଂଚ ମାଧବୀଲତା ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଫାଶୀମାଲ କ୍ଲଷ୍ଟର ସିଆରସିସି ଗୋପାଳଜୀ ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁବାଷ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକୋତ୍ସବ ପାଇଁ ସ୍କୁଲରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମନୋଜ୍ଞ ନୃତ୍ୟ ପରିବେଷଣ କରାଯାଇଥିଲା।

# କେଗାଁ ଥାନା ବୋର୍ଡ଼ ପୋଲିସର ସଫଳତା ୬୦ କେ.ଜି.ରୁ ଅଧିକ ଗଞ୍ଜେଇ ଜବତ : ଜଣେ ଗିରଫ, ଜଣେ ଫେରାର୍

ଭବାନୀପାଟଣା,୨୮/୩ (ନି.ପ୍ର): କେଗାଁ ଥାନା ବୋର୍ଡ଼କ୍ଷ ପୋଲିସକୁ ମିଳିଛି ସଫଳତା ପୋଲିସ ଏସ.ଡି.ପି.ଓ. ଅଜଙ୍କ୍ୟୁ ମାଣେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇ କହିଛନ୍ତି ଯେ, ପ୍ରକାଶ, କଳାହାଣ୍ଡି ଜିଲ୍ଲାର ମିଲକି ଅଂଚଳ କହିଲେ ପ୍ରାୟ ବୋରଡ଼ା ଅଂଚଳକୁ ବୁଝାଇ ଥାଏ, ଏହି ଅଂଚଳର ଲୋକ ମାନେ ପ୍ରାୟ ସରଳ, ବିଶ୍ୱାସୀ, କର୍ମଠ, ଏହି ଅଂଚଳକୁ ଦୂଷିତ, କଳୁଷିତ କରୁଥିବା କେତେ ଅସାମାଜିକ ବ୍ୟକ୍ତି ମାନେ ବିଭିନ୍ନ କଳା ବଜାରୀ କରି ବିଭିନ୍ନ ଦୁର୍ନୀତି, ମାରାତ୍ମକ ଗୁପ୍ତ ବ୍ୟବସାୟ କରି ନିଜେ ମାଲାମାଲ ହୋଇ ଯାଉଛନ୍ତି, କାଲି ଦାଣ୍ଡରେ ଭିକାରି ଆଜି କୋଟିପତି, ଏପରି ଏକ ଘଟଣାରୁ ପର୍ଦା ଫାସ କରି ପୋଲିସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ, କେଗାଁ ଥାନା ବୋରଡ଼ା ପୋଲିସ ଅଧିନସ୍ଥ ସାପ ସିଲେଟ ଗ୍ରାମର ବିଜୟ କୁମାର ଛୁରା (୪୮) ପନିପରିବା ବ୍ୟବସାୟ କରି ଚଳୁଥିବା ଭଳି ଜଣାଯାଉଥିବା ବ୍ୟକ୍ତିଙ୍କ ଭିତିରି ବ୍ୟବସାୟ ଥିଲା ଏକ ଚମତ୍କାର, ଯାହାକି ଅଂଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏହି ଛୁରା ବାବୁ ଭିତିରି ଭିତିରି ଗଞ୍ଜାଇ ବ୍ୟବସାୟ କରି ମାଲାମାଲ ହୋଇ ନିରୀହ ଚେହେରାରେ ସୋ ହେଉଥିଲା, ବିଶେଷ ସୂତ୍ରରୁ ବୋର୍ଡ଼କ୍ଷ ଭାରପ୍ରାପ୍ତ ପୋଲିସ ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ଓ ଟିମ୍, କେଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ମୁକୁନ୍ଦ ଦେବ ନାୟକ ଓ ପୋଲିସ ଟିମ ଗତ ପରଦିନ ସାପସିଲେଟ ଗ୍ରାମରେ ଚଢ଼ଉ କରିଥିଲେ ଏବଂ ଅଭିଯୁକ୍ତ ବିଜୟ କୁମାର ଛୁରାଙ୍କ ଘରୁ ପ୍ରାୟ ୬୦ କେ.ଜି. ରୁ ଅଧିକ ଗଞ୍ଜେଇ ଜବତ କରିବା ସହ ବିଜୟ ଛୁରାଙ୍କୁ ଗିରଫ କରିବା ସହ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପ୍ରକାଶ କରିଥିଲେ କ୍ଷ ପୋଲିସ ଅଫିସର ଶ୍ରୀ ମାଣେ, ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ, ଅଂଚଳରେ ଯାହା ବି ବଦମାସୀ କଳା ବ୍ୟବସାୟୀଙ୍କୁ ଉଚିତ ଦଣ୍ଡ ଦେବା ସହ ଫେରାର ଆସାମୀଙ୍କୁ ଯଥାଶୀଘ୍ର ଗିରଫ କରିବାକୁ କହିଥିଲେ, ଏବଂ ସମସ୍ତ ପୋଲିସ କର୍ମଚାରୀଙ୍କୁ ପ୍ରଶଂସା କରି ଧନ୍ୟବାଦ ଦେଇଥିଲେ, ତତ ସହ କିଛି ଦିନ ମଧ୍ୟରେ ଗାଁ ରେ ଜଣେ ଅଭିଯୁକ୍ତଙ୍କ ଘରକୁ ଘେରାଉ କରିବା ବେଳେ ମୁଖ୍ୟ ଆସାମୀ ଫେରାର୍ ଥିବା ବେଳେ ତାର ଭାଇକୁ ଗିରଫ କରି ପୋଲିସ ହେପାଜତରେ ଅଧିକ ତଦନ୍ତ କରୁଥିବା ଜଣାଯାଏ। ଏହି ସାପସିଲେଟ ଗ୍ରାମର ଗଞ୍ଜେଇ ବେପାରୀଙ୍କୁ ଗତକାଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଭବାନୀପାଟଣା ତହସିଲଦାର ମେଡମ ଆସି ଭିତିରିଆ ତଦନ୍ତ କରିଥିଲେ। ସାମ୍ବାଦିକଙ୍କ ନଜରକୁ ଗଞ୍ଜେଇର ଓଜନ କରିବା ଦୃଶ୍ୟକୁ ବାରଣ କରାଯାଇଥିଲା। ଗଞ୍ଜେଇକୁ କେତେ ପରିମାଣ ଜବତ କରି ଓଜନ କରାଯାଇଥିଲା ତାହା ଲୋକ ଲୋଚନକୁ ଆସି ନଥିବା ଜଣାଯାଏ । ଦେଖାଯାଉ ଆଗାମୀ ପଦକ୍ଷେପ କଣ ହେଉଛି ।

# ମୋବାଇଲ୍ ଲୁଟ ଘଟଣା : ହଜି ଯାଇଛି ବୋଲି ଜବରଦସ୍ତ ଏଫଆଇଆର ରୁଜୁ

ସୁବର୍ଣ୍ଣପୁର,୨୮/୩ (ନି.ପ୍ର): ଜଣେ ବାଟୋଇଙ୍କ ଠାରୁ ମୋବାଇଲ ଲୁଟ କରିବା ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ମୋବାଇଲ ହଜି ଯାଇଛି ବୋଲି ଜବରଦସ୍ତ ଏଫଆଇଆର ରୁଜୁ କଲା ବିନିକା ପୋଲିସ ।ସୂଚନାଯୋଗ୍ୟ ଯେ, ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଶଙ୍କରା ଗ୍ରାମର ରମାକାନ୍ତ ପାଣିଗ୍ରାହୀ କୌଣସି କାମରେ ବିନିକା ଆସୁଥିବା ବେଳେ ଚରଦା ଗାଁ ମୁଣ୍ଡ ବନ୍ଧ ରାସ୍ତାରେ ଅଟକି ଫୋନରେ କଥା ହେଉଥିବା ବେଳେ ୨ଜଣ ଦୁର୍ବୃତ୍ତ ମୋଟର ସାଇକଲରେ ଆସି ତାଙ୍କ ଠାରୁ ମୋବାଇଲ ଛଡାଇ ନେଇ ପଳାଇ ଯାଇଥିଲେ । ପରେ ରମାକାନ୍ତ ଏହି ଘଟଣା ନେଇ ବିନିକା ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ଥିବା ଏଏସଆଇ ଅନିଲ ବେହେରା ଏଫଆଇଆର ଲେଖିବାକୁ କହିଥିଲେ । ରମାକାନ୍ତ ଘଟଣା ବାବଦରେ ସମ୍ପୂର୍ଣ୍ଣ ବିବରଣୀରେ ମୋବାଇଲ ଛଡ଼ାଇ ନେଇଥିବା ଲେଖିଥିବା ଦେଖି ପୋଲିସ ବାବୁ ଭଡକି ଯାଇଥିଲେ ଏବଂ ଏଫଆଇଆର ଲେଖା ବଦଳାଇ ମୋବାଇଲ ହଜି ଯାଇଛି ଲେଖ ବୋଲି ଜୋର ଜବରଦସ୍ତ କରିଥିଲେ । ରମାକାନ୍ତ ପୋଲିସର ନାଲି ଆଖି ଭୟରେ ଏଫଆଇଆର ବଦଳାଇବାକୁ ବାଧ ହୋଇଥିଲେ । ପରେ ଏଏସଆଇ ବେହେରା ମୋବାଇଲକୁ ଟ୍ରାକ କରିବୁ ଏବଂ ଚୋରକୁ ଧରିବୁ ବୋଲି କହିଥିଲେ । ମୋବାଇଲ ଟ୍ରାକ କରିବାରୁ ଆଖପାଖ ଅଂଚଳରେ ମୋବାଇଲ ଥିବା ଅନୁମାନ କରାଯାଇଥିଲା । ଘଟଣା ୨୫ ଦିନ ବିତି ଯାଇଥିବା ପରେ ମଧ୍ୟ ପୋଲିସ ଘଟଣାସ୍ଥଳ ଏବଂ ମୋବାଇଲ ଟ୍ରାକ ସ୍ଥାନକୁ ବର୍ତ୍ତମାନ ପର୍ଯ୍ୟନ୍ତ ଯାଇନଥିବା ଜଣାପଡିଛି । ଏଏସଆଇ ବେହେରାଙ୍କୁ ରମାକାନ୍ତ ପଚାରିବାରୁ ଅନ୍ୟ କାମରେ ବ୍ୟସ୍ତତା ଥିବାରୁ ଯାଇ ପାରୁନାହିଁ ବୋଲି ପ୍ରତି ଉତର ଦେଇ ଚାଲିଛନ୍ତି ।ଏପରି ଅନେକ ଘଟଣା ବିଗତ ଦିନରେ ବିତି ଯାଇଛି । ଲୁଟପାଟକୁ ହଜି ଯାଇଥିବା ଦର୍ଶାଯାଇ ଅନେକ ଏଫଆଇଆର ବଦଳାଯାଇଥିବା ଏଥିରୁ ଅନୁମାନ କରାଯାଏ । ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ଥିବା ବେଳେ ପୋଲିସ କିନ୍ତୁ ଲୋକଙ୍କୁ ହଇରାଣ ହରକତ କରି ନିଜ ଦାୟିତ୍ୱରୁ ଓହରି ଯାଉଛି। ଏହା ଏକ ଜ୍ୱଳନ୍ତ ଉଦାହରଣ ସାଜିଥିବା ବେଳେ ଏହି ଘଟଣା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅପାରଗତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଲୋକଙ୍କୁ ନ୍ୟାୟ ଦେଇ ପାରୁ ନଥିବା ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବୀ ହେଉଛି ।

# ଜନବସତିରେ ଶ୍ମଶାନ ନିର୍ମାଣକୁ ବିରୋଧ କରି ତହସିଲଦାରଙ୍କୁ ଭେଟିଲେ ମହିଳା

କେନ୍ଦ୍ରାପଡ଼ା,୨୮/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମର ମଧ୍ୟସ୍ଥଳୀ ୭ନଂ ୱାର୍ଡରେ ପ୍ରସ୍ତାବିତ ନୂତନ ଶ୍ମଶାନଗୃହ ନିର୍ମାଣକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଆଜି ସ୍ଥାନୀୟ ଅ ଳର ଶତାଧିକ ମହିଳା କେନ୍ଦ୍ରାପଡା ତହାସିଲଦାର ତାପସ ରଞ୍ଜନ ଦେହୁରୀଙ୍କୁ ଭେଟିଛନ୍ତି । ଏଥିସହିତ ଜିଲ୍ଲାପରିଷଦ ଅଧ୍ୟକ୍ଷ ଲିଲିତା ଦାସଙ୍କୁ ଭେଟିଥିଲେ । ଅଧ୍ୟକ୍ଷ ଶ୍ରୀମତୀ ଦାସ ସଙ୍ଗେ ସଙ୍ଗେ ତହସିଲଦାରଙ୍କୁ ମଧ୍ୟ ଭେଟି ସମସ୍ୟା ଉପରେ ଆଲୋଚନା କରିଥିଲେ । ତହସିଲଦାର ଶ୍ରୀ ଦେହୁରୀ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଗରାପୁର ରାଜସ୍ୱ ନିରିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ମହିଳାମାନଙ୍କ ଅଭିଯୋଗ କରିଛନ୍ତି ଯେ ସେହି ଅ ଳରେ ଜନବସତି ଥିବା ସହିତ ଏକ ମନ୍ଦିର ଓ ଗାଧୁଆ ତୁଠ ରହିବା ସହିତ ପିଲାମାନେ ଖେଳାଖେଳି କରନ୍ତି । ତେଣୁ ସେଠାରେ ଶ୍ମଶାନ ଗୃହ ନିର୍ମାଣ କରାଗଲେ ସେହି ଅଂଚଳର ଲୋକମାନେ ସେହି ରାସ୍ତାରେ ଯିବାଆସିବା କରିବାକୁ ଭୟଭୀତ ହେବା ସହିତ ପରିବେଶ ଦୂଷିତ ହେବ । ଗୁଲନଗର ଗ୍ରାମବାସୀମାନେ ଆବାହମାନ କାଳରୁ କଜଳା ଶ୍ମଶାନରେ ଶବଦାହ କରୁଛନ୍ତି। ତାହାଦ୍ୱାରା ଗୁଲନଗରବାସୀଙ୍କ ପାଇଁ କୌଣସି ଅସୁବିଧା ହେଉନାହିଁ । ନୂତନ ଶ୍ମଶାନ ଗୃହ ନିର୍ମାଣକୁ ବିରୋଧ କରି ଗ୍ରାମବାସୀମାନେ ପ୍ରସ୍ତାବିତ ଅଂଚଳରେ ଶ୍ମଶାନ ନକରି ଅନ୍ୟ ସ୍ଥାନକୁ ଏହାକୁ ସ୍ଥାନାନ୍ତର କରିବାକୁ ଦାବି କରିଥିଲେ । ଯଦି ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ଦିଆନଗଲେ ଗ୍ରାମବାସୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ତହସିଲଦାରଙ୍କୁ ଚେତାବନୀ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ଗତ ମାର୍ଚ୍ଚମାସ ୨୧ତାରିଖରେ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହିତ କେନ୍ଦ୍ରାପଡା ସଦର ଥାନାରେ ଗୁଲନଗର ସରପଂଚଙ୍କ ସ୍ୱାମୀ କରୁଣାକର ସାହୁ ଏହି ଘଟଣାକୁ ନେଇ ନାନାପ୍ରକାର ଧମକଚମକ ଦେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ରଶ୍ମିତା ରଣା, ସୁଭଦ୍ରା କୁବେର, ରଶ୍ମିରେଖା ସାହୁ, ସୁରଥ ବେଜ୍, ସଂଯୁକ୍ତା ରଣା, ସୁବାସ ବାରିକ, ଅଲେଖ ସେଠୀ, ଗିରିଧାରୀ ବେହେରା, ପର୍ଶୁରାମ ବେହେରା, ଗୌରାଙ୍ଗ ବେହେରା, କୃଷ୍ଣଚନ୍ଦ୍ର ବେହେରା, ଅଭିରାମ ରଣା, ମୌନାବତୀ ସାହୁ, ଗାୟତ୍ରୀ ସାହୁ, ରଞ୍ଜୁଲତା ସାହୁ, ଭାବନା ସାହୁ, ଗୋବିନ୍ଦ ସାହୁ, ଗିରିଧାରୀ ବେହେରା, ପ୍ରବିର ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁରରେ ବିଦାୟକାଳୀନ ସଭା

ଜୟପୁର,୨୮/୩ (ନି.ପ୍ର): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ମୂଲ୍ୟାୟନ କେନ୍ଦ୍ରରେ ବିଜ୍ଞାନ ଓ ଗଣିତ ମୂଲ୍ୟାୟନ ଏକକ ର ଚାରି ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅବସରକାଳିନ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଶ୍ରୀମତୀ ଜ୍ୟୋସ୍ନା ରାଣୀ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ ଏକମ୍ବା, ଦୁର୍ଗା ପ୍ରସାଦ ପାତ୍ର, ସହକାରୀ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର, ଶ୍ରୀମତୀ ସବିତା କୁମାରୀ ପଟ୍ଟନାୟକ, ସହକାରୀ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର, ସନ୍ତୋଷ କୁମାର ପାତ୍ର, ସହକାରୀ ଶିକ୍ଷକ, ପଂଚାୟତ ଉଚ୍ଚବିଦ୍ୟାଳୟ, ଶଶାହାଣ୍ଡିଙ୍କୁ ଅବସରକାଳିନ ବିଦାୟ ଦିଆଯାଇଛି। ଏହି ସଭାରେ ଅଭିଷେକ କୁମାର ଭୁଏ, ପ୍ରଧାନ ଶିକ୍ଷୟିତ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର ସଭାପତିତ୍ୱ କରିଥିଲା ବେଳେ ଧନପୁର ଉଚ୍ଚ ବିଦ୍ୟାଳୟ, ଧନପୁରର ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର ମଂଚ ପରିଚାଳନା କରିଥିଲେ। ସଭାରେ ବିଜ୍ଞାନ ଓ ଗଣିତ ମୂଲ୍ୟାୟନ ଏକକ ର ଜୟପୁର, ବୈପାରିଗୁଡା, କୁନ୍ଦୁରା ବ୍ଲକ ର ସମସ୍ତ ବିଜ୍ଞାନ ଓ ଗଣିତ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ସଭାରେ ସରୋଜ କୁମର ପାଢ଼ୀ, ଶିବରାମ ପାଣିଗ୍ରାହୀ, ଶ୍ରୀମତୀ ସବିତା ରାଣୀ ଷଡ଼ଙ୍ଗୀ, ଗୋରା ଚାନ୍ଦ ତ୍ରିପାଠୀ, ରାମଚନ୍ଦ୍ର ପାଳ, ପ୍ରଶାନ୍ତ କୁମାର ଦାଶ, ନଳିନୀ କୁମାର, ଶ୍ରୀମତୀ ଲିପିକା ପାତ୍ର, ଆଶିଷ ମହାନ୍ତି, ଶ୍ରୀମତୀ ସ୍ୱର୍ଣ୍ଣ ଲତା ମିଶ୍ର, ଶ୍ରୀମତୀ ଜୟଲକ୍ଷ୍ମୀ ଜେନା ସହ ଅନ୍ୟ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସ୍ୱଚ୍ଛତା ପକ୍ଷ ୨୦୨୫ ପାଳନ ଅବସରରେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ




ରାଉରକେଲା,୨୮/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି ) ପକ୍ଷରୁ ଚାଲିଥିବା ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଇସ୍ପାତ ସହରାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଇସ୍ପାତ ସହର ବାସିନ୍ଦାଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଛି । ଏହି ସ୍ୱଚ୍ଛତା ପକ୍ଷ ପାଳନର ଏକ ଅଂଶ ସ୍ୱରୂପ ଏଥିରେ ଶପଥ ଗ୍ରହଣ ଉତ୍ସବ ଏବଂ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପରିଚାଳିତ ନିଃଶୁଳ୍କ ବିଦ୍ୟାଳୟ , ଦୀପିକା ଇସ୍ପାତ ଶିକ୍ଷା ସଦନ (ଡିଆଇଏସଏସ )ର ପ୍ରାୟ ୩୦ ଜଣ ସ୍କାଉଟ୍ ଏବଂ ଗାଇଡ୍, ସେକ୍ଟର-୧୯ , ଇସ୍ପାତ ନେହେରୁ ପାର୍କରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର ?ୟକ୍ରମରେ ସହର ପ୍ରଶାସନ ଓ କୋର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ ଇନଚାର୍ଜ ଶ୍ରୀ ପି କେ ସ୍ୱାଇଁ, ଟାଉନ ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ ଶ୍ରୀ ବି କେ ଜୋଜୋଙ୍କ ସମେତ ଟାଉନ୍ ଇଞ୍ଜିନିୟରିଂ ଏବଂ ସହର ସେବା ବିଭାଗ ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ମାନିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛତା ଶପଥ କରାଇଥିଲେ ଏବଂ ପରେ ସ୍ୱଚ୍ଛତା ପକ୍ଷ ୨୦୨୫ ଅଭିଯାନ ପାଳନ ଉପଲକ୍ଷେ ପାର୍କ ସଫେଇ କାର ?ୟ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ଉଦ୍ୟାନ କୃଷି ଓ ଜେଡଡିପି ବିଭାଗର ଡିଜିଏମ ଡକ୍ଟର ଅଭିଜିତ ବିଶ୍ୱାସ, ଙ୍କ ଦ୍ୱାରା ସଂଯୋଜିତ ହୋଇ ଥିଲା।

ସେହିପରି, ମାର୍ଚ୍ଚ ୨୩ ତାଇଖ ରେ ସେକ୍ଟର ୧୯ ସ୍ଥିତ ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ରେ ମଧ୍ୟ ଏକ ସାମୂହିକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଇସ୍ପାତ ସେଣ୍ଟ୍ରାଲ ମାର୍କେଟ କମିଟି ଦ୍ୱାରା ଆୟୋଜିତ ଏହି ସଫେଇ ଅଭିଯାନ ରେ ଶ୍ରୀ ପି କେ ସ୍ୱାଇଁ ଏବଂ ଶ୍ରୀ ବି କେ ଜୋଜୋ ଯୋଗ ଦେଇଥିଲେ । ଏଥିରେ ଯୋଗ ଦେଇଥିବା ବ୍ୟକ୍ତି ମାନେ ଆରଏସପିର ଜନସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ଥିଲେ। ଅନୁରୂପଭାବେ ସେକ୍ଟର-୫ ଅଭିରାମପାଲି ବସ୍ତିରେ ଆଉ ଏକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା, ଯେଉଁଠାରେ ସ୍ୱଚ୍ଛତା ସ୍ୱାଭିମାନ ଦୃଷ୍ଟି ରୁ ମହିଳାମାନଙ୍କର ଆଉ ଏକ ଗୋଷ୍ଠୀ ବସ୍ତିର ଚତୁଃପାର୍ଶ୍ୱ ଅଞ୍ଚଳଗୁଡ଼ିକୁ ସଫା କରିବା ପାଇଁ ଏକତ୍ରିତ ହୋଇଥିଲେ। ଏହି ଅଭିଯାନଟି ଶ୍ରୀ ବି କେ ଜୋଜୋଙ୍କ ନେତୃତ୍ୱରେ ସମ୍ପାଦିତ ହୋଇଥିଲା ।

ଟାଉନ୍ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ମାର୍ଚ୍ଚ ୨୪ ଦିନ ସ୍ୱଚ୍ଛତା ବାର୍ତ୍ତା ଉପରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ରୋକିବା ଦିଗରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା ଯେଉଁଥିରେ ୩୦ ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଏଥିରେ ଡେ଼ପୁଟି ସିଏମଓ ଡକ୍ଟର ଦୀପା ଡି ଲାଭାଙ୍ଗରେ, ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଜନସ୍ୱାସ୍ଥ୍ୟ ୟୁନିଟ୍ ମଧ୍ୟ ସ୍ୱଚ୍ଛତା ଦିଗରେ ବହୁ ପଦକ୍ଷେପ ମଧ୍ୟରେ ଘରକୁ ଘର ବୁଲି ସଚେତନତା ଅଭିଯାନ ଚଳାଇବା ସହିତ ସହରାଞ୍ଚଳରେ ଲିଫଲେଟ୍ ବଣ୍ଟନ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କପଡ଼ା ବ୍ୟାଗ ବିକ୍ରୟ କରି ଲୋକଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ରୋକିବାକୁ ଉତ୍ସାହିତ କରିବା ଆଦି ଅନ୍ତର୍ଭୁକ୍ତ । ଏହି ଅଭିଯାନଗୁଡ଼ିକରେ ଟାଉନ ଇଞ୍ଜିନିୟରିଂ ଜଣ ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ରସାନନ୍ଦ ପ୍ରଧାନ ନେତୃତ୍ୱ ନେଇଥିଲେ।

## ଟିହିଡ଼ିରେ ଗଙ୍ଗାମାତାଙ୍କ ପୂଜା ଅନୁଷ୍ଠିତ

ଭଦ୍ରକ,୨୮/୩ (ନି.ପ୍ର): ଭଦ୍ରକ ଜିଲା ଟିହିଡ଼ି ହରିପୁରସ୍ଥିତ ବାରୁଣି ପୋଖରୀ ଠାରେ ଗଙ୍ଗାମାତାଙ୍କ ପୂଜା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ୧୯୭୩ ମସିହାରୁ ଆଜି ପର୍ଯ୍ୟନ୍ତ ଏଠାରେ ଗଙ୍ଗାମାତାଙ୍କ ପୂଜା ନିରବଚ୍ଛିନ୍ନ ଭାବେ ମହାସମାରୋହରେ ପାଳିତ ହୋଇ ଆସୁଅଛି। ଚୈତ୍ରମାସ ଦ୍ୱାଦଶୀ ତିଥିରେ ବାରୁଣି ସ୍ନାନ ପଡ଼ିଥାଏ। ପ୍ରତି ବର୍ଷ ଏଠାରେ ଥିବା ପୋଖରୀରେ ଏହି ତିଥିରେ ଭୋର ସମୟରେ ଆଖପାଖ ଅ ଳର ବହୁ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ଗଙ୍ଗାମାତାଙ୍କୁ ଦର୍ଶନ କରି ଆଶିର୍ବାଦ ଲାଭ କରିଥାନ୍ତି। ବିଶେଷକରି ବିବାହ ବ୍ରତ ପରି ଶୁଭକାର୍ଯ୍ୟରେ ଲାଗିଥିବା ପଇଡ଼ିମଣିଣା ଓ ନୋଳ ମୁକଟକୁ ମହିଳାମାନେ ବାରୁଣି ସ୍ନାନ ଦିନ ପୋଖରୀରେ ବିସର୍ଜନ ଦେଲେ ଶୁଭଫଳ ପ୍ରାପ୍ତ ହୁଏ ବୋଲି ଲୋକବିଶ୍ୱାସ ରହିଛି। ଏଠାରେ ୫ଦିନ ବ୍ୟାପି ମେଳା ଚାଲିଥାଏ। ଏହି ମେଳାକୁ ସ୍ୱର୍ଗତ ଗୋଲକ ଜେନା (କେଳା) ଆରମ୍ଭ କରିଥିବାରୁ ଏହାକୁ କେଳାବାରୁଣୀ ନାମରେ କୁହାଯାଇ ଆସୁଅଛି। ଚଳିତ ବର୍ଷ କର୍ତ୍ତା ଭାବେ ସର୍ବେଶ୍ୱର ନାୟକ ଓ ଗଣେଶ ଚନ୍ଦ୍ର ଜେନା ଏବଂ ମୁଖ୍ୟ ପୂଜକ ଭାବେ ଶୁକଦେବ ଦାଶ, ରଘୁବୀର ଦାଶ ମା'ଙ୍କ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ସଭାପତି ପ୍ରଭାତ ରାଉଳ, ସଂପାଦକ ବିଷ୍ଣୁ ଚନ୍ଦ୍ର ଦାଶ, ବରିଷ୍ଠ ସଦସ୍ୟ ପାର୍ଥସାରଥି ନାୟକ, ବାପୁଜୀ ନାୟକ, ମନୋରଂଜନ ବେହେରା, ବିଜୟ ସାହୁ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ନାଟକ ଦିବସ ପାଳିତ

ଜୟପୁର,୨୮/୩ (ନି.ପ୍ର): ବିଶ୍ୱ ନାଟକ ଦିବସ ଅବସର ରେ କୋରାପୁଟିଆ କଳା ଓ କଳାକାର ତରଫରୁ ଏକ କାର୍ଯ୍ୟକ୍ରମ ସ୍ଥାନୀୟ ଗୀତାଞ୍ଜଳି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଥିଲା । ଏଥିରେ ବରଷ୍ଠ କଳାକାର ଗୋବିନ୍ଦ ଚନ୍ଦ୍ର ସାହୁ, ସତ୍ୟ ମିଶ୍ର, ଗୋପାଳ ସାମନ୍ତରାୟ, ସୁଧାକର ପଟନାୟକ, ରବୀନ୍ଦ୍ର ପାତ୍ର ଅତିଥି ରୂପେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସର ରେ ଏକ ନାଟକ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ସଂଯୋଜନା କରିଥିଲେ । ଏହିକାର୍ଯ୍ୟକ୍ରମକୁ ମହମ୍ମଦ ସାରିଫ, ଶ୍ରୀକାନ୍ତ ଦାସ, ଜୟନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ଜୟପୁର ସହର ର ବହୁ କଳାକାର ଉପସ୍ଥିତ ଥିଲେ ।

# ବିନା ପେନକିଲରରେ କମିବ ମୁଣ୍ଡବିନ୍ଧା



ଅଧିକାଂଶ ସମୟ ଆପଣଙ୍କ ମଣ୍ଡ ବିନ୍ଧୁଛି କି ? ବିନା ପେନକିଲରରେ ଯଦି ମୁଣ୍ଡ ବିନ୍ଧା କମ ହେଉଛି ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। ସାବଧାନ, ପେନକିଲର ଅଧିକ ସେବନ କ୍ଷତି ପହଞ୍ଚାଇପାରେ ଆପଣଙ୍କ ଶରୀରରେ ଅନ୍ୟ ଅଙ୍ଗକୁ। ତେବେ ବିନା ଔଷଧରେ ଏବଂ ଘରୋଇ ଉପଚାର ଦ୍ୱାରା ମଧ୍ୟ ଆପଣ ମୁଣ୍ଡ ବିନ୍ଧା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ତେବେ ମୁଣ୍ଡ ବିନ୍ଧିଲେ ପେନକିଲର ବଦଳରେ କିପରି କରିବେ ଉପଚାର ଜାଣନ୍ତୁ ସେ ସମ୍ପର୍କିତ କିଛି ତଥ୍ୟ।

**ମେଡ଼ିଟେସନ:** ଅନେକ ସମୟରେ କାମ ଚିନ୍ତାରେ ମୁଣ୍ଡ ବିନ୍ଧା ହୁଏ, ମାନସିକ ସ୍ତରରେ ଅଧିକ ଚିନ୍ତିତ ରହିଲେ ମଧ୍ୟ ମୁଣ୍ଡ ବିନ୍ଧା ହୁଏ। ଏଥିପାଇଁ ପ୍ରଥମେ ମସ୍ତିଷ୍କକୁ ଥଣ୍ଡା ରଖିବା ଜରୁରୀ। ଥଣ୍ଡା ମସ୍ତିଷ୍କ ପାଇଁ ମେଡ଼ିଟେସନ କରିବା ଆବଶ୍ୟକ। ପ୍ରତିଦିନ ସକାଳୁ କିଛି ସମୟ ମେଡ଼ିଟେସନ କରନ୍ତୁ। ଯାହା ଆପଣଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖିବା









ସହ ମୁଣ୍ଡ ବିନ୍ଧା ସମସ୍ୟା ସହଜେ କମିବ।

**ଶ୍ୱାସକ୍ରିୟା:** ଯଦି ଆପଣଙ୍କ ସାଇନୋସାଇଟ୍ ସମସ୍ୟା ପାଇଁ ମୁଣ୍ଡବିନ୍ଧା ହେଉଥାଏ, ତେବେ ଯୋଗ ମାଧ୍ୟମରେ ନିଃଶ୍ୱାସ ନେବା ଓ ପ୍ରଶ୍ୱାସ ଛାଡ଼ିବା, ପ୍ରକ୍ରିୟା ଆପଣାନ୍ତୁ। ଏହାଦ୍ୱାରା ସାଇନସ୍ ସମସ୍ୟା କମିବା ସହ ମୁଣ୍ଡ ବିନ୍ଧା ମଧ୍ୟ ହେବନାହିଁ।

**ମସାଜ ଥେରାପି:** ପ୍ରତିଦିନ ମୁଣ୍ଡରେ କିଛି ସମୟ ଆଙ୍ଗୁଠି ସାହାଯ୍ୟରେ ମସାଜ କରନ୍ତୁ। ଏପରି କରିବା ଦ୍ୱାରା ରକ୍ତ ସଞ୍ଚାଳନ ସୁଚାରୁରୂପେ ହୁଏ ଏବଂ ମୁଣ୍ଡ ବିନ୍ଧା ମଧ୍ୟ କମେ।

**ଗରମ ଓ ଥଣ୍ଡା ସେକ:** ଅନେକ ସମୟରେ ଚିଡ୍ ଚିଡ଼ା କିମ୍ବା ବିରକ୍ତି ମନୋଭାବ ଯୋଗୁ ମୁଣ୍ଡ ବିନ୍ଧାହୁଏ। ତେବେ ଏଥିପାଇଁ କୌଣସି ଔଷଧ ସହଜେ କାମ କରିନଥାଏ। ଏଭଳି ସ୍ଥିତିରେ ଥଣ୍ଡା ପାଣି ଓ ଗରମ ପାଣି ସେକ ନେଇ ପାରିବେ। ଏକ କପଡ଼ାକୁ ଗରମ ପାଣିରେ ବୁଡ଼ାଇ କପାଳ ଉପରେ ରଖନ୍ତୁ। ପୁଣି ସଙ୍ଗେ ସଙ୍ଗେ ଥଣ୍ଡା ପାଣିରେ ବୁଡ଼ାଇ କପାଳ ଉପରେ ରଖନ୍ତୁ। ଏପରି ୧୫ ମିନିଟ କରନ୍ତୁ। ଦେଖିବେ ମୁଣ୍ଡ ବିନ୍ଧା କମିଯାଇଥିବ।

**ପିପରମେଣ୍ଟ ଯୁକ୍ତ ତେଲ:** ପିପରମେଣ୍ଟ ବହୁ ପରିମାଣରେ ଆଣ୍ଟି ଇନ୍ଫ୍ଲାମେଟୋରୀ ରହିଛି। ଯାହା ବିନ୍ଧା ହେଉଥିବା ସ୍ଥାନରେ ଲଗାଇବା ଦ୍ୱାରା ଯନ୍ତ୍ରଣା କମିଯାଏ।ତେବେ ଯନ୍ତ୍ରଣା କମାଇବା ପାଇଁ ପିପରମେଣ୍ଟ ଯୁକ୍ତ ତେଲ ବ୍ୟବହାର କରନ୍ତୁ।

# ଭୁଲ୍ ସ୍ୱୀକାର କରନ୍ତୁ...

ଭୁଲ୍ ସମସ୍ତଙ୍କର ହୁଏ। କେହି କେହି ନିଜର ଭୁଲ ସ୍ୱୀକାର କରି ଆଗକୁ ବଢ଼ିଚାଲନ୍ତି ତ ଆଉ କେହି ନିଜର ଦୋଷକୁ ପର ଉପରେ ଲଦି ଦେଇଥାନ୍ତି। କିନ୍ତୁ ସେ ବୁଝନ୍ତି ନାହିଁ ଯେ ଏପରି କରିବା ଦ୍ୱାରା କ୍ଷତି ନିଜର ହିଁ ହୋଇଥାଏ। କାରଣ ବାସ୍ତବରେ ସଫଳ ହେବାକୁ ଚାହୁଁଥିଲେ, ନିଜର ଭୁଲ୍‌କୁ ସ୍ୱୀକାର କରିବା ଶିଖନ୍ତୁ।



**ହୃଦୟରୁ ସ୍ୱୀକାର କରନ୍ତୁ:** ଭୁଲ୍ ଛୋଟ ହେଉ ଅବା ବଡ଼ ସସ୍ୱୀକାର କରିବା ଜରୁରୀ। ମାତ୍ର ଆମେ ଅନେକ ସମୟରେ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରିବା ପରିବର୍ତ୍ତେ ଅନ୍ୟ ଉପରେ ଦୋଷ ଲଦି ଦେଇଥାଉ। ଆମ ହୃଦୟ ଭୁଲ୍‌କୁ ସ୍ୱୀକାର କରୁଥିବା ବେଳେ ଅହଙ୍କାର କ୍ଷମା ପ୍ରାର୍ଥନା କରିବାକୁ ଦିଏନା। କିନ୍ତୁ ଦୋଷ ଅନ୍ୟ ଉପରେ ଲଦିବା ଫଳରେ କେବେ ସମ୍ପର୍କ ତୁଟେ ତ ଆଉ କେବେ କ୍ୟାରିଅର ଉପରେ ଏହାର କୁପ୍ରଭାବ ପଡ଼ିଥାଏ। ଅବଶ୍ୟ କିଛି ସାହସୀ ବ୍ୟକ୍ତି ହୃଦୟ ଭିତରୁ ନିଜର ଦୋଷକୁ ସସ୍ୱୀକାର କରିଥାନ୍ତି।





**ସମ୍ମାନ ହାନି ହଏନି:** ଅହଙ୍କାର ଓ ଗର୍ବ କିଛି ଲୋକଙ୍କୁ ବିନମ୍ର ହେବାକୁ ଦିଏନି। ଆମେ ଭାବିଥାଉ ଭୁଲ୍ ସ୍ୱୀକାର କଲେ ଆମର ସମ୍ମାନ ହାନି ହୋଇଯିବ। ମାତ୍ର ବୁଝିପାରନ୍ତିନି ଯେ ଏପରି କରିବା ଦ୍ୱାରା ସେମାନଙ୍କ ସମ୍ମାନ ହାନି ହୁଏନି, ବରଂ ବଢ଼ିଯାଏ। ନିଜର ଦୋଷ ସ୍ୱୀକାର କରୁଥିବା ବ୍ୟକ୍ତିଙ୍କୁ ସମାଜ ସମ୍ମାନ ଦେଉଥିବା ବେଳେ ଭୁଲ୍ ଅସ୍ୱୀକାର କରୁଥିବା ଲୋକଟି କାହାରି ବିଶ୍ୱାସୀ ହୋଇପାରେନା।

**ନିଜକୁ ଧୋକାଦିଅନ୍ତି:** ନିଜର ଭୁଲ୍‌କୁ ସ୍ୱୀକାର କରୁ ନଥିବା ବ୍ୟକ୍ତି କେବଳ ନିଜକୁ ହିଁ ଧୋକା ଦିଏ। ଆମେ ସମାଜ ଆଗରେ ହୁଏତ ନିଜର ଭୁଲ୍‌କୁ ଘୋଡ଼ାଇ ଦେଇପାରିବା, ମାତ୍ର ବିବେକ ପାଖରେ ନୁହେଁ। ତେଣୁ ନିଜକୁ ଧୋକା ଦେବାଠାରୁ ଦୂରେଇ ରହି ଭୁଲକୁ ସ୍ୱୀକାର କରି ନେବା ମଣିଷପଣିଆ ହେବ।

# ଷ୍ଟ୍ରେସ୍ ଫ୍ରି '୪-ଏ'ରେ...

ଅଳ୍ପ ବହୁତ ଚିନ୍ତା ସମସ୍ତଙ୍କର ଥାଏ। ମାତ୍ର କେବେ କେବେ ଅସନ୍ତୁଳିତ ଜୀବନଶୈଳୀ ଆମକୁ ଅଧିକ ଚିନ୍ତାଗ୍ରସ୍ତ କରି ମନକୁ ଭାରାକ୍ରାନ୍ତ କରିଦିଏ। ଆରମ୍ଭରୁ ଏହା ନିଦାନ ନଖୋଜିଲେ ଚିନ୍ତା ଆମ ଭିତରେ ଘର କରି ବସିବ। ତେଣୁ ଆରମ୍ଭରୁ ଏହାର ଦମନ ଜରୁରି।

ଆପଣ ଚାହିଁଲେ ଏହାକୁ ଦୂରେଇ ପାରିବେ '୪-ଏ' ମାଧ୍ୟମରେ। '୪-ଏ' ହେଲା ଆଭଏଡ୍ (ଦୂରେଇବା), ଅଲଟର୍ (ପରିବର୍ତ୍ତନ), ଆଡ଼ପ୍ଟ (ଗ୍ରହଣ) ଏବଂ ଆକ୍ସେପ୍ଟ (ସ୍ୱୀକାର)



ପୂର୍ବ ସପ୍ତାହରେ ଆମେ ଆଭଏଡ଼ ବା ଦୂରେଇବା ସମ୍ପର୍କରେ ଆଲୋଚନା କରିଥିଲୁ। ଏଥିରେ ଜାଣିବା ଷ୍ଟ୍ରେସ୍ ଫ୍ରି କରିବାରେ ଆଲଟର୍ ବା ପରିବର୍ତ୍ତନର ଭୂମିକା କ'ଣ ?

- ଯଦି ଷ୍ଟ୍ରେସ୍ ଫ୍ରି ଜୀବନ ଚାହାନ୍ତି, ତେବେ ପରିବର୍ତ୍ତନ ଜରୁରି। ଦୈନନ୍ଦିନ ଜୀବନରେ କରୁଥିବା ବିଭିନ୍ନ ଯୋଗାଯୋଗ ଓ କାର୍ଯ୍ୟକ୍ରମ ସଂଚାଳନରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ।
- ବ୍ୟକ୍ତିଗତ ଅନୁଭବ ଓ ଭାବନାକୁ ଅନ୍ୟ ଆଗରେ ଖୋଲା ମନରେ ଓ ସମ୍ମାନଜନକ ଭାବେ ଉପସ୍ଥାପନ କରନ୍ତୁ। ଏହାକୁ ମନ ଭିତରେ ଚାପି ରଖନ୍ତୁ ନାହିଁ। ଭାବନାକୁ ମନ ଭିତରେ ଚାପି ରଖିଲେ ଅସନ୍ତୋଷ ବଢ଼ିଥାଏ।
- ଯେକୌଣସି କାମ ହେଉ ନା କାହିଁକି ଯଦି ଆବଶ୍ୟକ ପଡ଼େ, ତେବେ ବଝାମଣା ପାଇଁ ସବୁବେଳେ ପ୍ରସ୍ତୁତ ରୁହନ୍ତୁ। ଯଦି ଆପଣ ଅନ୍ୟଜଣଙ୍କୁ ବ୍ୟବହାର ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ନିଜକୁ ସେଥିପାଇଁ ପ୍ରସ୍ତୁତ ରଖିବାକୁ ପଡ଼ିବ। ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରହିଲେ ହିଁ ଚିନ୍ତାଠାରୁ ଦୂରେଇ ଖୁସିକୁ ଅନୁଭବ କରିବା ସହଜ ହେବ।
- ଜୀବନଶୈଳୀକୁ ସନ୍ତୁଳିତ କରିବାକୁ ଚେଷ୍ଟା କରନ୍ତୁ। ଦୈନନ୍ଦିନ ଜୀବନରେ ଆସୁଥିବା ବିଭିନ୍ନ କାମ ମଧ୍ୟରେ ସନ୍ତୁଳନ ରକ୍ଷକ୍ଷା କରିବା ଦ୍ୱାରା ଷ୍ଟେସ୍ ବଢ଼ି ନଥାଏ। ଅଫିସ୍ ଘରର ଦାୟିତ୍ୱ, ସାମାଜିକ ଦାୟିତ୍ୱବୋଧ ଓ ଅବସର ସମୟ ମଧ୍ୟରେ ସନ୍ତୁଳନ ରଖିଲେ ଚିନ୍ତା ଆପେ ଆପେ ନିୟନ୍ତ୍ରିତ ହୋଇଯିବ।



# କଟା ଫଳକୁ ଅଧିକ ସମୟ ତାଜା ରଖିବାକୁ ହେଲେ....

ଲେମ୍ବୁରସକୁ କଟାଫଳ ଉପରେ ଢାଳି ରଖିଲେ ଏହା ଅଧିକ ସମୟ ପର୍ଯ୍ୟନ୍ତ ତାଜା ରହିଥାଏ। କିନ୍ତୁ ଏହାକୁ ଫ୍ରିଜରେ ରଖିବାକୁ ଭୁଲନ୍ତୁ ନାହିଁ। କଟାଫଳକୁ ପ୍ଲାଷ୍ଟିକ ପ୍ୟାକେଟରେ ରଖନ୍ତୁ। ଆଲୁମିନିୟମ ଫଏଲରେ ମଧ୍ୟ ଘୋଡ଼ାଇ ରଖିପାରିବେ। ଏହାପରେ ଏଥିରେ ଛୋଟ ଛୋଟ ଛିଦ୍ର କରନ୍ତୁ। କଟାଫଳ ରଖିଥିବା ପାତ୍ର ଉପରେ ଢାଙ୍କୁଣି ଦେଲେ ଫ୍ରିଜରେ ରଖିଥିବା ଅନ୍ୟ ଖାଦ୍ୟ ପଦାର୍ଥର ବାସ୍ନା ଏହା ଉପରେ ପଡ଼ି ନଥାଏ। ଫଳରେ ଏହା ୩/୪ଘଣ୍ଟା ପର୍ଯ୍ୟନ୍ତ ତାଜା ରହିଥାଏ। ଏକ ପାତ୍ରରେ ବରଫ ମିଶିଥିବା ଥଣ୍ଡାପାଣି ରଖନ୍ତୁ। ଏଥିରେ କଟାଫଳ ରଖିଲେ ୩-୪ଘଣ୍ଟା ପର୍ଯ୍ୟନ୍ତ ତାଜା ରହିଥାଏ।



# ବାରମ୍ବାର ଗରମ ପରେ ତେଲ ହୁଏ ବିଷ

ଘରେ ହେଉ ବା ରେଷ୍ଟୋରାଁରେ, ଛଣାଛଣି ବେଳେ କଡ଼େଇରେ ଥିବା ସବୁତକ ତେଲ କେବେ ସରିନଥାଏ। ତେଣୁ ବଳକା ତେଲକୁ ସ୍ୱାଭାବିକ ଭାବେ ପରବର୍ତ୍ତୀ ସମୟରେ ବ୍ୟବହାର ପାଇଁ ସାଇତି ରଖାଯାଇଥାଏ। ମାତ୍ର ତେଲକୁ ବାରମ୍ବାର ଗରମ କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର) ପକ୍ଷରୁ ସତର୍କ କରାଇ ଦିଆଯାଇଛି। ତେଲକୁ ବାରମ୍ବାର ଗରମ କରିବା ଦ୍ୱାରା ସେଥିରେ କେତେକ ବିଷାକ୍ତ ଯୌଗିକ ନିର୍ଗତ ହୋଇଥାଏ, ଯାହା ଦ୍ୱାରା କର୍କଟ ଓ ହୃଦ୍‌ରୋଗ ଆଶଙ୍କା ବଢ଼ିଥାଏ ବୋଲି କୁହାଯାଇଛି। ପୂର୍ବରୁ ହୋଇଥିବା ଅନୁଧ୍ୟାନ ଅନୁଯାୟୀ, ତେଲର ଏପରି ପୁନରୁଉତ୍ତପ୍ତୀକରଣ ଦ୍ୱାରା ଏଭଳି ବିଷାକ୍ତ ପଦାର୍ଥ ନିର୍ଗତ ହୋଇଥାଏ, ଯାହା ଶରୀରରେ 'ଫ୍ରି ରାଡିକାଲ୍ସ' ବଢ଼ାଇଥାଏ। ଫଳରେ ପ୍ରଦାହ ବଢ଼ିବା ସହ ନାନା ଦୀର୍ଘମିଆଦୀ ରୋଗ ସୃଷ୍ଟି କରିଥାଏ। ଉଚ୍ଚ ତାପମାତ୍ରାରେ ତେଲରେ ଥିବା କିଛି ଚର୍ବି ଅଂଶ 'ଟ୍ରାନ୍ସ ଫ୍ୟାଟ୍ସ' ଓ 'ଆକ୍ରିଲାମାଇଡ୍' ପରି ବିଷାକ୍ତ ଯୌଗିକରେ ପରିଣତ ହୋଇଥା'ନ୍ତି। ତେଣୁ ତେଲକୁ ବାରମ୍ବାର ଗରମ କରିବା ବେଳେ ଅଧିକରୁ ଅଧିକ 'ଟ୍ରାନ୍ସ ଫ୍ୟାଟ୍ସ'



ସୃଷ୍ଟି ହୋଇଥାଏ ଯାହା କର୍କଟ ଓ ହୃଦ୍‌ରୋଗର କାରଣ ସାଜିଥାଏ। ସେହିପରି ଛଣାତେଲର ଏପରି ପୁନର୍ବ୍ୟବହାର ଦ୍ୱାରା ଶରୀରରେ ଅଧିକ 'ଫ୍ରି ରାଡିକାଲ୍ସ' ସୃଷ୍ଟି ହୋଇ ନାନା ରୋଗକୁ ଆମନ୍ତ୍ରଣ କରିଥାଏ। ତେଲକୁ ବାରମ୍ବାର ଗରମ କରିବା ଦ୍ୱାରା ସେଥିରେ କେତେକ ବିଷାକ୍ତ ଯୌଗିକ ନିର୍ଗତ ହୋଇଥାଏ ଯାହା ଦ୍ୱାରା କର୍କଟ ଓ ହୃଦ୍‌ରୋଗ ଆଶଙ୍କା ବଢ଼ିଥାଏ ବୋଲି କୁହାଯାଇଛି। ତେଣୁ ଛଣାଛଣି ପରେ ବଳିଯାଉଥିବା ତେଲକୁ ଦିନକ ଭିତରେ ତରକାରି ଓ ଅନ୍ୟାନ୍ୟ ଭଜାଭଜି କରିବାରେ ସାରିଦେବାକୁ ଆଇସିଏମ୍ଆର ପରାମର୍ଶ ଦେଇଛି। ତେବେ ବଳକା ତେଲକୁ ପରିସ୍ରବଣ କରି ଏପରି ବ୍ୟବହାର କରିହେବ। ମାତ୍ର କୌଣସି ପରିସ୍ଥିତିରେ ବି ତାହାକୁ ଅଧିକ ଦିନ ଧରି ସାଇତି ରଖିବାକୁ ବାରଣ କରାଯାଇଛି। ଅପରପକ୍ଷେ, ବଳକା ତେଲର ପୁନର୍ବ୍ୟବହାର ଖାଦ୍ୟପଦାର୍ଥର ସ୍ୱାଦ କମାଇଦେଇଥାଏ। ତେଣୁ ଯଦିଓ ବଳିପଡୁଥିବା ତେଲକୁ କାଁ ଭାଁ ବ୍ୟବହାର କଲେ ସେଭଳି ଉଲ୍ଲେଖନୀୟ କ୍ଷତି ହେବନାହିଁ, ତେବେ ସର୍ବଦା ଆବଶ୍ୟକ ଅନୁଯାୟୀ ପ୍ରତି ଥର ରୋଷେଇରେ ସଜ ତେଲ ବ୍ୟବହାର କରିବା ଉଭୟ ସ୍ୱାଦ ଓ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳକାରକ ବୋଲି କୁହାଯାଇଛି।

# ଚାଷୀଙ୍କ ପାଇଁ ଶସ୍ତା ଜୈବସାର

ଜୈବ କୃଷିକୁ ସଫଳ କରିବା ପାଇଁ ଲୋଡ଼ାଯାଉଥିବା ସାମଗ୍ରୀ ଗୁଡ଼ିକ ମଧ୍ୟରେ ଜୈବ-ସାର ଅନ୍ୟତମ। ଏହା ପ୍ରସ୍ତୁତ କରିବା ସହଜ। ରାସାୟନିକ ସାର ତୁଳନାରେ ଏହା ଶସ୍ତା। ଆନ୍ଧ୍ର ପ୍ରଦେଶର ଜନଜାତି ବହୁଳ ପାହାଡ଼ିଆ ଅଞ୍ଚଳରେ



ଚାଷୀମାନଙ୍କୁ ଜୈବ-ସାର ଯୋଗାଉଛନ୍ତି, କେତେ ଜଣ ଅପାଠୁଆ ସ୍ଥାନୀୟ ବ୍ୟକ୍ତି। ଜଣେ ହେଲେ ପାଙ୍ଗୀ ଚିନ୍ନାୟା। ସରକାରୀ ସଂସ୍ଥା ମାଧ୍ୟମରେ ତାଲିମ ନେଇ ସେ ଗୋ-ମୂତ୍ର ଗୋବର ଆଦି ତେରଟି ଜିନିଷକୁ ସାରରେ ପରିଣତ କରୁଛନ୍ତି। ବାର ହଜାର ଟଙ୍କାର ବ୍ୟାଙ୍କ ଋଣ ନେଇ ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଛୋଟିଆ ଘରୋଇ ଉଦ୍ୟୋଗ ସୁଫଳ ସ୍ଥାନୀୟ ଚାଷୀମାନେ ପାଉଛନ୍ତି। ଜୈବ-ସାରର ନାମ ଜୀବମୃତମ। ତରଳ ଜୀବମୃତମର ଲିଟର ପିଛା ମୂଲ୍ୟ ମାତ୍ର ପାଂଚ ଟଙ୍କା ଏବଂ କଠିନରୀ ବସ୍ତା ପିଛା ମୂଲ୍ୟ ଦୁଇଶହ ଟଙ୍କା। ବଜାରରେ ମିଳୁଥିବା ଡିଏପି ସାରର ବସ୍ତା ମୂଲ୍ୟ ୧୨୫୦ଟଙ୍କା। ତେଣୁ, ଜୀବମୃତମ ଦ୍ୱାରା ଚାଷୀମାନେ କେଉଁ ଭଳି ଉପକୃତ ହେଉଥିବେ, ଅନୁମାନ କରାଯାଇପାରେ। ପାଙ୍ଗୀ ବର୍ଷେ ତଳେ ସାର ତିଆରି ଆରମ୍ଭ କରିଥିଲେଏ। ଏବେ ତାଙ୍କ ସାର ଦ୍ୱାରା ଅନ୍ୟମାନଙ୍କର ଅଠତିରିଶ ଏକର ଖେତ ବର୍ଷ ତମାମ ହସୁଛି। ଉଲ୍ଲେଖଯୋଗ୍ୟ ଯେ ଜିରୋ ବଜେଟ ନାଚୁରାଲ ଫାମିଂ ସିରକାରୀ ଯୋଜନାରେ ଅଧିକରୁ ଅଧିକ ଚାଷୀଙ୍କୁ ଜୀବମୃତମ ପ୍ରସ୍ତୁତି ପାଇଁ ତାଲିମ ଓ ପ୍ରୋତ୍ସାହନ ସହ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଫଳରେ ଅନନ୍ତଗିରି, ଆରାକୁ, ଡୁମ୍ବରିଗୁଡ଼ା, ହୁକୁମପେଟା ଆଦି ଅଂଚଳରେ ପାଂଚହଜାରରୁ ଅଧିକ ଚାଷୀ ବର୍ଷ ତମାମ ସୁଲଭ ଜୈବସାର ପାଇପାରୁଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲାଲଗଡ଼ ପତନ ଆସନ୍ନ...


ନକ୍ସଲ କାର୍ଯ୍ୟକଳାପର ଭୌଗୋଳିକ ସ୍ଥିତି କ୍ରମେ ସଂକୁଚିତ ହୋଇ ଛତିଶଗଡ଼ ଓ ତତ୍‌ସଂଲଗ୍ନ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ସୀମିତ ରହିଛି। ସେମାନଙ୍କ ଏହି ସୀମିତ ଅବସ୍ଥାନ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀକୁ ସୁହାଇଛି, ଯୋଜନାବଦ୍ଧ ଭାବେ ମୁକାବିଲା କରିବା ପାଇଁ। ଏମାନଙ୍କୁ ନିପାତ କରିବାରେ ଏବେ ଯେଉଁ ସଫଳତା ମିଳିଛି, ତାହାର ମୁଖ୍ୟକାରଣ ହେଲା ସେମାନଙ୍କ ଗତିବିଧି ସୁରକ୍ଷା କର୍ମୀଙ୍କ ଯାଞ୍ଚ ପରିସରକୁ ଅତିସହଜରେ ଆସିଯାଉଛି। ତେଣୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନକ୍ସଲଙ୍କୁ ୨୦୨୬ ମାର୍ଚ୍ଚ ୩୧ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିଦିଆଯିବାର ଯେଉଁ ଘୋଷଣା କରିଛନ୍ତି, ତାହା ଯେ ହାସଲ ହୋଇପାରିବନି ଏକଥା ନୁହେଁ। ନିକଟରେ ପୁଲିସ ଓ ସୁରକ୍ଷା ବାହିନୀର ମିଳିତ ଅଭିଯାନ ବିରାଟ ସଫଳତା ହାସଲ କରିଛି। ଛତିଶଗଡ଼ର ବିଜାପୁର ଓ କନ୍‌କରରେ ଦୁଇ ଭିନ୍ନ ଭିନ୍ନ କାର୍ଯ୍ୟାନୁଷ୍ଠାନରେ ୩୦ ନକ୍ସଲ ନିହତ ହୋଇଥିବା ବେଳେ ସଦ୍ୟତମ ଘଟଣାକ୍ରମେ ମଙ୍ଗଳବାର ଦାନ୍ତେୱାଡ଼ାରେ ଆଉ ୫ଜଣ ନକ୍ସଲ ନିହତ ହୋଇଛନ୍ତି। ବୁଧବାର ୯ ଜଣ ନକ୍ସଲ୍ ସୁକ୍‌ମା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସଂସଦରେ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ସୂଚନା ଅନୁଯାୟୀ ୨୦୨୩ ଡିସେମ୍ବରରୁ ୨୦୨୪ ଡିସେମ୍ବର ମଧ୍ୟରେ ଛତିଶଗଡ଼ରେ ୩୮୦ ଜଣ ନକ୍ସଲ୍ ନିହତ ହୋଇଥିବା ବେଳେ ୨୨୩୯ ଜଣ ଆତ୍ମସମର୍ପଣ/ ଗିରଫ ହୋଇଛନ୍ତି। ସେହିପରି ସଂସଦରେ କେନ୍ଦ୍ର ସରକାରଙ୍କ ସୂଚନା ଅନୁଯାୟୀ, ଗତ ୧୪ ବର୍ଷ ଭିତରେ ନକ୍ସଲ୍ ହିଂସା ଘଟଣା ୮୧% ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ନକ୍ସଲ୍ ହିଂସାରେ ଜୀବନ ହାନି ମଧ୍ୟ ୮୫% ହ୍ରାସ ପାଇଛି। ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ଶ୍ୱେତପତ୍ର ଅନୁଯାୟୀ, ନକ୍ସଲ୍ ହିଂସା ୨୦୨୩ ତୁଳନାରେ ଗତବର୍ଷ ୫ଟି ହ୍ରାସ ପାଇ ଜୀବନହାନି ମାତ୍ର ୧ରେ ସୀମିତ ରହିଛି। ଓଡ଼ିଶାରେ ନକ୍ସଲ୍ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ୮ଜଣ ନେତାଙ୍କୁ ଗିରଫ କରାଯାଇଥିବା ବେଳେ ୨୪ ଜଣ ଆତ୍ମସମର୍ପଣ କରିଛନ୍ତି। ଏହି ରାଷ୍ଟ୍ରବିରୋଧୀ କାର୍ଯ୍ୟକଳାପ ବିରୋଧରେ ଆନ୍ଧ୍ର, ଓଡ଼ିଶା, ବିହାର, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଅର୍ଦ୍ଧସାମରିକ ବାହିନୀ ମୁତୟନ କରି କ୍ରମାଗତ ଚଢ଼ଉ ଜାରି ରଖିବା ପରେ ନକ୍ସଲ୍‌ମାନେ ଅସୁରକ୍ଷିତ ଅବସ୍ଥାରେ ନିଜର ସଂଗଠନକୁ ଛତିଶଗଡ଼ରେ ସୀମିତ ରଖିଛନ୍ତି। ନାରାୟଣପୁର, ଦାନ୍ତେୱାଡ଼ା ଓ ବିଜାରପୁର ଜିଲ୍ଲାର ବିସ୍ତୃତ ଘଞ୍ଚ ଜଙ୍ଗଲ ସେମାନଙ୍କ ସକାଶେ ସୁରକ୍ଷିତ ଆଶ୍ରୟ ସ୍ଥଳ ପାଲଟିଛି। ସେ ସବୁ ଅଞ୍ଚଳରେ ବସବାସ କରୁଥିବା ଆଦିମ ଅଧିବାସୀ ସେମାନଙ୍କ ପାଇଁ ଢାଲ ରୂପେ କାର୍ଯ୍ୟ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ କି ଯେଉଁ ଜନଜାତି ସମୁଦାୟର ସ୍ୱାର୍ଥରକ୍ଷା ଓ ବିକାଶ ଉଦ୍ଦେଶ୍ୟରେ ଏହି ସଶସ୍ତ୍ର ଲଢ଼େଇ ଆରମ୍ଭ ହୋଇଥିଲା, ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଛି। ବରଂ ସ୍ଥଳବିଶେଷରେ ନକ୍ସଲଙ୍କ ଶୋଷଣର ଶିକାର ହେଉଛନ୍ତି ସେମାନେ। ଅନ୍ୟଦୃଷ୍ଟିରୁ ବିଚାର କଲେ ସମ୍ପୃକ୍ତ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସେମାନଙ୍କ ଯୋଗୁଁ ବାଧାପ୍ରାପ୍ତ ହୋଇଛି। ସମୟ ବଦଳିଛି। ଜନଜାତି ଏବେ ନିଜର ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ନକ୍ସଲଙ୍କ ଉପରେ ଆଉ ନିର୍ଭର କରୁନାହାନ୍ତି। ଗଞ୍ଜେଇର ଉପଯୋଗିତା ନେଇ ବିଶ୍ୱରେ ଏବେ ଜନଜାତି ସଚେତନ ହେଉଥିବା ବେଳେ ତାହାକୁ ଆମ ଦେଶରେ ନିଷିଦ୍ଧ ନିଶାର ମାନ୍ୟତା ଦିଆଯାଇଛି। ବଜାରରେ ଏହାର ଚାହିଦା ଦୃଷ୍ଟିରୁ ଏହି ନିଘଞ୍ଚ ଜଙ୍ଗଲରେ ଗଞ୍ଜେଇ ଚାଷରୁ ବିପୁଳ ଅର୍ଥ ରୋଜଗାର କରୁଛନ୍ତି ନକ୍ସଲ ସଂଗଠନ। ସେମାନଙ୍କ ସହ ଦେଶର ନିଶାବେପାରୀଙ୍କ ରହିଥିବା ଯୋଗସୂତ୍ରର ସୂତ୍ରଧର ପାଲଟିଛନ୍ତି ଜନଜାତି ଅଧିବାସୀ। ଗଣ ଆନ୍ଦୋଳନ ଓ ଜନସ୍ୱାର୍ଥ ସୁରକ୍ଷା ଉଦ୍ଦେଶ୍ୟରେ ମାର୍କ୍ସପନ୍ଥୀ କମ୍ୟୁନିଷ୍ଟ ଦଳରୁ ପୃଥକ ହୋଇ ଯେଉଁ ଚାରୁ ମଜୁମଦାର ଓ କାହ୍ନୁ ସାନ୍ୟାଲଙ୍କ ନେତୃତ୍ୱରେ ୧୯୬୭ ମସିହାରେ ଯେଉଁ ସଶସ୍ତ୍ର ନକ୍ସଲର ଆନ୍ଦୋଳନ ଜନ୍ମ ନେଇଥିଲା, ତାହା ଏବେ ଦିଗହରା ହୋଇଛି। ପ୍ରଚଳିତ ବ୍ୟବସ୍ଥା ବିରୋଧରେ ସ୍ୱତନ୍ତ୍ର ଲଢ଼େଇ କରୁଥିଲା ଏହି ସଂଗଠନ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନଗଣଙ୍କ ରାଜନୈତିକ ପ୍ରତିନିଧିତ୍ୱ ହାସଲ କରି ନପାରିଲେ ଯେଉଁ ବର୍ଗ ପାଇଁ ଏହି ଲଢ଼େଇ ଚାଲିଛି, ତାହା ଯେ ଦିନେ ଅର୍ଥହୀନ ହୋଇଯିବ, ଏକଥା ଏଯାଏଁ ବୁଝିନାହାନ୍ତି ନକ୍ସଲର କର୍ମକର୍ତ୍ତା। ଏକଥା ବି ସ୍ୱୀକାର କରିବାକୁ ପଡ଼ିବ ଯେ ନକ୍ସଲ ଆନ୍ଦୋଳନ ସହ ସଂଶ୍ଳିଷ୍ଟ ଥିବା ବହୁକ୍ୟାଡର ନିଜର ଅନିଶ୍ଚିତ ଭବିଷ୍ୟତ ନେଇ ସନ୍ଦୀହାନ ହୋଇପଡୁଥିବାରୁ ଆତ୍ମସମର୍ପଣ ମଧ୍ୟ କରୁଛନ୍ତି। ନକ୍ସଲ ହିଂସାର ନିକଟ ଅତୀତକୁ ପର୍ଯ୍ୟାଲୋଚନା କଲେ ତାହା କେତେ ଲୋମହର୍ଷକ ସହଜରେ ଅନୁମାନ କରିହେବ। ୨୦୧୦ ଏପ୍ରିଲ ୬ ତାରିଖରେ ଦାନ୍ତେୱାଡ଼ା ଜିଲ୍ଲାରେ ୭୫ ଜଣ ସିଆରପିଏଫ୍ ଯବାନ ଓ ଜଣେ ପୁଲିସ୍ କନଷ୍ଟେବଲ ନକ୍ସଲଙ୍କ ସଶସ୍ତ୍ର ଆକ୍ରମଣରେ ସହିଦ ହୋଇଥିଲେ। ସବୁଠାରୁ ଦୁଃଖଦ ଘଟଣା ଉପୁଜିଥିଲା ୨୦୧୩ ମେ ୨୫ ତାରିଖରେ। ଛତିଶଗଡ଼ର ଦରଭା ଉପତ୍ୟକାରେ ଭାରତୀୟ ଜାତୀୟ କଂଗ୍ରେସ ନେତାଙ୍କୁ ନେଇ ଯାଉଥିବା ଗାଡ଼ିକୁ ନକ୍ସଲମାନେ ଉଡ଼ାଇ ଦେବାରୁ ପିସିସି ସଭାପତି ନନ୍ଦ କୁମାର ପଟେଲଙ୍କ ସହ ୨୪ ନେତା ନିହତ ହୋଇଥିଲେ। ସେହିଭଳି ଭୟଙ୍କର ରେଳ ଦୁର୍ଘଟଣା ଘଟାଇଥିଲେ ନକ୍ସଲ ୨୦୧୦ ମେ ୨୮ ତାରିଖରେ। ରେଳଷ୍ଟେସନର ୧୮ଟି ଫିସ୍‌ପ୍ଲେଟ୍ ହଟାଇ ଦେଇଥିବାରୁ କଲିକତା-ମୁମ୍ବଇ ଜ୍ଞାନେଶ୍ୱର ଏକ୍ସପ୍ରେସ୍ ଦୁର୍ଘଟଣାର ସମ୍ମୁଖୀନ ହେଲା। ୧୪୮ ରେଳଯାତ୍ରୀଙ୍କ ଏହି ଦୁର୍ଘଟଣାରେ ପ୍ରାଣହାନି ଘଟିଥିଲା। ଆମ ଓଡ଼ିଶା ସୀମାନ୍ତ ଚିତ୍ରକୋଣ୍ଡାରେ ୨୦୧୬ ଅକ୍ଟୋବର ୨୪ରେ ସଶସ୍ତ୍ର ବାହିନୀର ମିଳିତ କମ୍ବିଂରେ ୨୪ ନକ୍ସଲ ଟଳିପଡ଼ିଥିଲେ। ତେବେ ଗତ ଜାନୁଆରୀ ମାସରୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଛତିଶଗଡ଼ରୁ ନକ୍ସଲଙ୍କୁ ନିପାତ କରିବା ସକାଶେ ଅଭିଯାନ ଜୋରଦାର ହୋଇଛି। ତିନିଟି ଦଫାରେ ସୁରକ୍ଷାବାହିନୀର ନିର୍ଣ୍ଣାୟକ ଚଢ଼ଉରେ ମୋଟ୍ ୫୪ ନକ୍ସଲ ନିହତ ହେଲେଣି।



# ମୋ ଚିବୁକରେ ଗଙ୍ଗାଧରଙ୍କ ସ୍ନେହ ଚିହ୍ନ



### ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ହୁଏତ ଚତୁର୍ଥ କିମ୍ବା ପଞ୍ଚମ ଶ୍ରେଣୀ ପଢୁଥିବା ସମୟର ଘଟଣା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଆବକ୍ଷ ମାର୍ବଲ ପ୍ରତିମୂର୍ତ୍ତି ୧୯୪୫ ମସିହାରୁ ବରପାଲିରେ ସୁପ୍ରତିଷ୍ଠିତ। ଗଙ୍ଗାଧର ସ୍ମୃତି ଭବନ ଓ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳ ମୋ ପାଇଁ ଥାଏ ମୁଖ୍ୟ ଆକର୍ଷଣ। ସମୟ ପାଇଲା ମାତ୍ରକେ ମୁଁ ସ୍ମୃତିଭବନ ପ୍ରାଙ୍ଗଣସ୍ଥ ପଢ଼ିଆରେ କିମ୍ବା ପାର୍କରେ ଖେଳିବାରେ ଲାଭ କରେ ଅତୁଳନୀୟ ଆନନ୍ଦ। ଆଜି ପରି ଅପରିଷ୍କାର, ଅପରିଚ୍ଛନ୍ନ ବାତାବରଣ ସେତେବେଳେ ନ ଥିଲା। ସ୍ମୃତିଭବନକୁ ଘେରି ରହିଥିଲା ଛୋଟ ଛୋଟ କୃଷ୍ଣଚୂଡ଼ା ଗଛ। ସ୍ମୃତିଭବନ ବାରଣ୍ଡାରେ ବସି କେତେବେଳେ ମୋ ବାଲ୍ୟ ସାଥୀମାନଙ୍କ ସହିତ ଭବାଳାପରେ ନିମଜ୍ଜିତ ହୋଇଛି, ପୁଣି କେତେବେଳେ ଷ୍ଟାଚ୍ୟୁ ସମ୍ମୁଖରେ ଖେଳିବା ପାଇଁ ବା ନାଟକ ଅଭିନୟ କରିବା ପାଇଁ ଡାକି ଆଣିଛି ଅନେକ ସାଥୀଙ୍କୁ। ବେଳେବେଳେ ଏକୁଟିଆ ମଧ ବସି ରହିଛି ଷ୍ଟାଚ୍ୟୁ ତଳେ ଥିବା ସିମେଣ୍ଟ ବେଦୀ ଉପରେ। ମୁଁ କବିଙ୍କୁ ଦେଖିନାହିଁ ବୋଲି କହିବା ସତେ ଯେପରି ଏକ ମିଥ୍ୟା ଭାଷଣ ପରି ମନେହୁଏ। ପ୍ରତି ମୁହୂର୍ତ୍ତରେ ତାଙ୍କ ସ୍ନେହାଶିଷର ଛତ୍ରଛାୟା ତଳେ ଆପଣାକୁ ମଣିଛି ସୁରକ୍ଷିତ। ଜୟନ୍ତୀ ଓ ଶ୍ରାଦ୍ଧ ସଭା ସମୟରେ ଦେଖିଛି କବିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନେ କିପରି ଭକ୍ତିପୂର୍ଣ୍ଣ ଚିତରେ କରିଥାନ୍ତି ପୁଷ୍ପ ମାଲ୍ୟାର୍ପଣ। ପ୍ରତିଦିନ ପ୍ରତ୍ୟୁଷରେ ଦେଖେ ମୋର ପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେର ଷ୍ଟାଚ୍ୟୁରେ ରୋପିତ ବିଭିନ୍ନ ଫୁଲ ଗଛରୁ କେତୋଟି ଫୁଲ ମାତ୍ର ଧୀରେ ଧୀରେ ତୋଳି ଆଣି ତାଙ୍କ ପିତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରି ଥାନ୍ତି ପୁଷ୍ପାଞ୍ଜଳି। ଏ ସମସ୍ତ ଦୃଶ୍ୟ ମୋ ଅଜାଣତରେ କି ଭାବାବେଗ ସୃଷ୍ଟି କରୁଥିଲା ତାହା ଜାଣିବାର ସଚେତନ ଶକ୍ତି ମୋ ମଧ୍ୟରେ ଜାଗ୍ରତ ହୋଇ ଉଠି ନ ଥାଏ।

କାହିଁକି କେଜାଣି ମୋ ସମଗ୍ର ହୃଦୟରେ ଦିନେ ଅପରାହ୍ନ ବେଳେ ଏକ ଅପୂର୍ବ ଭାବ ତରଙ୍ଗ ସୃଷ୍ଟି ହୋଇଗଲା। ଏପରି ଉତ୍ତାଳ ଭାବଲହରୀ କେଉଁଠି ଥାଆନ୍ତି ତାହାର ଉତ୍ସ ନିରୂପଣ କରିବା ସମ୍ଭବ ନୁହେଁ ଆଜି ବି। ଅଚାନକ ଭାବରେ କେଉଁ ଆବେଗ ମୋତେ କଲା ଅଧୀର ତାର ପ୍ରେରଣା ପରିଚାଳିତ ହୋଇ ଷ୍ଟାଚ୍ୟୁ ଚାରିକଡ଼େ ଫୁଟିଥିବା ସୁନ୍ଦର ମନ୍ଦାର ଫୁଲ ତୋଳି ଆଣିଲି ପ୍ରାୟ ଦଶ ପନ୍ଦରଟି। ସେ ସବୁ ସଯତ୍ନ ନେଇଗଲି ଘରକୁ। ଛୁଞ୍ଚିସୂତା ବାହାର କରି ନିଜ ପ୍ରୟାସରେ ଗୁନ୍ଥି ଦେଲି ଏକ ମନୋରମ ମାଳା। ଆଉ ଏହାପରେ ମୋ ଅନ୍ତରାତ୍ମା ଯେଉଁ ମାର୍ଗ ପ୍ରଦର୍ଶନ କରୁଥିଲା ସେହି ମାର୍ଗରେ ହେଲି ଆଗକୁ ଆଗକୁ ଅଗ୍ରସର। ମୋ ସମ୍ମୁଖରେ ଉଦ୍ଭାସିତ ହେଉଥାନ୍ତି ଜ୍ୟୋତିର୍ମୟ ଗଙ୍ଗାଧର। କିଛି ତରବର ହେବାର କାରଣ ନ ଥିବା ସତ୍ତ୍ୱେ କାହିଁକି ମୁଁ ଯେ ଦୌଡ଼ି ଦୌଡ଼ି ପ୍ରତିମୂର୍ତ୍ତି ନିକଟତର ହେଉଥିଲି ତାହା ବି ଜାଣେନା। ଅନେକ ଦିନର ବିଚ୍ଛେଦ ପରେ ନିଜ ପ୍ରିୟଜନ ଦେଖିଲେ ଯେପରି ଦୁଇପାଦ ହୋଇଯାଏ ଚଳଚଞ୍ଚଳ, ତାଠାରୁ ବହୁ ଅଧିକ ବେଗରେ ଓ ଆବେଗରେ ଦୌଡ଼ିବାକୁ ଲାଗିଲି ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥ?ବା ସ୍ତମ୍ଭ ଉଦ୍ଦେଶ୍ୟରେ। ମୁଁ କଣ ଜାଣିଥିଲି ଯେ ସ୍ତମ୍ଭର ଉଚ୍ଚତା ଯେତିକି ମୋର ଉଚ୍ଚତା ସେହି ସ୍ତରକୁ ପହଂଚିବା ପାଇଁ ଯୋଗ୍ୟ ହୋଇନାହିଁ ବୋଲି ! ମୁଁ କଣ ଏ କଥା ବି ଜାଣିଥିଲି କି ଯେ ପ୍ରପିତାମହଙ୍କ ସୂଚିକ୍କଣ ମାର୍ବଲ ପ୍ରତିମୂର୍ତ୍ତିଟିକୁ ଛିଡ଼ା ହୋଇ ଛୁଇଁବାର ବୟସ ମୋର ହୋଇନାହିଁ! କିପରି ଏ ସମସ୍ତ ବିଷୟ ସେତେବେଳେ ଯେ ଭୁଲିଗଲି ତାହା ଭାବି ପାରୁନାହିଁ। ସିଧାସଳଖ ତୀବ୍ର ବେଗରେ ଫୁଲମାଳ ହାତରେ ଧରି ଦୌଡ଼ି ଦୌଡ଼ି ଷ୍ଟାଚ୍ୟୁ ସମ୍ମୁଖରେ ପହଞ୍ଚିଲି ଆଉ ବିଜୁଳି ବେଗରେ ମୋ ଦ୍ୱାରା ଗ୍ରଥିତ ଫୁଲମାଳଟିକୁ କବିଙ୍କ ବକ୍ଷରେ ପିନ୍ଧାଇ ଦେବା ସକାଶେ ଡେଇଁପଡ଼ିଲି ସ୍ୱତଃସ୍ଫୁର୍ତ୍ତ ଭାବରେ। ଚାହୁଁ ଚାହୁଁ ଯାହା ଘଟିଗଲା ତାହା ବର୍ଣ୍ଣନା କରିବି କିପରି ? ଯେଉଁ ସ୍ତମ୍ଭ ଉପରେ କବିଙ୍କ ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠିତ ସେହି ଚତୁଃଷ୍କୋଣାକାର ସ୍ତମ୍ଭର ଧାର ଥାଏ ଛୁରୀକା ପରି ଅତ୍ୟନ୍ତ ତୀକ୍ଷ୍ଣ। ମୋର ଚିବୁକ ହିଁ ଯୋଗ୍ୟ ହୋଇଥିଲା ସେତେବେଳକୁ ଏହି ଧାର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ। ଦୌଡ଼ି ଦୌଡ଼ି ଆସି ଚଞ୍ଚଳ ଗତିରେ ଯେମିତି ଫୁଲମାଳଟିକୁ ପିନ୍ଧାଇ ଦେବାର ପୂର୍ଣ୍ଣ ପ୍ରଚେଷ୍ଟା କଲି, ଡେଇଁ ପଡ଼ିଲି, ସ୍ତମ୍ଭର ତୀକ୍ଷ୍ଣ ଧାରରେ କଟିଗଲା ଚିବୁକ ମୋର। ମନ୍ଦାର ଫୁଲ ପରି ରକ୍ତଧାର ବହି ପଡ଼ି ଭିଜାଇ ଦେଇଛି ମୋ ବକ୍ଷସ୍ଥଳ। କଣ ଭାବିଥିଲି ଆଉ କଣ ଘଟିଗଲା, ତାହା ଚିନ୍ତା କରିବାର ନ ଥିଲା ଅବସର। ମନ୍ଦାରମାଳଟିକୁ ପିନ୍ଧାଇ ପାରିବି ନାହିଁ ବୋଲି ରକ୍ତକ୍ଷରଣ ସହିତ ସମାନ ତାଳ ଦେଇ ଦୌଡ଼ି ଆସିଲି ଘରକୁ। ଦୁଇ ଆଖିରୁ ପୁଣି ଝରି ପଡୁଥାଏ କେରା କେରା ଲୁହ। ସିଧା ଆସି ପହଂଚିଲି ମାତୃକୋଳରେ। ମା ତୁଳାରେ ଡେଟଲ ଦେଇ କ୍ଷତାକ୍ତ ଅଂଶରେ ବୋଳି ଦେଲେ ସ୍ନେହର ମଲମ। ସାମାନ୍ୟ କେତୋଟି କ୍ଷଣ ମଧ୍ୟରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା ରକ୍ତକ୍ଷରଣ। ମୁଁ ଆଦୌ କ୍ଷତଜର୍ଜରିତ ଅନୁଭବ କରୁନଥିଲି। ତହିଁ ପରଦିନ ହିଁ ଶୁଖି ଯାଇଥିଲା ସେହି ଅଂଶ ଟିକକ। ସୁସ୍ଥ ଅନୁଭବ କରିବାର ଅନେକ ଦିନ ଅତିକ୍ରାନ୍ତ ହେବା ପରେ ଦେଖିଲି ଚିବୁକରେ କ୍ଷତ ଚିହ୍ନର ଦାଗ କେତେ ଅମଳିନ। ବର୍ଷେ ଗଲା, ଦୁଇ ବର୍ଷ ଗଲା। ଚାହୁଁ ଚାହୁଁ ଷାଠିଏ ବର୍ଷ ପୂର୍ଣ୍ଣ ହୋଇଗଲା ମୋ ଜୀବନର। ମାତ୍ର ଏବେ ମଧ୍ୟ ସେହି ଚିହ୍ନ ରହିଛି ସାମାନ୍ୟ ବି ନିଷ୍ପ୍ରଭ ହୋଇ ନଯାଇ। କେହି ମୋତେ ଧ୍ୟାନସ୍ଥ ଚିତରେ ଅନାଇଲେ ମଧ୍ୟ ସେହି ଚିହ୍ନ ଦେଖି ହେବାର ସମ୍ଭାବନା ପ୍ରାୟତଃ ନ ଥାଏ।

ମୁଁ କଣ ଜାଣିଥିଲି ଯେ ପ୍ରପିତାମହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର ପୁରସ୍କାର ହୋଇପାରେ ଏତେ ମୂଲ୍ୟବାନ। ତାଙ୍କରି ହସ୍ତସ୍ପର୍ଶରୁ ବଂଚିତ ଏ ଅଧମକୁ ଏପରି ସିଏ କରି ଦେଇପାରନ୍ତି ଧନ୍ୟ ! ଏହା କଳ୍ପନା ସୁଦ୍ଧା କରିବା କିପରି ଅବା ସମ୍ଭବ ହୁଅନ୍ତା ! ମହାବିଦ୍ୟାଳୟରେ କର୍ମମୟ ଜୀବନ ଆରମ୍ଭ କଲି ଯେତେବେଳେ ସେବା ପୁସ୍ତକରେ ଲେଖା ରହି ଥାଏ ଦେହରେ କେଉଁଠି ଅଲିଭା ଚିହ୍ନ ରହିଛି ବୋଲି। ସେହି ସମୟରେ ଏହି ଚିବୁକ ତଳର ସ୍ନେହପୂର୍ଣ୍ଣ ଚିହ୍ନ ବିଷୟରେ ଉଲ୍ଲେଖ କରିବାର ସୁଯୋଗ ପାଇ ଆନନ୍ଦ-ମଗ୍ନ ହୋଇଯାଇଥିଲା ଏହି ଜୀବନ। କବିଙ୍କ ଅତ୍ୟନ୍ତ ସ୍ନେହରେ ଆଉଁସି ଦେଇଥିବା ସେ ଦାଗଟି ଗୁଣ୍ଡୁଚି ମୂଷା ପିଠିରେ ଶ୍ରୀରାମଚନ୍ଦ୍ରଙ୍କ ଅଙ୍ଗୁଳିର ସ୍ପର୍ଶପରି ସୁରମ୍ୟ। ଚିହ୍ନଟି ଏତେ ମୋତେ ଭଲ ଲାଗେ ଯାହା ମୋର ପରମ ସୌଭାଗ୍ୟ। ଯେଉଁମାନେ ନିରେଖି ଦେଖନ୍ତି ମୋ ମୁଖମଣ୍ଡଳକୁ ସେମାନଙ୍କ ମଧ୍ୟରୁ ଅନେକେ ପଚାରିଥାନ୍ତି ଏହି ଦାଗଟି ବାସ୍ତବରେ କଣ ? ସେତେବେଳେ ସମଗ୍ର ଘଟଣାଟିକୁ ଅନାକର୍ଷଣୀୟ ଭାବରେ ବର୍ଣ୍ଣନା କରି ଏହା କବିଙ୍କ ପରମ ସ୍ନେହର ଚିହ୍ନ ବୋଲି ଗୌରବର ସହିତ ପୁଲକିତ କଣ୍ଠରେ କହିଥାଏ ମୁଁ। ଏହି ଚିହ୍ନଟି ମୋତେ କେମିତି ମାନେ ସେହି ସୌନ୍ଦର୍ଯ୍ୟ ନିଜେ ଯେମିତି ଦେଖିଛି ଏକୁଟିଆ ତାହା ମୁଁ ହିଁ ଜାଣେ। ଅନେକ ସମୟରେ ସଭା ସମିତିରେ ନୀରବ ଲଗ୍ନରେ ବସିଥିବାବେଳେ ମୋ ହାତର ଅନାମିକା ଆଙ୍ଗୁଠି କେତେବେଳେ ଯାଇ ସେଇଠି ଲାଖି ରହିଥାଏ। ମୋର ଅତ୍ୟନ୍ତ ଘନିଷ୍ଠ ଛାତ୍ରଛାତ୍ରୀମାନେ କିମ୍ବା ବିଭିନ୍ନ ଅଞ୍ଚଳର ସଚେତନ ଶ୍ରୋତାବର୍ଗ ହସ୍ତାଙ୍ଗୁଳି ସ୍ପର୍ଶ କରିଥିବା ଅଂଶଟି ସେହି ନିର୍ଦ୍ଦିଷ୍ଟ ସ୍ନେହ-ଚିହ୍ନ ବୋଲି ଜାଣିପାରନ୍ତି ଯାହା ମୋତେ ଅଭିଭୂତ କରିଦିଏ।

ଶ୍ରୀଜଗନ୍ନାଥଙ୍କ ହସ୍ତ ବିହୀନ ମୂର୍ତ୍ତି ଦେଖି ଆମେ ଭାବବିହ୍ୱଳ ହୋଇଯାଉ। ତାଙ୍କର ତ ହାତ ନାହିଁ। କିନ୍ତୁ ଦାସିଆ ବାଉରୀର ପ୍ରଦତ୍ତ ନଡ଼ିଆ ନେବା ପାଇଁ ଶ୍ରୀମନ୍ଦିରରୁ କିପରି ଲମ୍ବି ଆସିଲା କାଳିଆ ଠାକୁରଙ୍କ ହାତ ? ଗଙ୍ଗାଧରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସେପରି ହସ୍ତବିହୀନ। ମନ୍ଦାର ମାଳଟି ମୁଁ ତାଙ୍କ ଗଳାରେ ଲମ୍ବାଇ ଦେବା ପାଇଁ ଦୌଡ଼ିଗଲି ଯେତେବେଳେ, ସେ ହାତ ଲମ୍ବାଇ ମୋ ଚିବୁକକୁ ଯେ ସ୍ନେହରେ ଗେହ୍ଲା ଭାବରେ ଦେଲେ ଆଉଁସି; ତାହାରି ଦ୍ୱାରା ପ୍ରମାଣିତ ହୋଇଗଲା ଆବକ୍ଷ ପ୍ରତିମୂର୍ତ୍ତିର ମଧ୍ୟ ସୁକୋମଳ ହାତ ଅଛି।


ପରିଦର୍ଶକ ପ୍ରଫେସର ଉତ୍କଳ ବିଶ୍ୱବିଦ୍ୟାଳୟ


# ସାମ୍ବାଦିକତା ବୃତ୍ତିରେ ମହିଳାଙ୍କ ସମସ୍ୟା

### ଦିପ୍ତିମୟୀ ନାୟକ

ଆଜିକାଲି ସାମ୍ବାଦିକତାକୁ ବୃତ୍ତି ଭାବରେ ଗ୍ରହଣ କରିବା ନାରୀ ପକ୍ଷରେ କୌଣସି ସହଜ କଥା ନୁହେଁ। ଏ କ୍ଷେତ୍ରରେ ବୃତ୍ତିଗତ ଦୃଷ୍ଟିରୁ ପୁରୁଷ ଅପେକ୍ଷା ନାରୀଟିଏକୁ ଅଧିକ ଭାବରେ ପରିସ୍ଥିତି ସହ ସାଲିସ ଓ ମାଲିସ କରିବାକୁ ପଡିଥାଏ। ବର୍ତ୍ତମାନ ସମୟରେ ଭୟ ଲାଗିଲାଣି ସାମ୍ବାଦିକତା କରିବାକୁ। ଏହି କାରଣରୁ ଅନେକ ସ୍ୱାଭିମାନୀ ମହିଳା କାର୍ଯ୍ୟ ବଦଳାଉଛନ୍ତି କିମ୍ବା ବୃତ୍ତି ଛାଡି ଘରେ ବସୁଛନ୍ତି। ସମାଜରେ କୌଣସି ନାରୀ ଅତ୍ୟାଚାରର ଶିକାର ହେଲେ 'ୱାଚଡଗ' ଭାବରେ ସାମ୍ବାଦିକ ଓ ସାମ୍ବାଦିକାମାନେ ଝପଟି ଆସନ୍ତି କିନ୍ତୁ ସାମ୍ବାଦିକା ନିଜେ 'ୱାଚଡଗ' ମାନଙ୍କର ଚକ୍ରବ୍ୟୂହରେ ଫସିଗଲେ ମହାଭାରତର ଅଭିମନ୍ୟୁ ହେବାକୁ ପଡେ। କେବେକେବେ ମନକୁ ପ୍ରଶ୍ନଟିଏ ଆସେ - ସାମ୍ବାଦିକାମାନେ ନିଜର ବୃତ୍ତିଗତ ଅତ୍ୟାଚାରର ଅଭିଜ୍ଞତାକୁ ନେଇ ବହି ଖଣ୍ଡିଏ ଲେଖାଏଁ ଲେଖନ୍ତେ କି !!! ଅନେକ ୱାଚଡଗଙ୍କର ମୁଖାରୁ ଡଗ୍ ଚାଲିଯାଇ ଶାର୍ଦ୍ଦୁଳ ମୁଖା ଖୋଲିଯିବ। ସବୁ ସମ୍ବାଦ ସଂସ୍ଥା ଏଭଳି ନୁହେଁ। ଅଳ୍ପ କିଛି ସଂସ୍ଥାରେ ମହିଳାମାନେ ସୁରକ୍ଷିତ ନୁହଁନ୍ତି। ତେବେ ଅସୁରକ୍ଷିତ ସଂସ୍ଥା ଗୁଡିକରେ ପ୍ରଥମେ ଠିକ ସମୟରେ ଦରମା ଦିଆଯାଏ ନାହିଁ। ଏଭଳି କରାଯିବାର ଉଦ୍ଦେଶ୍ୟ ହେଲା - ସାମ୍ବାଦିକା ଦରମା ପାଇବାକୁ ଥରେଦୁଇଥର ମାଲିକଙ୍କ ନିକଟକୁ ଆସୁ। ଆଉକିଛି ସଂସ୍ଥାରେ ତିନିଚାରିମାସ ଧରି ଦରମା ଦିଆଯିବନାହିଁ। ତାପରେ ସାମ୍ବାଦିକା ଦିନେ ଆସିବା ବନ୍ଦ କରିଦେବ। ପୁରାପୁରି ଦାଦନ ଶ୍ରମିକଭଳି କାମ କରେଇନେବେ। ବିନା ଦରମାରେ ତଡିଦେବାଭଳି ଅବସ୍ଥା ସୃଷ୍ଟି କରିଦିଆଯିବ। ତିନିମାସ କାମ ହୋଇଗଲା, ତାହା ପୁଣି ବିନା ପଇସାରେ। ଦରମା ମାଗିଲେ ଉତ୍ତର ଆସେ - ରେଭିନ୍ୟୁ ଆସିନାହିଁ, ଆସିଲେ ଦେବୁ। ଆଉ କିଛି ସଂସ୍ଥାରେ ମାସକୁ ଦଶହଜାର ଦେବାର ପ୍ରତିଶ୍ରୁତି ଥାଏ କିନ୍ତୁ ମାସ ଶେଷରେ ଦୁଇହଜାର ନେଇଥାଅ, ପଇସା ମିଳିଲେ ଦେଇଦେବୁ।

ଏହିପରି ଦୁଇତିନିମାସ କାମ କରିବାପରେ ଆଉ ତଡିବା ଆବଶ୍ୟକ ପଡେନାହିଁ। ବିଚାରୀ ସାମ୍ବାଦିକା ବକେୟା ଦରମା ମିଳିବାର ନିଷ୍ଫଳ ଆଶାନେଇ ମନକୁମନ ଘରେ ରହିଯାଏ। ବିରାଟ ରାଜାଙ୍କ ପ୍ରାସାଦରେ ସୈରିନ୍ଧ୍ରୀ ନିରାପଦ ଥିବାଭଳି ମନେହେଉଥିଲେ ବି କିଚକ ଯନ୍ତା ବସାଇ ଜଗିରହିଥାଏ। ଏହିପରି ସାମ୍ବାଦିକାମାନଙ୍କୁ ବର୍ତ୍ତମାନ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ଏବେ ଦେଖିବା ସାମ୍ବାଦିକାର ସୁରକ୍ଷା କଥା। ଜଣେ ସାମ୍ବାଦିକା ନିଜ କର୍ମ କ୍ଷେତ୍ରରେ ମାନସିକ ଅତ୍ୟାଚାରର ଶିକାର ହେଲେ ସେ ଖବର କେବେବି ବାହାରକୁ ଆସେ ନାହିଁ। ଯଦି ଦୈବାତ ସେ ଖବର ବାହାରକୁ ଆସିଲା ପୁରୁଷମାନେ ଘେରିଯାଇ ମହିଳାଟିର ଚରିତ୍ର ହନନ କରିବାରେ ଲାଗି ପଡନ୍ତି। ବିଚାରୀ ନିଜର ଇଜ୍ଜତ ବଞ୍ଚେଇ କର୍ମସ୍ଥଳୀ ତ୍ୟାଗକରେ। ଏଠାରେ ଅପରାଧଟା ହେଲା - ସେ ଜଣେ ମହିଳା। ମିଛସାକ୍ଷୀ ଯୋଗାଡକରି ପରିସ୍ଥିତିକୁ ଏପରି ଗୋଳିଆ କରିଦିଆଯାଏ ଯେ ନିଜପାଇଁ ନିଜେ ସଫେଇ ଦେବାର ଯୁ ନଥାଏ। କର୍ମକ୍ଷେତ୍ରର ସ୍ଥିତି କିଭଳି ଥାଏ ତାହା ଲୋକ ଲୋଚନକୁ ମଧ୍ୟ ଆଣି ପାରନ୍ତିନାହିଁ। ସେ ଅନ୍ୟମାନଙ୍କର ଖବର ଦୁନିଆକୁ ଜଣାଇବ କେବଳ ନିଜ ଖବରକୁ ଛାଡି। ତାଙ୍କ ଧର୍ଯ୍ୟର ପରୀକ୍ଷା ସମସ୍ତେ ନେବେ ହେଲେ ସେ କେବେବି ଅଧୈର୍ଯ୍ୟ ହେଲାଭଳି କୌଣସି କାର୍ଯ୍ୟ କରିପାରିବେନି। ଅନେକ ସମୟରେ ସେ ନିନ୍ଦା ସହିବେ ହେଲେ ସେ କେବେବି ନିଜ ମୁହଁ ଖୋଲି ପ୍ରତିବାଦ କରି ପାରିବେନି କାରଣ ସେ ଜଣେ ମହିଳା ତାଙ୍କର ସହିବାର ଶକ୍ତି ଅଧିକ କହିବାର ଶକ୍ତି କମ। ସେ ଅନ୍ୟ ବିଷୟରେ ଲମ୍ବା ଲମ୍ବା କାହାଣୀ ଲେଖିଦେବେ ହେଲେ ନିଜ ବିଷୟରେ ଗୋଟେ ଛୋଟ କାହାଣୀ ମଧ ଲେଖି ପାରିବେନି।

ତେବେ ଏକଥା କାହାକୁ କହିବା କିଏ ସେ ଶୁଣିବ। ଯଦି ମହିଳାଙ୍କ ସୁରକ୍ଷା କଥା ଉଠୁଛି ତେବେ ମହିଳା ସାମ୍ବାଦିକା ମାନଙ୍କୁ ଥରେ ପଚାରିଦେବା ଉଚିତ ଯେ, ସେମାନେ ନିଜ କର୍ମକ୍ଷେତ୍ରରେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ତ ! ରାତି ବାରଟା ପରେ ନିଜର ଡ୍ୟୁଟି ସରୁନାହିଁ ତ ! ଯଦି ସେମାନେ ନିଜେ ସୁରକ୍ଷିତ ନୁହଁନ୍ତି ତାହାଲେ କିପରି ଅନ୍ୟ ମହିଳାଙ୍କ ଭାବନାକୁ ଲେଖିପାରୁଛନ୍ତି !! ଆଉ ସେହି ପ୍ରଶ୍ନ ଗୁଡିକ ଭିତରେ ଅନେକ ଉତ୍ତର ଲୁଚି ରହିଥାଏ ଯେଉଁ ଉତ୍ତର ପାଇ ମନ ମଧ୍ୟ ମନକୁ କହିଦିଏ ଏତେ ପ୍ରଶ୍ନର ଉତ୍ତର ନାହିଁ।

ଏଭଳି ଅତ୍ୟାଚାର ସହିବା ଜଣେ ସାମ୍ବାଦିକା ପାଇଁ ବହୁତ କଷ୍ଟକର ହୋଇଥାଏ। ଯେପରିକି ବିନା କାରଣରେ ୱାଚଡଗ୍ ମଧ୍ୟରୁ କିଛି ଡଗଙ୍କର ଭୋକିବା ଅଭ୍ୟାସ ଅଛି। ଏମାନଙ୍କୁ ଦେଖୁ ଦେଖୁ ମୁଣ୍ଡ ବିନ୍ଧା ଆରମ୍ଭ ହୋଇଗଲାଭଳି ଲାଗିଥାଏ। ବେଳେବେଳେ ମାନସିକ ଅତ୍ୟାଚାରର ସୀମା ଟପିଯାଇଥାଏ। ସାମ୍ବାଦିକତା କ୍ଷେତ୍ରରେ ଆଜିବି ଅନେକ ନାରୀ କିଛି ହିଂସ୍ର ଜନ୍ତୁଙ୍କ ଠାରୁ ଆହୁରି ଭୟଙ୍କର ଲୋକଙ୍କ ସାମ୍ନା ପ୍ରତ୍ୟେକ ଦିନ କରୁଛନ୍ତି। କେତେକ ସମ୍ବାଦ ସଂସ୍ଥାର ଏହି ହିଂସ୍ରଜନ୍ତୁ ସଦୃଶ ସାମ୍ବାଦିକ ମାନେ କାହାର ଜୀବନ ନେବେନି ସତ କିନ୍ତୁ ବଞ୍ଚିବାକୁ ବି ଦେବେନି। ପ୍ରଭୁତ୍ୱ ଜାହିର ପାଇଁ ଏମାନେ କିଛିବି କରିପାରନ୍ତି। ଏମାନେ କେବେ କାହାକୁ ହସେଇ ପାରିବେନି କିନ୍ତୁ ପ୍ରତ୍ୟେକ ଦିନ ନିଜ କର୍ମକ୍ଷେତ୍ରକୁ ଯାଉଥିବା ସାମ୍ବାଦିକାକୁ ସେହି ଡେସ୍କ ଉପରେ କିପରି କନ୍ଦେଇବେ ତାହାର ଷଡଯନ୍ତ୍ର ନିହାତି କରିଥିବେ କାରଣ ଏମାନଙ୍କ ମଧ୍ୟରେ କିଛି ପୁରୁଷ ଆଉ କିଛି ମହିଳା ଥାଆନ୍ତି। ଯେଉଁମାନେ କି ମିଳିତ ଭାବରେ ଅନ୍ୟର କାମକୁ ଜଗିକି ବସିଥାଆନ୍ତି। ଏମାନଙ୍କ କାମକୁ କେହି ଜଗିବେନି କିନ୍ତୁ ଏମାନେ ଅନ୍ୟର କାମକୁ ଜଗିକି ବସିଥିବେ। ସତ କହିବାକୁ ଗଲେ ଆଜିର ଦିନରେ ଜଣେ ମହିଳା ହିଁ ଆଉ ଜଣେ ମହିଳାର ଶତ୍ରୁ ହୋଇଥାଏ କିନ୍ତୁ ସବୁ ମହିଳା ସମାନ ନଥାନ୍ତି। କି ସବୁ ମହିଳା ଅନ୍ୟ ମହିଳା ମାନଙ୍କୁ କର୍ମସ୍ଥଳରେ କେମିତି ହଇରାଣ କରିବେ ତାହାର ଷଡଯନ୍ତ୍ର କରିନଥାଆନ୍ତି କି ସେହି ଷଡଯନ୍ତ୍ରକାରୀ କିଛି ମହିଳା ଓ କିଛି ପୁରୁଷଙ୍କ ସହ ସାମିଲ ହୋଇନଥାନ୍ତି କିନ୍ତୁ କିଛି ଗୋଡ଼ଟଣା ସାମ୍ବାଦିକ ଆଉ କିଛି ଗୋଡ଼ଟଣା ସାମ୍ବାଦିକା ମାନେ ଭୁଲ ନଥିଲେବି କମା କିମ୍ବା ପୂର୍ଣ୍ଣଚ୍ଛେଦଟିଏକୁ ନେଇ କନ୍ଦେଇ ଦେଇଥାଆନ୍ତି। ଆଉ ସତ ଜଣା ପଡିଲେ ଅନ୍ୟକୁ ବୁଝେଇ ଦେଇ ନିଜକୁ ସାଧୁ ବୋଲି କହିଦେଇଥାଆନ୍ତି।

ତେବେ ଯେଉଁ ମହିଳା ସାମ୍ବାଦିକାମାନେ ପ୍ରତିଦିନ ନିଜ କର୍ମକ୍ଷେତ୍ରକୁ ଧାଇଁ ଆସି ନିଷ୍ଠାରସହ କାର୍ଯ୍ୟ କରୁଛନ୍ତି ସେମାନଙ୍କ କର୍ମକୁ ସମ୍ମାନ ଜଣାନ୍ତୁ। ସବୁ ସମ୍ବାଦସଂସ୍ଥା ଏକାପରି ନୁହଁନ୍ତି। କାହାର ଯଦି କିଛି ଲେଖାରେ କିଛି ପୁରୁଷ ବନ୍ଧୁମାନେ ଏବଂ କିଛି ମହିଳା ବନ୍ଧୁମାନେ ଭୁଲ ଦେଖୁଛନ୍ତି ତାକୁ ସଂଶୋଧନ କରିଦିଅନ୍ତୁ କିନ୍ତୁ ତାଙ୍କ ଲେଖାକୁ ବଦଳାଇ ତାଙ୍କୁ ଅପମାନିତ କରନ୍ତୁନି। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ପୁରୁଷ ଓ ମହିଳା। ପୁଅଙ୍କୁ ଯେତିକି ସ୍ୱାଧୀନତା ମିଳିଛି ଝିଅଙ୍କୁ ମଧ୍ୟ ସେତିକି ସ୍ୱାଧୀନତା ମିଳିଛି। ହେଲେ ଏହି ସାମ୍ବାଦିକତା କ୍ଷେତ୍ରରେ ଝିଅଙ୍କ ସ୍ୱାଧୀନତାରୁ କିଛି ଅଂଶ କିଛି ମହିଳା ଓ କିଛି ପୁରୁଷ ଛଡାଇ ନେଉଛନ୍ତି। ଏହାର ପ୍ରମୁଖ କାରଣ ହେଉଛି ଇର୍ଷାଭାବ। ଜଣେ ଉପରକୁ ଉଠିଲେ ଆଉ ଜଣେ ଗୋଡ଼ ଟାଣିବାକୁ ଅନେଇ ରହିବା ଏକ ସାମାଜିକ ଅପରାଧ। ସେଥିପାଇଁ ସାମ୍ବାଦିକତା କ୍ଷେତ୍ରରେ କିଛି ମହିଳା ବେଶି ଅତ୍ୟାଚାରୀତ ହେଉଛନ୍ତି। ଶେଷ କଥା ତ ନୁହେଁ, କଥା ଶେଷରେ ଏତିକି କହିବି ଯେ, ସାମ୍ବାଦିକତା ବୃତ୍ତିରେ ଥିବା ମହିଳାମାନେ ଗୋପନୀୟ ଭାବେ ସଙ୍ଗଠନଟିଏ କରନ୍ତୁ ଆଉ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଲିପିବଦ୍ଧକରି ରଖନ୍ତୁ। ଗୋପନୀୟତା ରକ୍ଷା ଏଥିପାଇଁ ଜରୁରୀ ଯେ - ବୋମାଟିଏ ଗୋପନୀୟ ଭାବରେ ତିଆରି ହୁଏ ଫୁଟିଲେ ସମସ୍ତେ ଜାଣିବେ। ଠିକ ସେହିପରି ଗୋପନୀୟ ଭାବେ ସଙ୍ଗଠନଟିଏ କଲେ ହୁଏତ ପ୍ରତ୍ୟେକ ମହିଳା ସାମ୍ବାଦିକତା କ୍ଷେତ୍ରରେ ସୁରକ୍ଷିତ ଭାବରେ କାମ କରିପାରିବେ କାରଣ ନାଲି ଆଖି ଦେଖାଉଥିବା ଲୋକଙ୍କର ଆଖିରେ କେବଳ ଭୟ ରହିବ ଆଉ ସର୍ଚୋଟ ଭାବରେ କାମ କରୁଥିବା ସାମ୍ବାଦିକାଙ୍କୁ ତାଙ୍କର ପ୍ରକୃତ ସ୍ଥାନ ମିଳିଯିବ।


ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬


## ତୁମେ ଗଲାଦିନୁ
### ସିଦ୍ଧେଶ୍ୱର ତ୍ରିପାଠୀ

ତୁମେ ଗଲାଦିନୁ ମିଳନର ଗୀତ
ଏଯାଏ ପାରୁନି ଲେଖି
ବହଳ ଅନ୍ଧାରେ ଅବା ଆଲୁଅରେ
ଭିଜିଯାଏ ଦୁଇ ଆଖି ।

ଫଗୁଣ ଶ୍ରାବଣ ସେ ଜୋଛନା ଜହ୍ନ
କେବେଠୁ ଗଲାଣି ଦୂରେ
ତୁମ ସ୍ନେହ ପ୍ରୀତି ଯେତେ ଅନୁଭୂତି
ଅତୀତ ହେଲାଣି ଧିରେ ।

ମୋ ଲେଖନୀ ଆଜି ଫିକା ଫିକା
ଦିଶେ
ବିରହର ରଙ୍ଗ ମାଖି

ତୁମେ ଗଲାଦିନୁ ମିଳନର ଗୀତ
ଏଯାଏ ପାରୁନି ଲେଖି ।

ଆଉ କେବେ ଅବା ଜୀବନ ବାଟରେ
ତୁମ ସାଥେ ହେବ ଦେଖା
ଜୀବନ ଯମୁନା ଉଜାଣି ବହିବ
ହେବ ଅବା ରଙ୍ଗ ମଖା ।

ମୋ ପ୍ରେମ ରେ କିନ୍ତୁ ଉଣା
ହେବନାହିଁ
ସମୟ ରହିଲା ସାକ୍ଷୀ
ତୁମେ ଗଲାଦିନୁ ମିଳନର ଗୀତ
ଏଯାଏ ପାରୁନି ଲେଖି ।

ଖୋର୍ଦ୍ଧା

## ତୁମ ପ୍ରେମ ସହରେ
### ରମାକାନ୍ତ ଦାସ

ତୁମ ପ୍ରେମ ସହରେ
ମୁଁ ଆଜି ଅଜଣା ନାୟକ
ମୋ ବିଗତ ଦିନର ସ୍ମୃତିକୁ ସାଇତି
ସାଜିଛି ମୁଁ ତୁମର ପାଗଳ ପ୍ରେମିକ ।
ତୁମପାଇଁ ମୁଁ ଜିଏଁ
ତୁମପାଇଁ ମୁଁ ମରେ
ତୁମକୁ ପାଇବା ପାଇଁ
ମୁଁ ବିରହ ନିଆଁରେ ଜଳୁଥାଏ
ତୁମ ପ୍ରେମର ଯନ୍ତ୍ରଣା ଜର୍ଜରିତ
ଦୁନିଆଁରେ ।
ତୁମେ ମୋର ଅସରନ୍ତି
ଅନୁଭବର ସ୍ରୋତ
ତୁମେ ମୋ ହୃଦୟର ଜୀବନ୍ତ କ୍ଷତ
ତୁମେ ମୋ ବିତିଯାଇଥିବା ଅତୀତ
ତୁମେ ମୋ ସ୍ୱପ୍ନ ତୁମେ ମୋ କଳ୍ପନା
ତୁମେ ମୋ ଶୂନ୍ୟତା ସହର ଯାତନା
ତୁମେ ମୋର ସେଇ
ହଜିଯାଇଥିବା ଜହ୍ନ
ଯାହାକୁ ପ୍ରତିମୁହୂର୍ତ୍ତେ
ଖୋଜେ ମୋ ମନ ।
ତୁମେ ପ୍ରେମ ସହରେ
ମୁଁ ଅଜଣା ନାୟକ
ମୋ ଭଙ୍ଗା ହୃଦୟର ଆଶାକୁ ସାଇତି
ସାଜିଛି ମୁଁ ତୁମର ପାଗଳ ପ୍ରେମିକ ।

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ରାତି ତ ଅଳପ ବାକି
### ହରେରାମ ପଣ୍ଡା



ନୀରବ ରାତିର ମିଠା ସପନ ତୁ
ମରମ ମୋ ଛୁଇଁ ଦେଉ,
ତୋ ମନ ତଳର ଗୋପନ କଥାକୁ
ଚୁପି ଚୁପି କହିଯାଉ ।
ନଈ ପଠାରେ ତୁ କାଶତଣ୍ଡୀ ପରି
ନାଇଁ ନାଇଁ କରୁଥାଉ,
କେମିତି କେଜାଣି ପାଖକୁ ଆସିଲେ
ଦେହକୁ ମୋ ଛୁଇଁ ଦେଉ ।
ପାହାଡି ଝରଣା ପରି ନିଜ ବାଟ
ନିଜେ ସିନା ବାଛି ନେଉ,
ବୁଝିବୁ କେମିତି ମନତଳେ ମୋର
କେତେ ବ୍ୟଥା ଦେଇଯାଉ ।
କିଛି ବୋଲି କିଛି କହିନାହିଁ ବୋଲି
ଭାବୁଚୁ କହିବି ନାହିଁ,
ଯାହା ରଖିଚି ମୁଁ ମନରେ ସାଇତି
ଦିନେ ସବୁ ଦେବି କହି ।
କାହାପାଇଁ ଜହ୍ନ, ଫୁଲ କି ଫଗୁଣ
ଛଅ ଋତୁ କାହା ପାଇଁ,
ମନ ତଳେ ମୋର ସଞ୍ଜବତୀଟେ ତୁ
ଅନ୍ଧାର ଦେଉ ଦୂରେଇ ।
ଦିନ ଯାଏ ଗଡ଼ି, ସଞ୍ଜ ଆସେ ମାଡ଼ି
ସମୟ ରହିଚି ସାକ୍ଷୀ,
କେତେ ଯେ ସପନ ଆଖିରେ ରହିଚି
ରାତି ତ ଅଳପ ବାକି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ, ମେରଦା କାଟିଆଛକ,
ଯାଜପୁର ।
ମୋ:୯୪୩୮୦୬୫୧୯୫





## କବିତା
ତୁମ ପାଇଁ

### ବାର ମାସେ ଛଅ ଋତୁ
**ବୀରେନ୍ଦ୍ର ମହାନ୍ତି**

ବୈଶାଖ ଜ୍ୟେଷ୍ଠେ ଗ୍ରୀଷ୍ମ ଋତୁ
ହୁଅଇ ଟାଣ ଖରା
ଆଷାଢ଼ ମାସେ ବରଷାଋତୁ
ଝରେ ଶ୍ରାବଣ ଧାରା।

ଗଣେଶ ପୂଜା ଭାଦ୍ରବ ମାସେ
ଆଶ୍ୱୀନେ ଦୂର୍ଗା ପୂଜା
ପୂଜା ପାର୍ବଣେ ଶରତ ଋତୁ
ଲାଗଇ ଭାରି ମଜା।

କାର୍ତ୍ତିକ ମାସେ ହବିଷ ବ୍ରତ
ଆକାଶ ଦ୍ୱୀପ ଜଳେ
ମାର୍ଗଶୀରରେ ବସଇ ମାଣ
ହେମନ୍ତ ଋତୁ କାଳେ।

ପୌଷ ମାଘେ ଆସଇ ଶୀତ
ଋତୁ ମଧ୍ୟରେ ସାର
ଖାଇବା ମଜା ପଢିବା ମଜା
ଦେହକୁ ଉପକାର।

ଫାଲଗୁନ, ଚୈତ୍ର ମାସଟି ଶ୍ରେଷ୍ଠ
ବସନ୍ତ ଋତୁରାଜ
ବାରମାସରେ ଛଅଟି ଋତୁ
ପିଲାଏ ମନେ ହେଜ।

+ନୀଳଚକ୍ର ନଗର, ଅଠର ନଳା
ପୁରୀ -୨
ମୋ: ୮୯୧୭୪୬୦୦୪୮



### ଛୁଇଁଲାଣି ଖରା ତାତିଲାଣି ଧରା
**ଶରତ କୁମାର ଦାସ**

ଛୁଇଁଲାଣି ଖରା ତାତିଲାଣି ଧରା
ବସନ୍ତ ଲୁଚିଛି ଦୂରେ,
ମଧୁର ମଳୟ ବାଜୁନାହିଁ ଦେହେ
ମନ ଖାଲି ନିତି ଝୁରେ ।

ସୂରୁଯଙ୍କ ତେଜ ଯାଏ ବଢ଼ିବଢ଼ି
ଗମଗମ ବହେ ଝାଳ,
ନିଆଁ-ବରଷାକି ଝରୁଛି ଆକାଶୁ
ଶୁଖିଲାଣି ନଈ ନାଳ ।

ବାଟୋଇ ଭାଇଟି ଯାଉଯାଉ ବାଟେ
ଖୋଜିଲାଣି ଗଛ-ଛାଇ,
ମୁଣ୍ଡରେ ଗାମୁଛା ହେଲାଣି ସଜଡ଼ା
ହାତେ ଛତାଟିଏ ଥାଇ ।

ଲେମ୍ବୁ ସରବତ ସାଥେ ଘୋଳଦହି
ବାସିଲାଣି ମହମହ,
ପଖାଳ ତୋରାଣି ବଢ଼ା ତ ହେଲାଣି
ରହରେ ମିତ ତୁ ରହ ।

ବାଡ଼ିବଗିଚାରେ ପଡ଼ିଲାଣି ହୁରି
ଆସିଛି ବୋଲି ତ ଖରା,
ପାଣି ଟୋପେ ପାଇଁ ଡହଳବିକଳ
ଗଛବୁରୁଛ ତ ପରା ।

ପଡ଼ିଆରେ ଘାସ ଝାଉଁଳିଗଲାଣି
କେମିତି ଉଠିବ କୁହ,
ସହିପାରୁନାହିଁ ଗୀରିଷମ ଦାଉ
ଟେକି ପାରୁନାହିଁ ମୁହଁ ।

ପଶୁପକ୍ଷୀ କୀଟ ତରୁଲତା ଯେତେ
ସଭିଙ୍କ ମନରେ ଡର,
କେମିତି ରହିବେ କେମିତି ଜିଇବେ
ଭାବି ବହେ ଲୁହ-ଝର ।

ବଇଶାଖ-ଜ୍ୟେଷ୍ଠ ଏଇ ଦୁଇ ମାସେ
ଖରାର ରାଜୁତି ଚାଲେ,
ସାବଧାନ ହୋଇ ଚଳିବା ଯେବେଟି
ପଡ଼ିବାନି ତାଆ କାଳେ ।

ଖରା ହେଉ ଅବା ବରଷା କି ଶୀତ
ସବୁତ ଆମରି ପାଇଁ,
ଯେତକ ଭିଆଣ କରିଛନ୍ତି ପ୍ରଭୁ
ସେଇ ଜଗତର ସାଇଁ ।

+ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ଛୋଟ ପିଲା, ବଡ଼ ଚିନ୍ତା
**ରମେଶ ଚନ୍ଦ୍ର ଦାଶ**



ରାଧା ନାମକ ଝିଅଟିଏ । ମଫସଲ ଅଂଚଳରେ ଘର । ସେ ତୃତୀୟ ଶ୍ରେଣୀରେ ପଢ଼େ । ତା'ର ବିଦ୍ୟାଳୟ ଘରଠାରୁ ଅଳ୍ପ ଦୂର । କିନ୍ତୁ ବାଟରେ ଗୋଟିଏ କିଆ ଗୋହିରୀ ପଡ଼େ । ଘରଟି ଗୋଟିକିଆ ହୋଇଥିବାରୁ ତାର କେହି ସାଙ୍ଗ ନଥାନ୍ତି । ଦିନେ ସେ ବିଦ୍ୟାଳୟକୁ ଯାଉଥାଏ । ଜଣେ ସାଇକେଲ୍ ଚାଳକ ସେହିବାଟେ ଯାଉଥାଆନ୍ତି । ସେହି କିଆବୁଦା ଭିତରୁ ନାଗସାପଟିଏ ରାସ୍ତା ଉପରକୁ ଚାଲି ଆସିବାରୁ ଭୟରେ ସାଇକେଲ୍ ଚାଳକ ଜଣଙ୍କ ସାଇକେଲ୍‌ରୁ ପଡ଼ିଗଲେ । ତାଙ୍କ ଦେହହାତ ଖଣ୍ଡିଆ ଖାବରା ହୋଇଗଲା । ସାପଟି ସାଇକେଲ୍ ପଡ଼ିବା ଶବ୍ଦ ଶୁଣି ବାଟ ଭାଙ୍ଗି ଚାଲିଗଲା । ରାଧା ଚାରିଆଡ଼କୁ ଚାହିଁଲା କେହି କୁଆଡ଼େ ନାହାନ୍ତି । ଲୋକଟିକୁ ଟେକିବାକୁ ବଳ ନାହିଁ । ଏତିକିବେଳେ ଅନ୍ୟ ଜଣେ ବ୍ୟକ୍ତି ମୋଟର ସାଇକେଲ୍‌ରେ ଦୂରରୁ ଆସୁଥିବାର ଦେଖି ସେ ଟିକେ ଆଶ୍ୱସ୍ତ ଅନୁଭବ କଲା । ତାଙ୍କୁ ହାତ ଦେଖାଇ ଅଟକାଇବାକୁ କହିଲା । ସେ ଟିକେ ଅଟକିଲେ ଓ କହିଲେ, "ମୋର ଜରୁରୀ କାମ ଅଛି । ମୁଁ ସହରକୁ ଯାଉଛି ।"

ଲୋକଟି ଚାଲିଯିବା ପରେ ସେ ଆହୁରି ବ୍ୟସ୍ତ ହୋଇପଡ଼ିଲା । ବ୍ୟାଗ୍‌ରୁ ବହିପତ୍ର କାଢ଼ି ରଖିଦେଲା ଓ ତାକୁ ପାଣିରେ ବୁଡ଼ାଇ ଆଣି ଲୋକଟି ମୁହଁରେ ପାଣି ଛିଂଚିଲା । କିଛି ସମୟ ପରେ ସେ ଚେତା ପାଇ ଉଠିଲେ । ଝିଅଟି ତାଙ୍କର ସାଇକେଲ୍‌କୁ ବହୁତ କଷ୍ଟରେ ଉଠାଇଲା । ତାଙ୍କୁ ବହିରେ ବିଂଚିଲା ।

କିଛି ସମୟ ପରେ ସେହିବାଟ ଦେଇ ଅନ୍ୟ ଜଣେ ବ୍ୟକ୍ତି କୌଣସି ଗୋଟିଏ କାମରେ ଯାଉଥିଲେ । ସେ ଲୋକଜଣଙ୍କ ଥିଲେ ତାଙ୍କରି ଗ୍ରାମର ମୁଖିଆ । ଲୋକଟିର ଏ ଅବସ୍ଥା ଦେଖି ତାକୁ ତା'ର ଏ ଦୁର୍ଘଟଣା ସଂପର୍କରେ ପଚାରିଲେ । ତା'ଠାରୁ ସବୁ ଶୁଣିବା ପରେ ଅନ୍ୟ ଲୋକମାନଙ୍କ ସାହାଯ୍ୟରେ ତାକୁ ଡାକ୍ତରଖାନା ପଠାଇଲେ। ଝିଅଟିର ସାହାଯ୍ୟ ପାଇଁ ତାକୁ ପୁରସ୍କାର ଦେବାକୁ ପ୍ରଧାନଶିକ୍ଷକଙ୍କୁ ଅନୁରୋଧ କଲେ। ଏହା ଶୁଣିବା ପରେ ଝିଅଟି କହିଲା, "ମୋତେ ପୁରସ୍କାର ନଦେଇ ଆମ ଗାଆଁ ରାସ୍ତା ତିଆରି ନିମନ୍ତେ ବ୍ୟବସ୍ଥା କଲେ ମୋତେ ପୁରସ୍କାର ପାଇଲା ଭଳି ଲାଗନ୍ତା ।"

ଝିଅଟି ଛୋଟ ହେଲେ ବି ତାର ଚିନ୍ତା ଆଗରେ ଗାଆଁ ମୁଖିଆଙ୍କର ମୁଣ୍ଡ ନଇଁଗଲା । ସେ ସେହିଦିନ ଗାଆଁ ରାସ୍ତାର ପରିଷ୍କାର ପରିଚ୍ଛନ୍ନତା ସହିତ ନିର୍ମାଣ ନିମନ୍ତେ ବ୍ୟବସ୍ଥା କଲେ । ସେହି ରାସ୍ତାଟି ନିର୍ମାଣ ହେବା ପରେ ସମସ୍ତେ ରାଧାର ପ୍ରଶଂସା କଲେ । ତାର ବୁଦ୍ଧି ପାଇଁ ସେ ସମଗ୍ର ଦେଶରେ ପୁରସ୍କୃତ ହେଲା ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨
ମୋ: ୯୭୭୬୨୩୮୫୨୨

### ଆମ ସୁନାପୁଅ ନେତାଜୀ
**ଶରତ ଚନ୍ଦ୍ର ଜାଲି**

ଆସ କୁନାମୁନା ଆସରେ ବବୁନା
ପାଳିବା ନେତାଜୀଙ୍କ ଜନ୍ମଦିନ
ସେ ପରା ଆମରି ପ୍ରିୟ ନେତା ଥିଲେ
ଛାଡି ଯାଇଛନ୍ତି ଗୌରବ ଚିହ୍ନ ।

ତାଙ୍କରି ସାହାସ ଶକତି ବଳରେ
ଦେଶେ ଉଡ଼ିଥିଲା ସ୍ୱାଧିନଧ୍ୱଜା
ଧୂପଦୀପ ଆଉ କୁସୁମ ଚନ୍ଦନେ
ଚାଲରେ କରିବା ତାଙ୍କରି ପୂଜା ।

ତାଙ୍କ ଗୁଣ, ନୀତି,ଆଦର୍ଶ ସାଉଁଣ୍ଟି
ମଣିବା ନିଜକୁ ସରବେ ଧନ୍ୟ
ଭାରତମାତାର ସୁନାପୁଅ ସିଏ
ତା ବିନା ଭାରତ ଲାଗଇ ଶୂନ୍ୟ ।

ଦେଶସେବା କରି ଜୀବନଟା ସାରା
ଥରେଇ ଥିଲେ ସେ ଇଂରେଜ ଛାତି
ଡରିବା ତାଙ୍କରି ଜାତକରେ ନାହିଁ
ତାଙ୍କପାଇଁ ବୀର ଆମରି ଜାତି ।

ଗାଇବା ତାଙ୍କରି ଯଶଗୁଣ ଗୀତି
ଭୁଲି ଭେଦଭାବ ଆଳସ୍ୟ ଯେତେ
ଢାଳିଦେବେ ସିଏ ଆମରି ଉପରେ
ସେନେହ, କରୁଣା, ଆଶିଷ କେତେ ।

ତାଙ୍କ ପାଦତଳେ ପ୍ରଣାମ କରିବା
ମଥାନତ କରି ସରବେ ଚାଲ
ଏକତ୍ରିତ ହେବା ଶପଥ କରିବା
ଛିଣ୍ଡେଇବା ଦେଶୁ ଅନ୍ୟାୟ ଜାଲ ।

+ଶିକ୍ଷକ ସରକାରୀ ନୋଡାଲ ଉଚ୍ଚ
ବିଦ୍ୟାଳୟ, କୋଦଳା, ଗଂଜାମ
ମୋ-୮୨୪୯୫୩୪୨୭୪



### ରଖିବା ଉତ୍କଳ ମାନ...
**ରାମଚନ୍ଦ୍ର ବେହେରା**

ସବୁଜ ସୁନ୍ଦର ଶସ୍ୟ ଗନ୍ତାଘର
ଆମରି ଉତ୍କଳ ଭୂଇଁ
ହର୍ଷ ଉଲ୍ଲାସରେ ତା'କୋଳେ ରୁହନ୍ତି
ଓଡିଆ ଭଉଣୀ ଭାଇ।

ଖଣି ସମ୍ପଦରେ ରାଜ ଜେମା ସିଏ
ସାଗର ଚରଣ ଧୁଏ
ତା'କୋଳେ ବହଇ ନଦୀ ଓ ଝରଣା
ସଭିଂକ ମନକୁ ମୋହେ।

ଉତ୍କଳ ଗୌରବ ପ୍ରିୟ ମଧୁବାବୁ
ଗୋପବନ୍ଧୁ ଗଂଗାଧର
ଫକୀର ମୋହନ ରାଧାନାଥ ରାୟ
ରହିଲେ ସଦା ଅମର।

ଛତିଶ ମସିହା ଏପ୍ରିଲ୍ ପହିଲା
ଖୁସିଦେଲା ଅପ୍ରମିତ
ସ୍ୱତନ୍ତ୍ର ରାଜ୍ୟରେ ଉତ୍କଳ ହୋଇଲା
ସାରା ଦେଶେ ପରିଚିତ।

ସେହି ଶୁଭଦିନ ଆସୁଅଛି ମିତ
ପାଳିବା ହାତ ମିଳାଇ
ରାଜ୍ୟ ବିକାଶରେ ବ୍ରତୀ ହେବା ଆମେ
ଅଳସ ପଣ ଦୂରେଇ।

ଉତ୍କଳ ଦିବସ ଶୁଭ ମୁହୂର୍ତ୍ତରେ
ଏକତା ମନ୍ତ୍ର ଆଦରି
ବନ୍ଦେ ମା' ଉତ୍କଳ ଜନନୀ ସଂଗୀତ
ଗାଇବା ଆନନ୍ଦ ଭରି।

ସତ୍ୟ ନ୍ୟାୟ ଧର୍ମ ନୀତି ଆପଣାଇ
ରଖିବା ଉତ୍କଳ ମାନ
ଓଡିଆ ଭାଷାକୁ ନୂଆ ରୂପ ଦେଇ
ଖୁସିରେ କାଟିବା ଦିନ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ମାଆ ପାଖେ ଖେଳେ
**ଅରୁଣ କୁମାର ପଣ୍ଡା**

ମାଆ ପାଖେ ଖେଳେ ହରିଣ ଛୁଆ
ଛୋଟିଆ ବଡ ଡଉଳ
ମାଆଙ୍କ ସହିତ ହେଉଛି ଗେଲ ।
ପାହାଡ଼ କଡ଼ରେ ଖୋଲା ପଡିଆ ।


ଭାରି ବଢ଼ିଆ ସବୁଜ ଘାସ
ଝୁଆ କହେ ମା
ଖାଏବା ଆସ ।

ମାଆ କହେ ଦେଖ ଆଜିର ପାଗ
ହୋଛି ବାଗ
ପଡିଛି ଖରା
ହସି ଦେ ମୋର
ଦୁଃଖ ପାଶୋରା।

ନାଚ ସରିଗଲେ ଲାଗିବ ଭୋକ
ନ ଥିବ ଡକ
ଚାରିବୁ ଘାସ
ହୋୟିବ ତୋର
ମନ ହରଷ ।

+ଟୋଟାପଡା, ଘଣ୍ଟେଶ୍ୱର
ଭଦ୍ରକ -୭୫୬୧୨୯
ମୋ -୯୯୩୭୬୭୯୯୩୭

### ଟିକି ଚଢେଇ
**ବିଷ୍ଣୁ ପ୍ରସାଦ ଦାସ**



ଚିନି ଆଉ ଇରୁ ଦୁଇ ଭଉଣୀ ସେମାନେ ଦୁଇଜଣ ଦୁଇ ଜଣଙ୍କୁ ଖୁବ୍ ଭଲ ପାଆନ୍ତି, ପାଠ ପଢା ସହିତ ଖେଳ କୁଦରେ ସେମାନେ ନିଜ ସ୍କୁଲରେ ମଧ ଖୁବ୍ ଆଗୁଆ ସେଇଥିପାଇଁ ତାଙ୍କୁ ସବୁ ଶିକ୍ଷକ ମାନେ ଭଲ ପାଆନ୍ତି । ପ୍ରତିବର୍ଷ ଗ୍ରୀଷ୍ମ ଛୁଟିରେ ଦୁଇ ଜଣ ମାମୁଁଙ୍କ ଘରକୁ ବୁଲି ଆସନ୍ତି, ମାମୁଁ ମାଇଁ ଓ ସେମାନଙ୍କ ଛୋଟ ଭାଇ ଋଷି ସହିତ ଅନେକ ମଜା କରନ୍ତି । ଗାଁରେ ଆମ୍ବ ପଣଷ ବିଭିନ୍ନ କୋଳି ଗଛ ଭର୍ତ୍ତି ହୋଇ ପରିବେଶକୁ ଖୁବ୍ ସୁନ୍ଦର ଶୀତଳ କରି ଦେଇଛି, ଚିନି ଏବଂ ଇରୁ ବଡ଼ ସହରରରେ ବାସ କରନ୍ତି ତେଣୁ ସେମାନେ ଗ୍ରାମ୍ୟ ପରିବେଶ ଦେଖି ଖୁବ୍ ଖୁସି ହେଉଥିଲେ । ଦିନେ ସେମାନେ ଦେଖିଲେ ତାଙ୍କ ମାମୁଁ ଘର ପାଖ ଆମ୍ବ ଗଛରେ ଦୁଇଟି ସୁନ୍ଦର ପକ୍ଷୀ ଆସି ବସିଲେ, କିଚିରି ମିଚିରି ହୋଇ ତାଙ୍କ ଭାଷାରେ କିଛି କଥା ବାର୍ତ୍ତା ହେଲେ ପୁଣି ଉଡି ଗଲେ । ପରଦିନ ଇରୁ ଚିନିକୁ ଡାକ ପକାଇଲା ଆଉ କହିଲା, 'ଦେଖ ଚିନି ଦିଦି ପୁଣି ସେଇ ପକ୍ଷୀମାନେ ଆସିଲେଣି । ଭାଇ ଭଉଣୀ ତିନିଜଣ ଖେଳ ଛାଡି ସେହି ପକ୍ଷୀଙ୍କର କାର୍ଯ୍ୟକଳାପ ଦେଖିବାକୁ ଲାଗିଲେ । ସେମାନେ କାଠି କୁଟା ଇତ୍ୟାଦି ଆଣି ନୂତନ ଘର ତିଆରି କରୁଥିଲେ । କିଛିଦିନ ପରେ ଘର ତିଆରି ହୋଇ ଗଲା ସେମାନେ ସେହି ଘରେ ରହିବାକୁ ଲାଗିଲେ । ଚିନି ଏବଂ ଇରୁ ଆଈଙ୍କ ପାଖରୁ ରୁଟି ବିସ୍କୁଟ ଆଣି ଗଛ ପାଖରେ ରଖି ପକ୍ଷୀମାନଙ୍କୁ ଡାକୁଥିଲେ କିନ୍ତୁ ପକ୍ଷୀମାନେ ଭୟରେ ଆସୁ ନଥିଲେ । କିଛିଦିନ ପରେ ବଡ଼ ପକ୍ଷୀଟି ତଳକୁ ଡରି ଡରି ଆସି ରୁଟି, ବିସ୍କୁଟ ନେଇ ନିଜ ବସାକୁ ଯାଉଥିଲା, ଦୁଇଜଣ ମିଶି ଖାଉଥିଲେ । ଚିନି ଆଈଙ୍କୁ ପଚାରିଲା ଆଈ ଗୋଟିଏ ପକ୍ଷୀ କାହିଁକି ଆସୁନାହିଁ ଖାଲି ଘରେ ବସି ରହିଛି ? ଆଈ କହିଲେ, 'ସେ ପରା ଅଣ୍ଡା ଦେଇଛି, କିଛିଦିନ ପରେ ତା'ର ଛୋଟ ଛୋଟ ଛୁଆ ହେବେ, କିଚିରି ମିଚିରି କରିବେ ଆଉ ଟିକେ ବଡ଼ ହେଲେ ତାଙ୍କ ଡେଣା ମଜଭୁତ ହେବା ପରେ ତାଙ୍କ ବାପା, ମା' ତାଙ୍କୁ ଉଡିବା ଶିଖାଇବେ ତା ପରେ ସେମାନେ ଦୂର ଆକାଶକୁ ଉଡି ଯିବେ ।' ଓଃ ! ଏମିତି କଥା , ଠିକ୍ ଅଛି ଆମେ ଦେଖିବା ତାଙ୍କ ଛୁଆଙ୍କୁ, ଏ କଥା କହି ଚିନି ଆଈଙ୍କ ଠାରୁ ଶୁଣିଥିବା ସବୁ କଥା ଇରୁ ଏବଂ ଋଷିଙ୍କୁ କହିଦେଲା । ଭାଇ ଭଉଣୀ ତିନିଜଣ ପ୍ରତିଦିନ ସକାଳୁ ରୁଟି ବିସ୍କୁଟ ନେଇ ପକ୍ଷୀଙ୍କୁ ଦେଉ ଥିଲେ, ବାପା ପକ୍ଷୀଟି ଆଉ ନ'ଡରି ପିଲାଙ୍କ ଠାରୁ ରୁଟି ବିସ୍କୁଟ ନେଇ ଖାଉଥିଲା ।

ସମୟ ଆସିଗଲା ଅଣ୍ଡାରୁ ଛୋଟ ଛୋଟ ଶାବକ ବାହାରି ଚୁଁ , ଚାଁ ଶବ୍ଦ କରିବାକୁ ଲାଗିଲେ, ଏଥର ଚିନି, ଇରୁ ଆଉ ଋଷିର ଆନନ୍ଦ କହିଲେ ନସରେ । ଆଈଙ୍କୁ ଡାକି ଆଣି ପକ୍ଷୀ ଶାବକଙ୍କୁ ଦୂରରୁ ଦେଖାଇ ଦେଲେ । ପକ୍ଷୀ ଦମ୍ପତ୍ତି ମଧ ଖୁବ୍ ଖୁସି ହୋଇ ଏ ଡାଳରୁ ସେ ଡାଳ ଉଡ଼ିବୁଲି ନିଜର ଖୁସି ବାଣ୍ଟୁ ଥିଲେ । କିଛି ଦିନ ପରେ ପକ୍ଷୀ ବସାରୁ ତିନୋଟି ଶାବକଙ୍କ ମୁଣ୍ଡ ଟେକି ବାହାରକୁ ଚାହିଁଲେ। ଏହି ଦୃଶ୍ୟ ଦେଖି ଚିନି, ଇରୁ, ଋଷି ଖୁସିରେ ନାଚି ଉଠିଲେ । ପୂର୍ବ ପରି ପ୍ରତିଦିନ ରୁଟି ବିସ୍କୁଟ ଖାଇବାକୁ ପକ୍ଷୀ ମା' , ବାପା ଦୁଇ ଜଣ ପିଲାଙ୍କ ପାଖକୁ ଆସନ୍ତି ଖାଦ୍ୟ ନେଇ ପୁଣି ନିଜ ବସାକୁ ଉଡି ଯାଇ ପିଲା ମାନଙ୍କ ମୁହଁରେ ଖାଦ୍ୟ ଦିଅନ୍ତି । କୁନି କୁନି ପିଲା ତିନୋଟି ଖାଦ୍ୟ ଖାଇବା ପାଇଁ ଏକ ପ୍ରକାର ପ୍ରତିଯୋଗିତା କରୁ ଥାନ୍ତି । ଭାଇ ଭଉଣୀ ତିନିଜଣ ଏହି ସବୁ ଦୃଶ୍ୟ ଖୁବ ଉପଭୋଗ କରନ୍ତି । ଦିନେ ଗୋଟିଏ କାଳି ବିଲେଇ ପକ୍ଷୀ ଶାବକ ମାନଙ୍କୁ ଖାଇବାକୁ ଗଛ ଉପରେ ଚଢ଼ି ଥିଲା, ଏକଥା ଦେଖି ବାପା ପକ୍ଷୀ ଉଡି ଆସି ବିଲେଇକୁ ଖୁମ୍ପି ଖୁମ୍ପି ତଳକୁ ବିଦା କରି ଦେଇ ଥିଲା । ଆଉ ଦିନକର କଥା, ଇରୁର ନଜର ଖୁବ୍ ତୀକ୍ଷଣ ଥିଲା । ସେ ଚିନି ଦିଦି, ଚିନି ଦିଦି ଡାକ ପକାଇଲା, ପକ୍ଷୀମାନେ ମଧ୍ୟ ଖୁବ୍ ଭୟାଳୁ ସ୍ୱରରେ ଡାକି ଉଡୁ ଥିଲେ । ଚିନି ଆସି ସେହି ଦୃଶ୍ୟ ଦେଖି ଡରି ଗଲା ଏବଂ ଦୌଡ଼ି ଯାଇ ମାମୁଁ, ମାଇଁ, ଆଈ, ସମସ୍ତଙ୍କୁ ଡାକି ଆଣି ଦେଖାଇ ଦେଲା ଏକ ବିରାଟ ଅଜଗର ସାପ ସେହି ଗଛ ଚଢ଼ିବାକୁ ଆରମ୍ଭ କରୁଛି । ବୋଧହୁଏ ପକ୍ଷୀ ଶାବକମାନଙ୍କୁ ଖାଇ ଦେବ ଏହି ଭୟରେ ବାପା, ମା' ପକ୍ଷୀ ଚିତ୍କାର କରୁଛନ୍ତି । ଛୋଟ ଛୋଟ ପକ୍ଷୀ ଶାବକମାନେ ମଧ ଭୟରେ ଚିତ୍କାର କରୁଛନ୍ତି ।

ହଠାତ୍ ମାମୁଁ ଘରକୁ ଦୌଡ଼ି ଯାଇ ଗୋଟିଏ ବଡ଼ ବାଉଁଶ ଆଣି ସାପ ଯେଉଁ ଦିଗରେ ଯାଉଥିଲା ସେଠାର ସାପକୁ ରାସ୍ତା ଅବରୋଧ କରିଲେ, ସାପଟି ଟିକେ ଭୟ ପାଇ ରହିଗଲା । ମାମୁଁ ମୋବାଇଲ ଯୋଗେ ସାପର ଫଟୋ ଉଠାଇ ସ୍ନେକ ହେଲ୍ପ ଲାଇନ୍‌କୁ ଖବର ଦେଲେ। ଏହା ଭିତରେ ଗ୍ରାମର ଅନ୍ୟ ମାନେ ଆସି ସାପ ଦେଖିବାକୁ ଭିଡ଼ ଜମାଇ ସାରି ଥିଲେ। ପ୍ରାୟ ଅଧଘଣ୍ଟା ଭିତରେ ଶୁଭେନ୍ଦୁ ବାବୁ କିଛି ସହାୟକଙ୍କୁ ଧରି ପହଞ୍ଚି ଗଲେ । ଅଳ୍ପ ପରିଶ୍ରମ କରି ଅଜଗରଟିକୁ ଧରି ଗୋଟିଏ ମୁଣିରେ ପୁରାଇ ଚନ୍ଦକା ଜଙ୍ଗଲରେ ଛାଡିବାକୁ ନେଇ ଚାଲିଗଲେ ।

ସାପ ଗଲାପରେ ଯିଏ ଯାହା ଘରକୁ ଚାଲି ଗଲେ । ପକ୍ଷୀ ଦମ୍ପତି ଜୁଳଜୁଳୁ ଆଖିରେ ଚିନି, ଇରୁ ଏବଂ ଋଷିକୁ ଅନାଇ ତାର ପିଲାଙ୍କୁ ସାପ କବଳରୁ ବଞ୍ଚାଇ ଥିବା ପାଇଁ ଧନ୍ୟବାଦ ଦେଉ ଥିଲେ । କିଛି ସମୟ ପରେ ଚିନି ଆଈଙ୍କୁ କହିଲା, 'ଆଈ ପକ୍ଷୀର ତିନୋଟି ଛୁଆ ହୋଇଛି । ଟିକେ ବଡ଼ ହୋଇ ଗଲେ ଆମେ ତିନି ଭାଇ ଭଉଣୀ ଗୋଟିଏ ଗୋଟିଏ ଛୁଆ ନେଇ ଘରେ ପଞ୍ଜୁରୀରେ ରଖିବୁ।'

ଆଈ କହିଲେ, ନା' ରେ ମା', ପକ୍ଷୀ ମା' ଠାରୁ ଛୁଆ ଛଡେଇ ଆଣିବା ପାପ । ତା ଛଡା ସେମାନେ ମୁକ୍ତ ଭାବେ ଆକାଶରେ ଉଡି ବୁଲନ୍ତି ଆମେ ତାଙ୍କୁ ପଞ୍ଜୁରୀ ଭିତରେ ରଖିଲେ ତାଙ୍କର କ'ଣ ଆଉ ସ୍ୱାଧୀନତା ରହିବ ? କହିଲ ଦେଖି ତୁମକୁ ଯଦି ଗୋଟିଏ ଘରେ ବନ୍ଦ କରି ରଖା ଯାଏ ତୁମକୁ କ'.ଣ ଭଲ ଲାଗିବ ? ଚିନି ଇରୁ ଏବଂ ଋଷି ଏକ ସ୍ୱରରେ କହିଲେ, ଆଈ ତୁମେ ଠିକ୍ କହିଛ । ଆଈ କହିଲେ, ସରକାର ମଧ ଏହା ଉପରେ ଆଇନ୍ କରି ରୋକ ଲଗାଇଛନ୍ତି । ଏବେ ପକ୍ଷୀ ଶାବକମାନେ ଖଣ୍ଡି ଉଡା ଦେବାକୁ ଆରମ୍ଭ କରି ଦେଲେଣି । ଚିନି ଇରୁ ଏବଂ ଋଷିଙ୍କର ଛୁଟି ଶେଷ ହେବାକୁ ବସିଲାଣି ତେଣୁ ତିନି ଜଣ ମନ ଦୁଃଖ କରୁଛନ୍ତି ପୁଣି ଆସନ୍ତା ବର୍ଷ ଆସିବେ ଆଈଙ୍କ ସହିତ ଦେଖା ହେବ ସେହି ଗଛ ଥିବ କିନ୍ତୁ ସେହି ପକ୍ଷୀ ଦମ୍ପତି ନଥିବେ କି କିଚିରି ମିଚିରି ଶବ୍ଦ ହୁଏତ ଶୁଣା ଯାଉ ନଥିବ । ପରଦିନ ଦିନ ଦଶଟା ବେଳେ ତିନିଜଣ ନିଜ ନିଜ ଜାଗାକୁ ଫେରି ଯିବେ । ସେଦିନ ସକାଳୁ ରୁଟି ବିସ୍କୁଟ ନେଇ ତିନିଜଣ ଗଛ ମୂଳେ ଥୋଇ ଦେଇ ଅପେକ୍ଷା କଲେ । ପକ୍ଷୀ ବାପା ମା' ଆସି ବିସ୍କୁଟ ରୁଟି ଖାଇବା ସମୟରେ ଭାଇ ଭଉଣୀ ତିନିଜଣ କାନ୍ଦ କାନ୍ଦ ହୋଇ କହିଲେ ହେ ! ଟିକି ଚଢେଇ, ତୁମେ ଶୁଣ, ଆମେ ଆଜି ଚାଲି ଯିବୁ ତୁମେ ଆଉ ଆମକୁ ଖୋଜିବ ନାହିଁ, ଆମେ ଆଈଙ୍କୁ କହି ଦେଇ ଯାଇଛୁ ସେ ତୁମକୁ ରୁଟି ବିସ୍କୁଟ ଦେବେ । ଆମେ ପୁଣି ଆର ବର୍ଷ ଆସିବୁ ତୁମେ ଆମକୁ ଦେଖା କରିବାକୁ ଆସିବ କି ? ପକ୍ଷୀ ଦମ୍ପତି କ'ଣ ବୁଝିଲେ କେଜାଣି ସେମାନଙ୍କ ପାଖକୁ ଆସି ଟିକେ ନାଚି ଦେଲେ ଆଉ ବାପା ପକ୍ଷୀଟି ଆମ୍ବ ଗଛ ଉପରକୁ ଯାଇ ଗୋଟିଏ ପାଚିଲା ଆମ୍ବ ଛିଣ୍ଡାଇ ପକାଇ ଦେଲା । ହୁଏତ ଏହା ତା'ର ଚିନି, ଇରୁ ଏବଂ ଋଷିଙ୍କ ପାଇଁ ଉପହାର ଥିଲା । ଗାଡି ଦଶଟା ବେଳକୁ ଆସିଗଲା ମାମୁଁ ଆମ ତିନିଜଣଙ୍କୁ ନେଇ ଭୁବନେଶ୍ୱର ବାହାରିଲେ, କିଛି ବାଟ ଆସିବା ପରେ ଇରୁ କହିଲା, ଚିନି ଦିଦି ଆଉ ଋଷି ଦେଖ ସେଇ ପକ୍ଷୀ ଦୁଇଟି ଆମ ଗାଡି ସହିତ ସମାନ୍ତରାଳ ଭାବେ ଉଡି ଆମକୁ ବିଦାୟ ଜଣାଉଛନ୍ତି । ଗାଡିର ଗତି ବଢିବା ସହିତ ପକ୍ଷୀମାନେ ପଛରେ ରହିଗଲେ ଭାଇ ଭଉଣୀ ତିନିଜଣ ପଛ କାଚ ବାଟେ ଅନାଇ ଅନାଇ ନିଜକୁ ନିଜେ ବୁଝାଇ ଦେଲେ ଏହାକୁ ପ୍ରକୃତ ଭଲ ପାଇବା କୁହଯାଏ ।

+ ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ- ୭୫୩୦୦୯
ମୋ : ୯୯୩୭୧୭୪୦୯୭

# ଶିକ୍ଷାବିତ୍ ତ୍ରିଲୋଚନ ପ୍ରଧାନଙ୍କ ସ୍ମୃତିରେ ମେଗା ରକ୍ତଦାନ ଶିବିର: ୧୦୧ ୟୁନିଟ ରକ୍ତ ସଂଗ୍ରହ

ଭଦ୍ରକ,୨୮/୩ (ନି.ପ୍ର): ଭଦ୍ରକ ଜିଲା ଚାନ୍ଦବାଲି ତଥା ଧାମରା ଅଂଚଳର ବରିଷ୍ଠ ଶିକ୍ଷାବିତ ସ୍ୱର୍ଗତ ତ୍ରିଲୋଚନ ପ୍ରଧାନଙ୍କ ସ୍ମୃତିରେ ଆଜି ଏକ ମେଗା ରକ୍ତଦାନ ଶିବିର ଜାଗୁଲା ଗ୍ରାମପଂଚାୟତ ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ତଥା ବରିଷ୍ଠ ଶିକ୍ଷାବିତଙ୍କ ଉଦ୍ଦେଶରେ ହୋଇଥିବା ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଧାମରା ମେରାଇନ ଥାନାର ଥାନାଧିକାରୀଣୀ ପ୍ରିୟଦର୍ଶନୀ ଖଟୁଆ,ସମ୍ମାନୀତ ଅତିଥି ଭାବେ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ,ଧାମରା ମେଡିକାଲର ଡାକ୍ତର ଜନ୍ମେଞ୍ଜୟ ବେହେରା, କ୍ରିଷ୍ଣ ନାୟକ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିବା ଅବସରରେ ଜାଗୁଲା ପଂଚାୟତର ତ୍ରିଦିବେଶ ପ୍ରଧାନ,ଧାମରା ଜିପି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜିତ ପଳିତା ,ସନ୍ଦୀପ ପତି ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଭଦ୍ରକ ବ୍ଲଡ ବ୍ୟାଙ୍କର ରବିନ୍ଦ୍ର କୁମାର ଜେନା, ରତିକାନ୍ତ ବଳ, ଶୁଭଶ୍ରୀ ନାୟକ, ବଳରାମ ପୁହାଣ ଏବଂ ଏସ କେ ବୁଦ୍ଧିଆ ପ୍ରମୁଖ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ। ଜାଗୁଲା ପଂଚାୟତର ପର୍ସୁରାମ ସେଠୀ, ଜ୍ଞାନ ରଞ୍ଜନ ମଲିକ, ସମ୍ପିତ ନାୟକ, ବସନ୍ତ ଖିଲାର, ଗଗନ ବେହେରା, ସତ୍ୟବ୍ରତ ସେଠୀ, ରାଜକୁମାର କାଣ୍ଡାର, ଦେବଦତ ବିଶ୍ୱାଳ, ଟୁକୁନା ଜେନା, ଦୀପକ ବେହେରା,ପ୍ରଦ୍ୱୀପ ସେଠୀ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଭକ୍ତ କଲବଲ: ମନ୍ଦିର ସମ୍ମୁଖରେ ଅସ୍ଥାୟୀ ଛାମୁଡିଆ ପାଇଁ ଦାବି

କେନ୍ଦ୍ରାପଡ଼ା,୨୮/୩ (ନି.ପ୍ର): କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ସିଦ୍ଧ ବଳ ଦେବ ଜୀଉ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ଛାମୁଡିଆ ତିଆରି କରିବା ପାଇଁ ସର୍ବ ସାଧାରଣରେ ଦାବି ହେଉଛି । ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଦୈନିକ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଆଖପାଖ ଅଂଚଳର ଏବଂ ବାହାରୁ ଶହ ଶହ ଭକ୍ତ ଆସିଥାନ୍ତି । ପ୍ରବଳ ଖରାରେ ମନ୍ଦିର ପରିସର ଓ ବାହାର ଅସହ୍ୟ ଗରମ ଓ ତାତି ସହିତ ମନ୍ଦିର ବେଢାରେ ଥିବା ଚଟାଣ ପଥର ପ୍ରବଳ ତାତି ଯାଉଥିବାରୁ ଭକ୍ତମାନେ ମନ୍ଦିରକୁ ଯିବା ପାଇଁ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଛନ୍ତି । ବାଟ ଦେଉଳ ଠାରୁ ଜଗମୋହନ ପର୍ଯ୍ୟନ୍ତ ଓ ମନ୍ଦିର ଚତୁଃପାର୍ଶ୍ୱରେ ବେଢା ପରିକ୍ରମା ପାଇଁ ସ୍ୱତନ୍ତ୍ର ଭାବେ ଗାଲିଚା ବିଛାଇବା କିମ୍ବା ତାପ ନିରୋଧକ ରାସୟନିକ ଲେପ ପ୍ରୟୋଗ କରିବା ପାଇଁ ସାଧାରଣରେ ଦାବି ହେଉଛି । ଏହା ସହ ମନ୍ଦିର ସମ୍ମୁଖରେ ଯାନ ବାହନ ରଖିବା କିମ୍ବା ଅପେକ୍ଷା କରିବା ପାଇଁ କୌଣସି ସ୍ଥାନ ନଥିବାରୁ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ଛାମୁଡିଆ ତିଆରି କରିବା ପାଇଁ ଦାବି କରାଯାଉଛି । ଫଳରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ସହଜରେ ଦର୍ଶନ କରିପାରିବେ ।

# ଡ. ଅରୁଣ ପଣ୍ଡାଙ୍କ ଦିବ୍ୟାଙ୍ଗ ଦେଶପ୍ରମୀ ଲୋକାର୍ପିତ

ଭଦ୍ରକ,୨୮/୩ (ନି.ପ୍ର): ଭଦ୍ରକ ଜିଲା ଘଂଟେଶ୍ୱର ଅଧୀନ ତୋଟାପଡ଼ା ଗ୍ରାମର ଶିଶୁ ସାହିତ୍ୟିକ ଡ. ଅରୁଣ ପଣ୍ଡାଙ୍କ ଶିଶୁ କିଶୋର ଏକାଂକିକା ସଂକଳନ 'ଦିବ୍ୟାଙ୍ଗ ଦେଶପ୍ରେମୀ' ତୋଟାପଡ଼ା ଠାରେ ଲୋକାର୍ପିତ ହୋଇ ଯାଇଛି। ଡ. ପଣ୍ଡାଙ୍କ ପିତା ସୁନାମଧନ୍ୟ ପାଲା ଗାୟକ ସ୍ୱର୍ଗତ ଅନିରୁଦ୍ଧ ପଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ଆୟୋଜିତ ସଭାରେ ଏହି ପୁସ୍ତକ ଲୋକର୍ପଣ କରାଯାଇଥିଲା। ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ତଥା ସାହିତ୍ୟିକ ଜୟକୃଷ୍ଣ ନାୟକଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଡ. ବସନ୍ତ କୁମାର ସାହୁ ଯୋଗ ଦେଇ ଓଡ଼ିଆ ଶିଶୁ ସାହିତ୍ୟରେ ନାଟକ ଓ ଏକାଂକିକା ଖୁବ୍ କମ୍ ଲେଖା ଯାଉଥିବାରୁ ଡ. ପଣ୍ଡାଙ୍କର ଏହି ପୁସ୍ତକ ଶିଶୁ ସାହିତ୍ୟକୁ ପରିପୁଷ୍ଟ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୀତିକାର ଇଂ ଅଭୟ ସୂତାର, ଶିଶୁ ସାହିତ୍ୟିକ ପର୍ଶୁରାମ ବେହେରା, ପାଲା ଗାୟକ ତ୍ରିଲୋଚନ ପଣ୍ଡା ଯୋଗ ଦେଇ ପୁସ୍ତକ ଉପରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ଓ କବି ଅଭୟ ଦାସ ପୁସ୍ତକର ସମୀକ୍ଷା କରିଥିଲେ। କବି ବିଭୂତି ଭୂଷଣ ସେନାପତି, ମଥୁରା ମୋହନ ବେହେରା, ଆଶୁତୋଷ କରଣ, ସୁବାସ ମହାନ୍ତି, କୈଳାସ ବେହେରା, ମୁକୁନ୍ଦଦେବ ନାୟକ, ଡ. ଅମୂଲ୍ୟ ସେନାପତି, ବୈକୁଣ୍ଠନାଥ ଓଝା, ବାଇଧର ମହାନ୍ତି ପ୍ରମୁଖ ବହୁ କବି, ଲେଖକ ଉପସ୍ଥିତ ଥିଲେ।

# ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ପଂଚମ ଦିବସ: ବୌଦ୍ଧ ବିଜୟୀ

ବଲାଙ୍ଗୀର,୨୮/୩ (ନି.ପ୍ର): ମହାରାଜ ଆର.ଏନ୍. ସିଂହଦେଓ ଫୁଟବଲ ଟୁର୍ଣ୍ଣାମେଂଟ କମିଟି ପକ୍ଷରୁ ଓ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ଆଜି ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ପଂଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଗେହ୍ଲାମା ଏଫ୍‌ସି ବୌଦ୍ଧ ୨-୧ ଗୋଲରେ ବିଏନ୍‌ଏଏ ଜରାସିଂହା କୁ ହରାଇ ବିଜୟୀ ହେଲା। ପିଡି ଡିଆରଡିଏ ବଲାଙ୍ଗିର ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପିଡି ଡୁଡା ତରଣୀସେନ ସୁନା, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଓୟୁଜେ ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ଜିଲ୍ଲା କ୍ରୀଡା ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂହ ଓ କମିଟି ର ବରିଷ୍ଠ ସଦସ୍ୟ ସୁଶିଲ କୁମାର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ସଂଜିବ ମହାରଣା, କରୁଣାକର ପ୍ରଧାନ ଓ ଜିତୁ କୁମାର ଦଲାଇ ପରିଚାଳନା କରିଥିଲେ। କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଖେଳାଳି ଅଜିତ କୁମାର ସାହୁ ଓ ଦିଲିପ ସେଠଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ଖେଳର ଶ୍ରେଷ୍ଠ ଖେଳାଳି ଭାବେ ବୌଦ୍ଧ ଦଳର ଜିତେନ୍ଦ୍ର ଦେହୁରି ଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଂଟ କମିଟିର ସମସ୍ତ କର୍ମକର୍ତା ଓ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ଶୁକ୍ରବାର ବରଗଡ ୟୁନାଇଟେଡ ବନାମ ବୌଦ୍ଧ ମଧ୍ୟରେ ମଧ୍ୟରେ ଖେଳ ହେବ ବୋଲି ଟୁର୍ଣ୍ଣାମେଂଟ କମିଟି ପକ୍ଷରୁ ବିରସେନ ସାହୁ, ଚିନ୍ମୟ ସାହୁ, ସନ୍ତୋଷ କୁମାର ଦନ୍ତା, ସାଗର ସଂଗମ ଶତପଥି, ଗଙ୍ଗାଧର ଚାନ୍ଦ, ସଚିନ ନନ୍ଦ ଓ ଲଳାଟେନ୍ଦୁ ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

# ବଲାଙ୍ଗିରରେ ବାଲି ସଙ୍କଟ: ଅଧିକାରୀ ଓ ବାଲି ମାଫିଆ ମଧ୍ୟରେ ଆନ୍ତରିକ ମିଳିଭଗତ

ବଲାଙ୍ଗିର,୨୮/୩ (ନି.ପ୍ର): ବଲାଙ୍ଗିର ସହରରେ ବାଲି ଦରକାରୀ ଗୃହ ନିର୍ମାଣ କାର୍ଯ୍ୟ ଓ ସାଧାରଣ ଲୋକମାନଙ୍କ ପାଇଁ ବଡ଼ ସମସ୍ୟାର ରୂପ ନେଇଛି ବାଲି ଅଭାବ। ଏହି କୃତ୍ରିମ ଅଭାବ ବ୍ୟବସ୍ଥାପନା ଅଭାବ ଓ ଅନୁଷ୍ଠାନଗତ ଅସମତୁଳନର ଫଳ ଭାବେ ଦେଖାଯାଇଛି । ଏହାର ଫଳରେ ବ୍ଲାକ ମାର୍କେଟିଂ ବଢ଼ିଛି ଓ ବାଲି ଦାମ ଆକାଶଛୁଆଁ ହୋଇପାରିଛି। ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଓଡ଼ିଶା ସରକାରର ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀଙ୍କୁ ଲିଖିତ ଚିଠି ମାଧ୍ୟମରେ ଏହି ଅସଂଗତି ବାବଦରେ ଗୁରୁତର ଆପତି ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ବଲାଙ୍ଗିର ଖଣି ଅଧିକାରୀ ଛୋଟ ଟ୍ରାକ୍ଟର ଚାଳକମାନେ ଯେଉଁମାନେ ବ୍ୟକ୍ତିଗତ ନିର୍ମାଣ ପାଇଁ ବାଲି ଆଣୁଛନ୍ତି, ସେମାନଙ୍କୁ ଅଧିକ ଅର୍ଥଦଣ୍ଡ ଦେଇ ହେରାନ କରାଯାଉଛି। ଏହି ଅଭିଯୋଗ ଅଛି ଯେ, ସେମାନେ ନକଲି କିମ୍ବା ଅବୈଧ ଦଲିଲ୍ ରେ ବାଲି ଆଣୁଛନ୍ତି, କିନ୍ତୁ ଏହି ଦଲିଲ୍ ଯାହା ମାଧ୍ୟମରେ ଜାରି ହେଉଛି, ଖଣି ଠିକେଦାରମାନେ କୌଣସି ଜବାବଦେହି ନହେଉଛନ୍ତି। ବିଧାୟକ ମଧ୍ୟ ଲିଖିଛନ୍ତି ଯେ, ବହୁବାର ସମୀକ୍ଷା ବୈଠକରେ ଏହି ଅନିୟମିତତା ଉଠାଯାଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାସହିତ ଗୁଣ୍ଡା ଅଭିଯୋଗ ହେଉଛି ଯେ ଖଣି ଅଧିକାରୀ ଓ ବାଲି ମାଫିଆଙ୍କ ମଧ୍ୟରେ ମିଳିଭଗତ ରହିଛି । ଏହାର ପରିଣାମ ସ୍ୱରୂପ ଛୋଟ ବ୍ୟବସାୟୀମାନେ ଓ ଗ୍ରାମୀଣ ଉପଭୋକ୍ତାମାନେ ଦମନର ସମ୍ମୁଖୀନ ହେଉଛନ୍ତି। ବାଲି ଦାମ ବେପରୁଆ ଭାବେ ବୃଦ୍ଧି ପାଇଛି, ଯାହା ଏକ ବ୍ଲାକ ମାର୍କେଟ୍ ତିଆରି କରିଛି। ଗୃହ ନିର୍ମାଣ କାର୍ଯ୍ୟରେ ପ୍ରଚଣ୍ଡ ବିଘ୍ନ ଘଟିଛି । ବିଶେଷ କରି ଛୋଟ ମାତ୍ରାରେ ନିର୍ମାଣ କରୁଥିବା ଲୋକମାନଙ୍କ ପାଇଁ। ବିଧାୟକଙ୍କ ଅନୁରୋଧ ଅନୁଯାୟୀ, ସରକାର ନିମ୍ନଲିଖିତ ପଦକ୍ଷେପ ନେବା ଆବଶ୍ୟକ: ବଲାଙ୍ଗିର ଖଣି ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ। ଅବୈଧ ଦଲିଲ ଦେଉଥିବା ବାଲି ଖଣି ଠିକେଦାରମାନଙ୍କୁ ଦଣ୍ଡ। ବଲାଙ୍ଗିର ସହରକୁ ବାଲି ଯୋଗାଇଥିବା ଖଣିଗୁଡ଼ିକର ଷ୍ଟକ ଓ ବିକ୍ରୟ ତଥ୍ୟର ତଦନ୍ତ। ଛୋଟ ଉପଭୋକ୍ତା ଓ ଗୃହ ନିର୍ମାଣକାରୀମାନେ ପାଇଁ ଏକ ସ୍ୱଷ୍ଟ ବିନ୍ୟାସ ନିୟମ ତିଆରି। ସେ ଚେତାବନୀ ଦେଇଛନ୍ତି ଯେ, ଏହି ସମସ୍ୟା ଦେଶୀୟ ଅର୍ଥନୀତି ଓ ପ୍ରଶାସନର ଉପରେ ଲୋକଙ୍କ ବିଶ୍ୱାସକୁ କ୍ଷତିଗ୍ରସ୍ତ କରିଛି । ବିଧାୟକଙ୍କ ଚିଠି ମୁଖ୍ୟ ସଚିବ, ଖଣି ଓ ଖସରତ ବିଭାଗ ସଚିବ, ଓ ବଲାଙ୍ଗିର ଜିଲ୍ଲାପାଳଙ୍କୁ ମଧ୍ୟ ପଠାଯାଇଛି। ସରକାର ଏବେ କେମିତି ପଦକ୍ଷେପ ନେଉଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ୧ ମୃତ, ୧ ଗୁରୁତର

ବଲାଙ୍ଗିର,୨୮/୩ (ନି.ପ୍ର): ବଲାଙ୍ଗିର ଜାତୀୟ ରାଜପଥ ୨୬ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଜାତୀୟ ରାଜପଥ ୨୬ ନିକଟସ୍ଥ ଥାନା ସାମ୍ନା ବଲାଙ୍ଗିର ପଟୁ ଦୃତଗତିରେ ଆସୁଥିବା ଏକ ଟ୍ରକ ଟିଟିଲାଗଡ଼ ପଟୁ ଆସୁଥିବା ଏକ ବାଇକକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜ୍ଞାନରଞ୍ଜନ ବେହେରାଙ୍କ ମୃତ୍ୟୁ ହୋଇ ଥିବାବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ସଇଁତଲା ନିଜ ସଢୁ ଘରକୁ ବିବାହ କାର୍ଡ ଦେଇ ଯାଉ ଥିବା ସମୟରେ ପୋଲିସ ଷ୍ଟେସନ ନିକଟରେ ଦୁର୍ଘଟଣା ଘଟିଥିଲା । ଫଳରେ ଘଟଣାସ୍ଥଳରେ ଜ୍ଞାନରଞ୍ଜନଙ୍କ ମୃତ୍ୟୁ ହୋଇଯାଇଛି । ଅନ୍ୟପଟେ ସଇଁତଲା ପୋଲିସ ପହଁଚି ଗାଡି ଜବତ କରି ଡ୍ରାଇଭରକୁ ଗିରଫ କରିବା ସହ ପୋଲିସ ତଦନ୍ତ ଜାରି ରଖିଛି ।

# ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁରଠାରେ ଆଇନ ସଚେସତନତା ଶିବିର

ଜୟପୁର,୨୮/୩ (ନି.ପ୍ର): ଜିଲ୍ଲା ଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଙ୍କ ନିର୍ଦ୍ଦେଶକ୍ରମେ ଆଜି ସରକାରୀ ମହିଳା ମହାବିଦ୍ୟାଳୟ ଠାରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ସଂକ୍ରାନ୍ତିୟ ଏକ ଆଇନ ସଚେତନତା ଶିବିର ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆଇନ ସେବାପ୍ରାଧିକରଣ ସଚିବ ତଥା ବିଚାରପତି ଶ୍ରୀ ସୁମନ ଜେନା ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମଂଚାସିନ ଅତିଥି ଭାବରେ ଡେପୁଟି ଲିଗାଲ ଏଡ୍ ଡିଫେନ୍ସ କାଉନସେଲ କେ.ଦିବାକର ରାଓ, ହରିଷ୍ଚନ୍ଦ୍ର ମୁଦୁଲି ଏବଂ ଆସିଷ୍ଟାଂଟ ଲିଗାଲ ଏଡ୍ ଡିଫେନ୍ସ କାଉନସେଲ ଗୀତାଞ୍ଜଳୀ ଧଳ, ସରକାରୀ ମହିଳା ମହାବିଦ୍ୟାଳୟର ପ୍ରିନ୍ସପାଲ ଶ୍ରୀ ବିବେକାନନ୍ଦ ସୁନା, ଡଃ. ଭାରତୀ ଦିଗାଲ ଆସିଷ୍ଟାଂଟ ପ୍ରଫେସର, ଇଂରାଜୀ ବିଭାଗ, ଡଃ.ଡମ୍ବୁରୁଧର ଦାସ ଆସିଷ୍ଟାଂଟ ପ୍ରଫେସର ଓଡିଆ ପିଜି ବିଭାଗ ଯୋଗଦେଇଥିଲେ। ତାହା ବ୍ୟତିଥ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ବୃନ୍ଦ ଯୋଗଦେଇଥିଲେ। ମଂଚାସିନ ଅତିଥି ବୃନ୍ଦ କହିଥିଲେ ଆଇନର ଲକ୍ଷ୍ୟ ହେଉଛି କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ରୋକିବା ଏବଂ ସମାଧାନ କରିବା, ସମସ୍ତ କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସମ୍ମାନଜନକ ପରିବେଶ ସୁନିଶ୍ଚିତ କରିବା ଏହି ଆଇନ ଅନୁଯାୟୀ ନିଯୁକ୍ତିଦାତାମାନେ ଏକ ଚଙ୍ଗଫେଈ ନୀତି ସୃଷ୍ଟି ଏବଂ କାର୍ଯ୍ୟକାରୀ କରିବା, ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପ୍ରତିଷ୍ଠା କରିବା ଏବଂ ଯୌନ ନିର୍ଯ୍ୟାତନା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବା ବାଧ୍ୟତାମୂଳକ। ଏହି ଆଇନ ଯୌନ ନିର ?ାତନାର ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଏକ ଢାଂଚା ପ୍ରଦାନ କରେ, ଯେଉଁଥିରେ ତଦନ୍ତ, ଅନୁସନ୍ଧାନ ଏବଂ ଅଭିଯୁକ୍ତଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରକ୍ରିୟା ଅନ୍ତର୍ଭୁକ୍ତ। ଆଇନ ନିଯୁକ୍ତିଦାତାମାନଙ୍କୁ ଏକ ସୁରକ୍ଷିତ କର୍ମକ୍ଷେତ୍ର ବଜାୟ ରଖିବା ପାଇଁ ଦାୟୀ କରିଥାଏ ଏବଂ କର୍ମଚାରୀମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ପ୍ରଦାନ କରିବା ନିଶ୍ଚିତ କରିଥାଏ। ଏହି ଆଇନ ଅଭିଯୋଗ ପ୍ରକ୍ରିୟାରେ ଗୋପନୀୟତା ଉପରେ ଗୁରୁତ୍ୱ ଦିଏ, ଅଭିଯୋଗକାରୀ ଏବଂ ପ୍ରତିବାଦୀ ଉଭୟଙ୍କ ପରିଚୟକୁ ସୁରକ୍ଷା ଦିଏ। ଏହି ଆଇନ ଅଭିଯୋଗକାରୀଙ୍କ ବିରୁଦ୍ଧରେ ଯେକୌଣସି ପ୍ରକାରର ପ୍ରତିଶୋଧକୁ ନିଷେଧ କରେ, ଏହା ନିଶ୍ଚିତ କରେ ଯେ ଯୌନ ନିର୍ଯ୍ୟାତନା ରିପୋର୍ଟ କରିବା ପାଇଁ ତାଙ୍କୁ ଦଣ୍ଡିତ କରାଯିବ ନାହିଁ। ସଂଗଠନଗୁଡ଼ିକୁ ସେମାନଙ୍କର ଅନୁପାଳନ ପ୍ରୟାସ ଉପରେ ଏକ ବାର୍ଷିକ ରିପୋର୍ଟ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ଦାଖଲ କରିବାକୁ ପଡିବ। ଏହି ଆଇନ ଅନୁଯାୟୀ କର୍ମଚାରୀମାନଙ୍କୁ ସେମାନଙ୍କର ଅଧିକାର ଏବଂ ଦାୟିତ୍ୱ ବୁଝିବା ପାଇଁ ତାଲିମ ଏବଂ ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ। ଆଇନ ୧୯୯୭ ମସିହାରେ ସୁପ୍ରିମକୋର୍ଟଙ୍କ ରାୟର ପ୍ରତିକ୍ରିୟାରେ ଜାରି ହୋଇଥିବା ବିଶାଖା ନିର୍ଦ୍ଦେଶାବଳୀ ଉପରେ ଆଧାରିତ ଏବଂ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ମୁକାବିଲା ପାଇଁ ଏକ ବ୍ୟାପକ ଆଇନଗତ ଢାଂଚା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି।

# ଲଇଡା କୃଷି ସେବା ସମବାୟ ସମିତିର ବାର୍ଷିକୋତ୍ସବ

ସମ୍ବଲପୁର,୨୮/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଲଇଡା କୃଷି ସେବା ସମବାୟ ସମିତି ତରଫରୁ ସଭାପତି ସଲିଲ କୁମାର ନାଏକ ଙ୍କ ଅଧକ୍ଷତା ରେ ସଭ୍ୟ ସଭ୍ୟା ମାନଙ୍କ ଉପସ୍ଥିତି ରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଯାଇଛି ଓ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବେରେ ଡି.ଆର.ସି.ଏସ ପ୍ରଶାସନିକ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମରେଇ ଏବଂ ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ରେଙ୍ଗାଲି ଶାଖା ପରିଚାଳକ ଚନ୍ଦନ କୁମାର ଦାସ ଓ ସମିତି ର ପୂର୍ବତନ ସଭାପତି ସରୋଜ କୁମାର ପୂଜାରୀ ଉପସ୍ଥିତ ଥିଲେ ଓ ସମିତି ର ସମ୍ପାଦକ ଗଜେନ୍ଦ୍ର ରଣ ବିବରଣୀ ପଠନ କରିଥିଲେ ଓ ସଭାରେ ନୂତନ ଅଫିସ ଗୃହ ନିର୍ମାଣ , ଆର ଏମ୍ ସି ରେ ଇଲେକ୍ଟ୍ରି ବ୍ୟବସ୍ଥା, ୱେଟ୍ ମେସିନ ଓ ସମିତିର ଅଫିସ ରେ ଥଣ୍ଡା ପାନୀୟ ଜଳ ପାଇଁ ଚାଷୀ ମାନେ ପ୍ରସ୍ତାବ ରଖିଥିଲେ ଓ ଏହି ସଭା ରେ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମରୁ ଚାଷୀ ଯୋଗଦାନ କରିଥିଲେ ଓ ସମିତି ର ଡି.ଇ.ଓ. ଶୁଭମ୍ ବୁଢ଼ା ସ୍ୱାଗତ ଭାଷଣ ରଖିଥିବା ବେଳେ ଏବଂ ସମିତିର କର୍ମଚାରୀ ଜିବନାନନ୍ଦ ସାହୁ , ବାବୁଲୁ ଧୁରୁଆ ,କୈଳାସ ମହାପାତ୍ର ,ସରୋଜ କରଲି ସହଯୋଗ କରିଥିଲେ ଓ ବାର୍ଷିକ ସଭା ରେ ଚାଷୀ ନେତା ରାଜେଶ ପୃଷ୍ଟି , ଅଶ୍ୱିନୀ କୁମାର ପଟେଲ, ନବକିଶୋର ନାଏକ, ସଞ୍ଜୟ ପଟେଲ, ପ୍ରହଲ୍ଲାଦ ପେଟେଇ, ରମେଶ ଚନ୍ଦ୍ର ସାହୁ, ସନ୍ତୋଷ ଭୋଇ, ସର୍ବନନ୍ଦ ସରାଫ ପ୍ରମୁଖ ଚାଷୀ ମାନେ ଯୋଗଦାନ କରିଥିଲେ ଓ ଶେଷରେ ସମିତିର ବୋର୍ଡ ସଦସ୍ୟ ଉମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ତୁଳସୀ ବିଦ୍ୟା ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୮/୩ (ନି.ପ୍ର): କେନ୍ଦ୍ରାପଡା ଇଛାପୁର ସ୍ଥିତ ତୁଳସୀ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ସଭାପତି ନିରଞ୍ଜନ ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ସହିତ ସୁଚରିତ୍ର ଗଠନ ଏକାନ୍ତ ଜରୁରୀ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର କୁନି କୁନି ପିଲାଙ୍କୁ ଉପଦେଶ ପ୍ରଦାନ କରିଥିଲେ । ସ୍କୁଲର ସଂପାଦକ ରବୀନ୍ଦ୍ର କୁମାର ଦାଶଙ୍କ ସଂଯୋଜନା ରେ ଆୟୋଜିତ ଏହି ଉତ୍ସବରେ ପୌର ଅଧକ୍ଷା ଶ୍ରୀମତୀ ସରିତା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସିଆରସିସି ବିଭୁ ପ୍ରସାଦ ନାୟକ, କାଉନସିଲର କାଳୀ ପ୍ରସାଦ ମିଶ୍ର, ପୁଷ୍ପଲତା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ସଫଳ ହୋଇଥିବା ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟ ର ଅଧକ୍ଷା ମିନାକ୍ଷୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁଜୀ ନିରଞ୍ଜନ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୋବଲ ବଜାର ଡ୍ରେନ ନିର୍ମାଣ ନିମ୍ନ ମାନର: କାର୍ଯ୍ୟ ମନ୍ଥରତା, ବିପଦରେ ସ୍ଥାନୀୟ ବାସିନ୍ଦା

ଭଦ୍ରକ,୨୮/୩ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ବିଭିନ୍ନ ଗ୍ରାମ୍ୟ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି ଠିକାଦାର ଓ ଯନ୍ତ୍ରୀ ଙ୍କ ମନ ମାନିରେ କାମ ଚାଲି ଥିବାରୁ ଏପରି ଅବସ୍ଥା ଦେଖିବାକୁ ମିଳିଛି ।ପ୍ରକାଶ ଥାଉକି ଧାମନଗର ରୁ ଷେଣ୍ଢପୁର ଭାୟା ଦୋବଲ ରାସ୍ତାର କିଛି ଅଂଶ ବିପର୍ଯସ୍ତ ହୋଇପଡ଼ିଛି। ଦୁଇ ବର୍ଷହେବ ଉକ୍ତ ରାସ୍ତା ମରାମତି ଓ ନିର୍ମାଣ ଚାଲି ଥିଲେବି ଏ ଯାଏ କାମ ସରୁ ନାହିଁ। ଫଳରେ ଯିବା ଆଶିବା କରୁଥିବା ଲୋକେ ନାକେଦମ ହୋଇ ପଡୁଛନ୍ତି। ବେଦପୁର ଛକ ରୁ ଷେଣ୍ଢପୁର ରାସ୍ତା ଏମିତି ବିପର୍ଯ୍ୟସ୍ତ ହୋଇଛି ଯେ ଗାଡ଼ି କଥା ଛାଡନ୍ତୁ ଚାଲିକି ଯିବା କଷ୍ଟକର ହୋଇପଡୁଚି। ଠିକାଦାର କିଛିଦିନ କାମ କରିବା ପରେ କାମ ବନ୍ଦ କରି ଚାଲିଯାଇଥିଲେ ଏବେ ପୁଣି କାର୍ଯ୍ୟ ମନ୍ଥରତା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଧାମନଗର ରୁ ଷେଣ୍ଢପୁର ଭାୟା ଦୋବଲ ରାସ୍ତାଟି ପୂର୍ତ ଓ ଗୃହ ନିର୍ମାଣ ବିଭାଗର ଦାୟିତ୍ୱରେ ରହିଛି। ରାସ୍ତାଟି ଦୀର୍ଘଦିନ ହେଲା ଖରାପ ହୋଇ ରହିବାରୁ ଏ ନେଇ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ତେବେ ଖୁବଶିଘ୍ର କାର୍ଯ୍ୟ ଶେଷ ହେବବୋଲି ମନ୍ତ୍ରୀ କହିଛନ୍ତି। ସୁଚନା ଥାଉକି ପ୍ରଥମ ପର୍ଯ୍ୟାୟରେ ଧାମନଗର କଲେଜ ପାଖରୁ ଦୋବଲ ଘୋଡ଼ାଗଣ୍ଡ ନାଳ ଯାଏ କଂକ୍ରିଟ ରାସ୍ତା ହୋଇଥିଲା ସେଠାରେ ମଧ୍ଯ ଅଧା କାମ ପଡିରହିଛି ଆଉ ଦୋବଲ ରୁ ଷେଣ୍ଢପୁର ମଝିରେ ରାସ୍ତାର କିଛି ଅଂଶ ତିଆରି ହୋଇ ଥିଲେବି କାମ ସପୁର୍ଣ ହୋଇ ପାରିଲା ନାହିଁ। ଯାହା କାମବି ହୋଇଛି ବିଭାଗୀୟ ଅଧିକାରି ଙ୍କ ଅନୁପସ୍ଥିତ ରେ ନିମ୍ନ ମାନର କାର୍ଯ୍ୟ ହୋଇଛି। ଏବେ ଦୋବଲ ବଜାର ର କାଳୀ ବଜାର ଠାରୁ ବସଷ୍ଟାଣ୍ଡ ଯାଏ କାର୍ଯ୍ୟ ଆରମ୍ଭ ହୋଇଛି, ପ୍ରଥମେ ଡ୍ରେନ କାର୍ଯ୍ୟ ଆରମ୍ଭ ହୋଇଚି ମାତ୍ର ତାହା ନିମ୍ନ ମାନର ହେଉଚି ଯାହାକି ଦୂର ଦୃଷ୍ଟି ଅଭାବ ରୁ ସଧାରଣ ଲୋକ ଙ୍କ କିଛି ଲାଭ ହେବନି ବରଙ୍ଗ ରାସ୍ତା ସମସ୍ୟା ବଢ଼ିବ। ପ୍ରକାଶ ଥାଉକି ଉକ୍ତ ରାସ୍ତା ଜବର ଦଖଲ ଥିବାରୁ ନିକଟରେ ତହସିଲଦାର ଙ୍କ ଦ୍ୱାରା ବଜାର ମାପ କରାଯାଇ ଜାଗା ବାହାର କରାଯାଇଥିଲା। ରାସ୍ତା ର ଫୁଟେ ଛାଡି ଡ୍ରେନ ତିଆରି ହେବ । ମାତ୍ର ଠିକାଦାର ନିଜମର୍ଜିରେ ରାସ୍ତା ର କଂକ୍ରିଟି କୁ ଲଗାଇ ଡ୍ରେନକରୁଛି,ଯାହାଦ୍ୱାରା ରାସ୍ତା ମଧ ପୁଣି ସଙ୍କୁଚିତ ହେଉଚି। ଅପର ପକ୍ଷ ରେ ଯେଉ ଡ୍ରେନ ଖୋଳା ଯାଉଛି ତାହା ଏବେ ବିପଦ ପୂର୍ଣ ରହିଛି , ରାସ୍ତା ଖୋଲି ଦେଇ ଥିଲେ ମଧ କାର୍ଯ୍ୟ ବିଳମ୍ୱ ହେଉଚି। ଖୋଳା ଯାଇଥିବା ଡ୍ରେନ ନିକଟର କିଛି ସୁରକ୍ଷା ଚିହ୍ନ ଦିଆ ଯାଉ ନାହିଁ ଫଳରେ ପାଦଚଲ ଲୋକ ଓ ଯାନ ବାହନ ଦୃଘଟଣ ରେ ଶିକାରହେବେ। କାରଣ ରାସ୍ତାଟି ଚାରିଟି ପଞ୍ଚାୟତର ଜୀବନରେଖା। ପ୍ରାୟ ୪୦ ହଜାର ଲୋକଙ୍କ ମୁଖ୍ୟରାସ୍ତା। ଅଫିସ ଟାଇମ ହୋଇଗଲେ ପ୍ରାୟ ୧୦ ହଜାର ଲୋକ ଏ ବାଟେ ଯାଆସ କରନ୍ତି। । ଏସବୁକୁ ଦେଖିଲେ ରାସ୍ତା ଟି ବିପଦପୂର୍ଣ୍ଣ ଥିବାରୁ ତୁରନ୍ତ ସ୍ତାଇ ସମାଧାନ ପାଇଁ ମଧ ଧାମନଗର ବ୍ଲକ କଂଗ୍ରେସ ନେତା ଅଭିଷେକ ରାଉତ, ପ୍ରଭାତ ପଣ୍ଡା, ରାଜ କିଶୋର ସାହୁ, ସେକ ହାକିମ, ସଂଜୟ ମିଶ୍ର, ସେକ ତରୀମି, ଅଭୟ ସାହୁ, କେଶବ ନାୟକ ଦାବି କରିଚନ୍ତି। ଏ ସଂପର୍କରେ ପୂର୍ତ ବିଭାଗର ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ନିଶ୍ଚିତ ଭାବରେ ଡ୍ରେନ ନିକଟର ସୁରକ୍ଷା ଚିହ୍ନ ଲଗାଇବା କଥା ତେବେ ଖୁବ ଶୀଘ୍ର ଉକ୍ତ ସମସ୍ୟା ର ସମାଧାନ କରାଯିବ ବୋଲି ଅଧିକାରୀ ପ୍ରକାଶ କରିଥିଲେ ।

# ଅର୍ଡାବାହାଲ ଉଚ୍ଚ ମାଧ୍ୟମିକ ସ୍କୁଲରେ ପିତାମାତା ଅଂଶୀଦାର ସମାବେଶ

ସମ୍ବଲପୁର,୨୮/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅର୍ଡାବାହାଲ ସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିତାମାତା ଅଂଶୀଦାର ସମାବେଶ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୁଚିଣ୍ଡା ଆଇଟିଡିଏ. ର ପିଏ ହେମ ସାଗର ଭୋଇ ସଭାପତିତ୍ୱକରିଥିବା ବେଳେ ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ରୀ ମାନଙ୍କ ପିତା ମାତା ଏହି ଅନୁଷ୍ଠାନର ଏକ ଅଂଶ ହୋଇ ଥିବାରୁ ଛାତ୍ରଛାତ୍ରୀ ମାନଙ୍କୁ କୌଣସି ଚାପ ନ ଦେଇ ଯୁକ୍ତ ଦୁଇ ପରେ ନିଜ ଶିକ୍ଷାର ରଥକୁ ଆଗେଇ ନେବା ଦୀଗରେ ସହାୟକ ଦେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ କୁଚିଣ୍ଡାର ଅବସର ପ୍ରାପ୍ତ ଏବିଇଓ ଗୌରାଙ୍ଗ କୁସୁମ ଯୋଗଦେଇ ବିଭିନ୍ନ ସରକାରୀ କାର ?ୟକ୍ରମ ଗୁଡ଼ିକର ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ କରୁଣା କର ନିଶାନ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା, ଡ଼ବ୍ଲୁଇଓ ଆଶିଷ କୁମାର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ, ପିତାମାତାଙ୍କର ରହିଥିବା କର୍ତବ୍ୟେ ସମ୍ପର୍କରେ କହିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଅଧକ୍ଷ ରଞ୍ଜନ ନାଏକ ସ୍ୱାଗତ ଭାଷଣ ଦେବା ସହ ବିଗତ ୪ ବର୍ଷ ଧରି ବିଦ୍ୟାଳୟର ସନ୍ତୋଷ ଜନକ ବାର୍ଷିକ ପାସ୍ ହାର ଉପସ୍ଥାପନା କରି ରାଜ୍ୟସ୍ତରରେ ସୁନାମ ହାସଲ କରି ପୁରସ୍କୃତ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସଭାପତି ଶ୍ରୀ ଭୋଇ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ନିଜ ଉପରେ ଆତ୍ମବିଶ୍ୱାସ ରଖି ଆଗେଇ ଯିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଅଧାପିକା ଶୁଭଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପରେ ଅଧକ୍ଷ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଅବସର ପ୍ରାପ୍ତ ଅଧକ୍ଷ ସୁବାସ ନାୟକ ଚାରି ଗୋଟି ବିଭାଗରେ ଛାତ୍ରୀ ଓ ଅଭିଭାବକ ଭିତରେ ହୋଇ ଥିବା ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଏସଏମସି ସଭ୍ୟା ଜୁଲାଇ ଲାକ୍ରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ସଭାରେ ବରିଷ୍ଠ ଅଧାପିକା ତୃପ୍ତି ପଟେଲ, ସୁନିମା ନାୟକ, ଅଧାପକ ଗୁରୁଜନ ଖୁଂଟିଆ, ଉଦୟ କୁମାର ଦ୍ୱିବେଦୀ, ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ନିଜ ନିଜ ବିଭାଗ ସମ୍ପର୍କରେ ସୂଚନା ଦେଇଥିଲେ ।ଅଭିଭାବକ ମଧ୍ୟରୁ କୈଳାସ ଓରାମ, ସୁଭାଷିନୀ କିସାନ, ଗୋବିନ୍ଦ କୁଜୁର୍, ଛାତ୍ରୀଗଣଙ୍କ ମଧ୍ୟରେ ବର୍ଷା ମୁଣ୍ଡା, ଛବିଶ୍ରୀ ରୋହିଦାସ, ସୁପ୍ରିୟା ଗଡନାୟକ, ଅନିତା ମିର୍ଦ୍ଧା, ପଟେଲ ମାଝୀ ପ୍ରମୁଖ ଭାଷଣ ଦେଇ ନିଜନିଜ ଅଭିଜ୍ଞତା ସମ୍ପର୍କରେ ସୂଚନା ଦେଇଥିଲେ । ଶେଷରେ ଅଧାପକ ଗୁରୁଜନ ଖୁଂଟିଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଖଦ୍ୟୋତ ଅନୁଷ୍ଠାନ ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା

ବଲାଙ୍ଗୀର,୨୮/୩ (ନି.ପ୍ର): ଖଦ୍ୟୋତ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ ସ୍କୁଲ ତଥା ମଣ୍ଟେଶୋରୀ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର କଦମପଡା, ରୋଶନି ପବ୍ଲିକ ସ୍କୁଲ, ବିଶ୍ୱାତ୍ମା ବିଦ୍ୟା ମନ୍ଦିର ଓ ଅନ୍ୟାନ୍ୟ ସ୍କୁଲରୁ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିବା ପାଇଁ ଚୟନ କରାଯାଇଛି। ଏଥିରେ ସୌମ୍ୟ ରଂଜନ ସାହୁ, ଦିବ୍ୟାଂଶି ମହାନ୍ତି, ସୌମ୍ୟରଂଜନ ସାହୁ(ବି), ଜୁନିୟର ଗ୍ରୁପରେ ଦଶରାଜ ବିନ, ହର୍ଷିତା ସିଂ, ଶୁଭେଚ୍ଛା ଦାଶ, ଅଭିସ୍ମା ସାହୁ, ଅଞ୍ଜନା ମିଶ୍ର, ବିଦ୍ୟାଂଶି ମହାନ୍ତି, ଆଦ୍ୟାଶା ଅଙ୍କିତା ଯୋଷୀ, ସାଇ କ୍ରିଷ୍ଣା ମହାନ୍ତି, ସମର୍ପିତା ବାରିକ୍, ସଂଗିତା ସାହୁ, ନୈତିକ ନୟନ ଦାଶ କୃତିତ୍ୱ ହାସଲ କରିଛନ୍ତି।

# ବିନା ପଞ୍ଜିକରଣରେ ସୁଧ କାରବାର କରୁଛନ୍ତି ସାହୁକାର

ବାଲିଆପାଳ , ୨୮/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଗତ ଦୁଇ ବର୍ଷ ଧରି କରୋନା ମହାମାରୀ ଯୋଗୁଁ ଅନେକ ଗରିବ ଓ ମଧ୍ୟବିତ ପରିବାର ନିଜର ଜୀବିକା ହରାଇ ଘୋର ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି । ଏହାର ସୁଯୋଗ ନେଇ କିଛି ଗ୍ରାମ୍ୟ ସାହୁକାର ଲକ୍ଷ ଲକ୍ଷ ଟଙ୍କାର ଅଗ୍ରିମ ଋଣ ପ୍ରଦାନ କରି ମୋଟା ଅଙ୍କର ସୁଧ କାରବାର କରୁଥିବାର ଦେଖାଯାଇଛି । ଟଙ୍କା ଋଣ ଆବଶ୍ୟକ ଥିବା ବ୍ୟକ୍ତିଙ୍କୁ ସୁଧ ଆକାରରେ ଟଙ୍କା ଦେଉଥିବା ସାହୁକାର, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରେ ପଞ୍ଜିକରଣ କରି ଆବଶ୍ୟକ ଅନୁମତି ନେବା ବାଧ୍ୟତାମୂଳକ । କିନ୍ତୁ ବାଲିଆପାଳ ଅଞ୍ଚଳର ୯୦%ରୁ ଊର୍ଦ୍ଧ୍ୱ ସାହୁକାର ପଞ୍ଜିକରଣ ନ କରି ନିଜର ବାହୁବଳ ପ୍ରୟୋଗ କରି ମନ ଇଛା ଋଣୀଙ୍କଠାରୁ ସୁଧ ଟଙ୍କା ଅସୁଲି କରୁଥିବା ଅଭିଯୋଗ ହେଉଛି । ଏପରିକି ମୂଳ ସୁଧ ଟଙ୍କା ଫେରାଇ ନ ପାରି ଅନେକ ଗରିବ ଓ ମଧ୍ୟବିତ ଶେଷରେ ତଳିତଳାନ୍ତ ହୋଇ ନିଜର ଭିଟା ମାଟିକୁ ବି ବିକ୍ରି କରି ଦେବାକୁ ବାଧ୍ୟ ହେଉଛନ୍ତି । ଏହାକୁ ନେଇ ବାଲିଆପାଳ ବ୍ଲକର ସଚେତନ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଛି । ସୂଚନାରୁ ପ୍ରକାଶ ଯେ, ଆଇନ ସିଧା କୌଣସି ବ୍ୟବସାୟିକ ବ୍ୟାଙ୍କ କିମ୍ବା ପଞ୍ଜିକୃତ ଅର୍ଥ ଲଗାଣ କାରି ସଂସ୍ଥା କୁ ଛାଡି ଅନ୍ୟ କୌଣସି ବ୍ୟକ୍ତି ଟଙ୍କା ନେଣ ଦେଣ କଲେ ସରକାରୀ ବିଦ୍ଧି ଆଇନ ବ୍ୟବସ୍ଥା ରହିଛି । ଏପରିକି ବ୍ୟକ୍ତିଗତ ସ୍ତରରେ ଟଙ୍କା ନେଣଦେଣ ତଥା ସୁଧ ଟଙ୍କା ଗ୍ରହଣ ପାଇଁ (ଓଡିଶା ମନି ଲେଣ୍ଡର୍ସ)ଆକ୍ଟ ୧୯୩୯ ବିଧି ବଦ୍ଧ ଭାବେ କାଯ୍ୟକାରୀ କରାଯାଉଛି । ଏହି ଆଇନ ଅଧୀନରେ ୨୨ ନଭେମ୍ବର ୧୯୭୫ଠାରୁ ଋଣ ଟଙ୍କା ଦେଉଥିବା ବ୍ୟକ୍ତି ବିଧିବଦ୍ଧ ଭାବେ ପଞ୍ଜିକରଣ କରିବା ବାଧ୍ୟତା ମୂଳକ କରାଯାଇ ଉପ ନିବନ୍ଧକ ଙ୍କୁ ପଞ୍ଜିକରଣ ପ୍ରମାଣ ପତ୍ର ପ୍ରଦାନ ଅଧିକାରୀ ଭାବେ ସରକାର କ୍ଷମତା ପ୍ରଦାନ କରିଛନ୍ତି । ଏଥିପାଇଁ ଆବେଦନ କାରି ନିଜର ବିସ୍ତୃତ ସୂଚନା ଲିଖିତ ଭାବେ ଆବେଦନ କରିବା ସହ ଆବଶ୍ୟକ ସରକାରୀ ଦେୟ ବା ଫି ଦାଖଲ କରିବା ବ୍ୟବସ୍ଥା ରହିଛି । ପୂର୍ବରୁ ପଞ୍ଜିକରଣ ଅବଧି ଗୋଟିଏ ବର୍ଷ ଥିବା ବେଳେ ନୂତନ ସଂଶୋଧନ ଆଇନ ଓଡିଶା 'ମନି ଲେଣ୍ଡର୍ସ (ସଂଶୋଧନ )ଆକ୍ଟ ୧୯୮୦ ଅନୁଯାଇ ଏହି ଅବଧି ୫ ବର୍ଷକୁ ବୃଦ୍ଧି କରାଯାଇଛି । ଟଙ୍କା ଋଣ ଦେଉଥିବା ସାହୁକାର ସୁରକ୍ଷିତ ଋଣ ପାଇଁ ବାର୍ଷିକ ୯ %ଓ ଅସୁରକ୍ଷିତ ଋଣ ପାଇଁ ୧୨%ସୁଧ ଧାର୍ଯ୍ୟ କରାଯାଇଛି । ବିନା ପଞ୍ଜିକରଣ ରେ ଋଣ ଟଙ୍କା ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି । କିନ୍ତୁ ବାଲିଆପାଳ ବ୍ଲକରେ ଏହି ଆଇନର ଘୋର ବ୍ୟତିକ୍ରମ ହେଉଥିବା ଦେଖା ଯାଇଛି । ଫଳରେ ବର୍ତମାନ ବାଲିଆପାଳ ବ୍ଲକର ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ର ତଥାକଥିତ ସାହୁକାର ବିନା ପଞ୍ଜିକରଣରେ ଲୋକଙ୍କୁ ବିବାହ, ଡାକ୍ତରୀ ଚିକିତ୍ସା ଖର୍ଚ୍ଚ ଭଳି ଜରୁରୀ କାଳିନ ସମୟରେ ଲକ୍ଷ ଲକ୍ଷ ଟଙ୍କା ଦେଇ ପରବର୍ତ୍ତୀ ସମୟରେ ମୂଳ ସୁଧ ଅସୁଲି କରି ସେମାନଂକୁ ତଳିତଳାନ୍ତ କରି ଦେଉଛନ୍ତି । ଏପରିକି ସୁଧ ବାର୍ଷିକ ଦେବାର ବ୍ୟବସ୍ଥା ରହି ଥିଲେ ମଧ୍ୟ ସାହୁକାର ମାସିକ ୧୦% ସୁଧ ଅସୁଲ କରୁଥିବା ଦେଖାଯାଉଛି । ଏ ନେଇ ବୁଦ୍ଧିଜୀବୀ ମହଲରେ ଏହି ଆଇନକୁ ସଚେତନ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ହଷ୍ଟେଲ ସିଟ ଖୋଜୁଛନ୍ତି ବାପା, ମା' ଛେଉଣ୍ଡ ଶିଶୁ କନ୍ୟା 'ତିଥି'



ଉଦଳା , ୨୮/୩ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଭଜୁସାହିର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରବିନ୍ଦ୍ର ହାଁସଦା ଓ ସହଧର୍ମିଣି ବାସନ୍ତି ହାଁସଦାଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କର ଶିଶୁ କନ୍ୟା 'ତିଥି'ବର୍ତମାନ ସମ୍ପୂର୍ଣ୍ଣ ବାପା, ମା' ଛେଉଣ୍ଡ ହୋଇ ଯାଇଛନ୍ତି । 'ତିଥି'ଙ୍କୁ ଏବେ ବୟସ ୮ ବର୍ଷ ଛୁଇଁଥିବା ବେଳେ ସେ ଜାମବଣି ପଂଚାୟତର ବଡ଼ାମପଦା ଗ୍ରାମ ଠାରେ ନିଜର ବଡ଼ବାପା ପୁଅ ଭାଇ ପୂର୍ଣ୍ଣ ହାଁସଦାଙ୍କ ପାଖରେ ଆଶ୍ରୟ ନେବା ସହିତ ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଛନ୍ତି । ପୂର୍ଣ୍ଣ ହାଁସଦାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ଯୋଗୁଁ ସେ 'ତିଥି' କୁ ହଷ୍ଟେଲରେ ରଖିଦେବାକୁ ଚାହୁଁଛନ୍ତି । ଏ ବାବଦରେ ସେ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଠାରେ ଗୁହାରି ଜଣାଇଥିବାର ଜଣାଯାଇଛି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଉକ୍ତ ଘଟଣାରେ ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

# ଋଣ ନେଇ ଚାଷ କରିଥିଲେ ୩୫ଟି ଏସଏଚଜିର ମହିଳା ଗୋଷ୍ଠୀ: କାଳ ବୈଶାଖୀରେ ଉଜାଡ଼ି ଦେଲା ଧାନ ଫସଲ

## ଋଣ ଛାଡ଼ ପାଇଁ ବିଡିଓଙ୍କୁ ଦାବିକଲେ ଶତାଧିକ ମହିଳା

ଜଳେଶ୍ୱର, ୨୮/୩ (ନି.ପ୍ର): ଗତ ମାର୍ଚ୍ଚ ୨୧ ତାରିଖ ସନ୍ଧ୍ୟାରେ ମାଡ଼ି ଆସିଥିଲା କଳା ହାଣ୍ଡିଆ ମେଘ ସହିତ ଝଡ଼ ତୋଫାନ ଓ କୁଆପଥର ମାଡ଼ ।ସେଥିରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ୪/୫ ଟି ଗ୍ରାମ ପଞ୍ଚାୟତରେ ବ୍ୟାପକ କ୍ଷତି ଘଟିଛି । ବହୁ ଘରଦ୍ୱାର ଭାଙ୍ଗିବା ସହିତ ବିଭିନ୍ନ ଚାଷ ନଷ୍ଟ ହୋଇଛି । ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି । ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ର ଆକଳନ କରା ଯାଇଛି ।ମାତ୍ର ଖୁଦିଆ ମାଝିସାହି ଗ୍ରାମ ପଞ୍ଚାୟତର ବଳଭଦ୍ରପୁର, ବାଉଁଶଗଡ଼ିଆ ଓ ଛୋଟ କଳମା ରାଜସ୍ୱ ଗ୍ରାମର ୩୫ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର



ସଦସ୍ୟାମାନେ ରାଇବଣିଆ ୟୁକୋ ବ୍ୟାଙ୍କ ଶାଖାରୁ ଋଣ ନେଇ ଖରିପ ଧାନ ଚାଷ କାର୍ଯ୍ୟରେ ଲଗାଇଥିଲେ । ଝଡ଼ ବର୍ଷା ଓ କୁଆପଥର ମାଡ଼ରେ ଚାଷ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଛି । ଯାହାକି ସେମାନଙ୍କ ଘର ଚଳେଇବା ପାଇଁ ଆଦୌ ସମ୍ବଳ ନାହିଁ । ଶୁକ୍ରବାର ପୂର୍ବାହ୍ନରେ ବାବା ବେତାଳ, ମା ମଙ୍ଗଳା, ମା ଦୁର୍ଗା, ଶ୍ରୀମା, ମା ଶୁଭଲକ୍ଷ୍ମୀ, ମା ଚଣ୍ଡୀ, ବାବା ହଟକେଶ୍ୱର, ମା ମନସା, ମା ଶିତଳା, ସାଇନାଥ ଓ ବାବା ଭୋଲାନାଥ ଆଦି ୩୫ ଟି ଏସଏଚଜିର ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ୟୁକୋ ବ୍ୟାଙ୍କରୁ ନେଇଥିବା ଋଣକୁ ଛାଡ଼ କରିବା ପାଇଁ ଜଳେଶ୍ୱର ବିଡିଓଙ୍କୁ ଏକ ଲିଖିତ ଦରଖାସ୍ତ ଦେଇଛନ୍ତି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ

ଖଇରା, ୨୮/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ସଂଘର ସଭାପତି ମହେନ୍ଦ୍ର ପ୍ରସାଦ କବି ଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ମୁଖ୍ୟଅତିଥି, ଔପଦା ବ୍ଲକ ସମ୍ପାଦକ ନିରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଅବସର ପରେ ଆମର ଲୋଭ ବଢି ଯାଉଛି । ଅର୍ଥ ମୋହରେ ପରମାର୍ଥକୁ ଭୁଲି ଯାଉଛୁ



ବୋଲି ପ୍ରକାଶ କରିଥିଲେ । ସଂଘର ଜିଲା ସଭାପତି ଇଂ ବନମାଳୀ ନାୟକ,ସମ୍ପାଦକ ଦାମୋଦର ନାୟକ, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ପାତ୍ର, ଚିନ୍ତାମଣି ସାହାଣି ଓ ସୁଦାମ ଚରଣ ରାଉତ,ସଦସ୍ୟ କମଳ ଲୋଚନ ଜେନା,ନାରାୟଣ ପେଡା ପ୍ରମୁଖ ସଙ୍ଗଠନ ବୃଦ୍ଧି ଉପରେ ଆଲୋଚନା କରିଥିଲେ । ସୁଦର୍ଶନ ପାଣିଗ୍ରାହୀ ଅତିଥି ପରିଚୟ,ଅରୁଣ କୁମାର ସ୍ୱାଇଁ ବିବରଣୀ ପାଠ ଓ ଶ୍ୟାମସୁନ୍ଦର ପଣ୍ଡା ବେଦପାଠ କରିଥିଲେ । ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ମୁକ୍ତିକାନ୍ତ ଶତପଥି ଓ ଅବସରପ୍ରାପ୍ତ କର୍ମନିୟୋଜନ ଅଧିକାରୀ ରାମକୃଷ୍ଣ ଦାସମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଦ୍ମନାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କନ୍ୟା ସନ୍ତାନ ସୁରକ୍ଷା ପାଇଁ ସଚେତନତା ରଥ ଓ ପି.ସି.ପି.ଏନ.ଡି.ଟି ଆକ୍ଟ ଉପରେ କର୍ମଶାଳା ଆୟୋଜିତ

ଖୋର୍ଦ୍ଧା, ୨୮/୩ (ନି.ପ୍ର): ଆଜି ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଖୋର୍ଦ୍ଧା ତରଫରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପିସିପିଏନଡିଟି ଆକ୍ଟ ,୧୯୯୪ ଉପରେ ଏକ କର୍ମଶାଳାର ଆୟୋଜିତ ହୋଇଯାଇଛି ।ଏହି ଅବସରରେ କନ୍ୟା ଭ୍ରୁଣ ହତ୍ୟାକୁ ରୋକିବା ପାଇଁ ପ୍ରଥମେ ଏକ ସଚେତନତା ରଥ ଜିଲ୍ଲା କାର୍ଯ୍ୟାଳୟ ରୁ ବାହାରି ସହର ପରିକ୍ରମା କରିବାସହିତ ବିଭିନ୍ନ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ସଚେତନତା ରଥକୁ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ,ଆନୁଷ୍ଠାନିକ ଭାବରେ ଉଦ୍ ଘାଟନ କରିଥିଲେ । ଆଜି କର୍ମଶାଳାରେ ଜ୍ୟୋତି ଶଙ୍କର ସାହୁ , ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ରାଜଶ୍ରୀ ପଟ୍ଟନାୟକ,/ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଜ୍ୟୋତ୍ସ୍ନା ମୟୀ ଆଚାର୍ଯ୍ୟ /ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏ ଡି ଏମ୍ ଓ, ଡଃ ବି.ଏନ୍ ପାଢ଼ୀ/ଜିଲ୍ଲା ଯୋଗାଣ ଅଧିକାରୀ ସୁଗଦା ମୁର୍ମୁ/ ଡି ଏମ୍ ପି, ସ୍ମିତା ମଞ୍ଜରୀ ମଲିକ/ଡଃ ପ୍ରଣୀତା ସାବତ , ଟେଣ୍ଡର କୋ ଅର୍ଡିନେଟର,ସମଗ୍ର ଶିଶୁ/ ଅଶୋକ



କୁମାର ସେଠି ଡିସିପିୟୁ, ଖୋର୍ଦ୍ଧା/ ଖୋର୍ଦ୍ଧା ଜିଲ୍ଲା ର ସମସ୍ତ ଶିଶୁ ବିକାଶ ଯୋଜନା ଅଧିକାରୀ ଓ ମଣ୍ଡଳ ପରିଦର୍ଶିକା କାର୍ଯ୍ୟଶାଳାରେ ଉପସ୍ଥିତ ଥିଲେ । ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି ଅତିଥି ମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣ ରଖିଥିଲେ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମ ଆଭିମୁଖ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଜ୍ୟୋତି ଶଙ୍କର ସାହୁ କନ୍ୟା ଭ୍ରୂଣ ହତ୍ୟା ଏକ ଜଘନ୍ୟ ଅପରାଧ କହିବା ସହିତ ଏହାକୁ କିପରି ଭାବେ ସମାଜରୁ ଉଚ୍ଛେଦ କରାଯିବ ଏବଂ ଏଥିପ୍ରତି ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ବକ୍ତବ୍ୟ ରଖିଥିଲେ । ତୃଣମୂଳ ସ୍ତରରୁ ବହୁଳ ପ୍ରଚାର ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଡିଏସପି କହିଥିଲେ କି ଝିଅ ମାନଂକ ଉପରେ ହେଉଥିବା ପ୍ରତିଦିନ ର ଘଟଣା, ହିଂସା ଖବର ପୋଲିସ କୁ ନିର୍ଦ୍ଦ୍ୱନ୍ଦ୍ୱରେ ଖବର ଦେବା ଦରକାର ଯାହା ଫଳରେ କେହି ଆଇନର ହାତରୁ ଖସି ପାରିବେ ନାହିଁ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପୋଷଣ ସଂଯୋଜିକା ଆଭିଲିପସା ବେହେରା ସଂଯୋଜନା କରିଥିଲାବେଳେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

**AFFIDAVIT**

An affidavit before the executive Magistrate Balasore, I, Benudhar Barik, aged about 52 years, S/o- Ganesh Barik resident of At-Tantiapal, Po- Chakada, Gogua, Ps- Mahakalpada, Dist- Kendrapara Odisha-754245 solemnly affirm and state that I have one LIC Policy bearing No. 582399588 which stands in my name wherein my name and my fathe's name has been mentioned as Susanta Kumar Barik, S/o- Ganesh Chandra Barik inadvertently instead of Benudhar Barik, S/o- Ganesh Barik which needs to be corrected as per my Aadhaar card, Vide No. 841805253892. My name and my father's name shall be known as Benudhar Barik, S/o- Ganesh Barik in all respect.

Benudhar Barik

# ଓଆର୍‌ଡି ଶିଶୁ କଳାକାରଙ୍କ ଦ୍ୱାରା ବିଶ୍ୱ ନାଟ୍ୟ ଦିବସ ପାଳନ

ବାରିପଦା, ୨୮/୩ (ନି.ପ୍ର): ବିଶ୍ୱ ନାଟ୍ୟ ଦିବସ ପାଳନ ପରିପ୍ରେକ୍ଷୀରେ ଅର୍ଗାନାଇଜେଶନ ଫର୍ ରୁରାଲ ଡେଭଲପମେଣ୍ଟ (ଢଜଉ) ଦ୍ୱାରା ଅନୁଷ୍ଠାନର ସମ୍ମିଳନୀ ମଣ୍ଡପ ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦାର ପ୍ରମୁଖ ନାଟ୍ୟକାର,ନିର୍ଦ୍ଦେଶକ,ସମାଜସେବୀ ଶ୍ରୀଯୁକ୍ତ ଆଶିଷ କୁମାର ବଶା ତଥା ସଙ୍ଗୀତଜ୍ଞା ଶ୍ରୀମତୀ କଳ୍ପନା ମହାନ୍ତି ଯୋଗ ଦେଇଥିଲେ । ଶିଶୁ ମନରେ ସାଂସ୍କୃତିକ ଜ୍ଞାନର ସଂଜ୍ଞା,ତାହାର ସଂସ୍ଥାପନା ଏବଂ ଜୀବନରେ ତାହାର ଆବଶ୍ୟକତା ସମ୍ପର୍କରେ ଅତିଥି ଦ୍ୱୟ ଆଲୋକପାତ କରିବା ସହ ବିଶ୍ୱ




ନାଟ୍ୟ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ରଚନାତ୍ମକ ଭାବେ ଉପଯୋଗ କରିବା ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । ଏକ ସୁସ୍ଥ,ଶୃଙ୍ଖଳିତ ସମାଜ ପାଇଁ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକ ମାଧ୍ୟମରେ ଚରିତ୍ର ଗଠନ, ଶୃଙ୍ଖଳା, ଜ୍ଞାନର ସମୃଦ୍ଧି ହୋଇ ପାରିଥାଏ । ପାଠ୍ୟକ୍ରମ ସହ ଏହାର ନିୟମିତ ଶ୍ରେଣୀ ହେଲେ ଏହା ବିଦ୍ୟାର୍ଥୀ ମାନଙ୍କର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ । ଶିଶୁମାନେ ଗୀତ,ନୃତ୍ୟ ତଥା ନାଟକୀୟ ଭଙ୍ଗୀ ମାଧ୍ୟମରେ ନିଜ ନିଜର ପ୍ରତିଭା ପରିବେଷଣ କରି ଉତ୍ସବକୁ ରଙ୍ଗମୟ କରି ତୋଳିଥିଲେ । ମୁଖ୍ୟ ଅତିଥି ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଶିଷ କୁମାର ବଶା ପିଲାଙ୍କୁ କିଛି ନାଟ୍ୟକଳା ପ୍ରଦର୍ଶନ କରି ଶିଶୁ କଳାକାର ମାନଙ୍କୁ ଶିଖାଇଥିଲେ । ପ୍ରକାଶ ଥାଉ କି ଏଇ ଅନୁଷ୍ଠାନର ଶିଶୁ କଳାକାର ଗଣଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଗାନ୍ଧୀ' ବାଲେଶ୍ୱର ଠାରେ କଳାକାର ନାଟ୍ୟକ୍ଷନୁଷ୍ଠାନ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ନାଟକ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ରାକେଶ କୁମାର ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ । ଗୀତା, ସିନ୍ ଗୋ, ଚିତା,ପାର୍ବତୀ ତଥା ଶ୍ରୀମତୀ ଓ ଲକ୍ଷ୍ମୀପ୍ରିୟା ଦାସଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭୂକମ୍ପରେ...

ସ୍ଥାନୀୟ ଗଣମାଧ୍ୟମ ଅନୁସାରେ ଭୂକମ୍ପ ଯୋଗୁ ୨୦ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ବଡ଼ବଡ଼ ଅଟ୍ଟାଳିକା ଭୁଶୁଡ଼ିବା ଯୋଗୁ ହଜାର ହଜାର ଲୋକ ନିଖୋଜ ହୋଇଯାଇଛନ୍ତି । ମିଆଁମାରରେ ଇରାୱାଡୀ ନଦୀ ଉପରେ ଥିବା ପୁରୁଣା ବ୍ରିଜ ଭୁଶୁଡ଼ି ପଡ଼ିଛି । ସାଗାଇଙ୍ଗ ଠାରୁ ୨୪ କିମି ଦୂର ମାଣ୍ଡଲେ ଠାରେ ଏକାଧିକ ଆବାସିକ କୋଠା ମାଟିରେ ମିଶି ଯାଇଛି । ମାଣ୍ଡଲେ ଥିବା ଏୟାରପୋର୍ଟ ବ୍ୟାପକ ଢଙ୍ଗରେ କ୍ଷତିଗ୍ରସ୍ତ ହୋଇଛି । ଥାଇଲ୍ୟାଣ୍ଡ ସୀମାରେ ଥିବା ମିଆଁମାରର ଶାନରେ ମଧ୍ୟ ଭୟଙ୍କର କ୍ଷୟକ୍ଷତି ହୋଇଛି । ମିଆଁମାରର ରାଜଧାନୀ ନେପିଡୋରେ ଥିବା ୧୦୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଅଞ୍ଚଳ ଭୂକମ୍ପରେ ସବୁଠାରୁ ଭୟଙ୍କର ଢଙ୍ଗରେ କ୍ଷତିଗ୍ରସ୍ତ ହୋଇଛି । ତେବେ ସେଠାରେ କେତେ ଲୋକଙ୍କ ମୃତ୍ୟୁ ହୋଇଛି, ସେକଥା ସ୍ପଷ୍ଟ ହୋଇନି । ସହରର ଅନ୍ୟତମ ବଡ଼ ହସ୍ପିଟାଲ ଭାବେ ଏହା ପରିଚିତ । କିନ୍ତୁ ଏହାର ନାମକରଣ ଏଯାଏ ହୋଇ ନଥିଲା । ଏଏଫପି ରିପୋର୍ଟ ଅନୁସାରେ, ବିଲଡିଂ ବାହାରେ ଥିବା ରାସ୍ତାରେ ଆହତଙ୍କୁ ଚିକିତ୍ସା କରାଯାଉଛି । ରାସ୍ତା ଉପରେ ଲୋକଙ୍କ ଦେହରେ ସାଲାଇନ ଲାଗୁଥିବା ବେଳେ ଲୋକମାନେ କେବଳ ଚିତ୍କାର କରିବାରେ ଲାଗିଛନ୍ତି । ମିଆଁମାରର ବିଭିନ୍ନ ସହରରେ ଆବାସିକ ଅଞ୍ଚଳ ଠାରୁ ଆରମ୍ଭ କରି ରାସ୍ତା ଘାଟ ଓ ବ୍ରିଜ ଭୂକମ୍ପରେ ଧ୍ୱଂସ ହୋଇ ଯାଇଛି । ପ୍ରଥମେ ମିଆଁମାରରେ ଡବଲ ଭୂକମ୍ପ ଝଟକା ଅନୁଭୂତ ହୋଇଥିବା ବେଳେ ଏହା ଠାରୁ ଅନେକ ଦୂର ନର୍ଦ୍ଦନ ଥାଇଲ୍ୟାଣ୍ଡରେ ମଧ୍ୟ ଲୋକମାନେ ଶକ୍ତିଶାଳୀ ଝଟକାରେ ଥରିଛନ୍ତି । ଏଥିଯୋଗୁ ବ୍ୟାଙ୍କକରେ ମେଟ୍ରୋ ସେବାକୁ ବନ୍ଦ କରିଦିଆଯାଇଛି । ଥାଇ ପ୍ରଧାନମନ୍ତ୍ରୀ ପଏତୋଗତାର୍ନ ଶିନାବାତ୍ରା ଜରୁରୀ ବୈଠକ ଡାକି ସ୍ଥିତିର ସମୀକ୍ଷା କରିଛନ୍ତି । ଏଥିସହ ରାଜଧାନୀରେ ଷ୍ଟେଟ ଅଫ ଏମର୍ଜେନ୍ସୀ ଘୋଷଣା କରିଛନ୍ତି । ବ୍ୟାଙ୍କକ ଓ ଅନ୍ୟ ସହରଗୁଡ଼ିକରୁ ଭୂକମ୍ପ ପରେ ଆସିଥିବା ଭିଡିଓ ସମସ୍ତଙ୍କୁ ଚକିତ କରିଛି ।

### ବଢିଲା କିଟ୍ ଅଡୁଆ...

କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୬ରୁ ୮ ତାରିଖ ପର୍ଯ୍ୟନ୍ତ କିଟ୍ କାଣ୍ଡର ତଦନ୍ତ କରିଥିଲେ ଏନଏଚଆରସିର ଦୁଇ ଜଣିଆ ଟିମ୍ । ଏନଏଚଆରସିଙ୍କ କହିବା ଅନୁସାରେ, କିଟ୍ କର୍ତ୍ତୃପକ୍ଷ ଛାତ୍ରୀମାନଙ୍କ ସୁରକ୍ଷା ନେଇ ଆଦୌ ଚିନ୍ତିତ ନଥିଲେ । ସେମାନଙ୍କୁ କ୍ୟାମ୍ପସରୁ ବାହାର କରିଦିଆଯାଇଥିଲା । ସମ୍ବେଦନଶୀଳ ଘଟଣାକୁ ହାଲୁକା ଭାବେ ନେଇଥିଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ତେଣୁ ଛାତ୍ରୀ ମୃତ୍ୟୁ ପାଇଁ କିଟ୍‌କୁ ଦାୟୀ କରି ଘଟଣାରେ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ଏନଏଚଆରସି । ଏହାସହ ତଦନ୍ତର ଅଗ୍ରଗତି ବାବଦରେ ଜଣାଇବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆହୁରିମଧ୍ୟ, ୟୁଜିସି ଗାଇଡଲାଇନର ଉଲ୍ଲଂଘନ ନେଇ ୟୁଜିସି ଅଧକ୍ଷ କିଟ୍ ଓ କିସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦାଖଲ କରିବେ ବୋଲି ଏନଏଚଆରସି ନିର୍ଦ୍ଦେଶରେ କହିଛନ୍ତି । ସେହିପରି ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ୍ ଆକ୍ରିଡେସନ କାଉନସିଲ୍ ଗାଇଡଲାଇନ୍ସ ଉଲ୍ଲଂଘନ ବାବଦରେ ଏନଏସିସି ଅଧକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ ସପ୍ତାହରେ ରିପୋର୍ଟ ଦାଖଲ କରିବେ ।

### ୨୦୧୭ରୁ କିସ୍‌ରେ କାହିଁକି ...

ବି ନିର୍ଦ୍ଦେଶନାମା ଆସିବ ତାକୁ ପାଳନ କରାଯିବ । ତେବେ ଯେଉଁ ଏନଜିଓ ମାନେ ଆଦିବାସୀ ଓ ଆବାସିକ ହଷ୍ଟେଲ ଚଳାଉଛନ୍ତି, ସେଠି ପିଲାଙ୍କ ଆନୁସଙ୍ଗିକ ସୁବିଧା ସୁଯୋଗର ଯାଞ୍ଚ ପାଇଁ ଜିଲ୍ଲା ପ୍ରଶାସନର ଏକ ମନିଟରିଂ ଇନ୍ସପେକ୍ସନ କମିଟି ରହିଛି । ସେମାନଙ୍କଠାରୁ ଗ୍ରୀନ୍ ସିଗନାଲ ମିଳିବା ପରେ ଯାଇ ଉକ୍ତ ହଷ୍ଟେଲ ଗୁଡ଼ିକୁ ଅନୁଦାନ ପାଇଁ ପ୍ରସ୍ତାବ ଯାଇଥାଏ । କିନ୍ତୁ, ଏବର୍ଷ ଅଦ୍ୟାବଧି କୌଣସି ଛାତ୍ରାବାସର ରିନ୍ୟୁ କରାଯାଇ ନାହିଁ । ଜିଲ୍ଲା ପ୍ରଶାସନର ଇନ୍ସପେକ୍ସନ ଟିମ୍ ନିଜେ ଗ୍ରାଉଣ୍ଡକୁ ଯାଇ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ପାଳନ ହେଉଥିବା ଅନୁଭବ କରିବା ସହ ସିଡବ୍ଲୁସିର ଆନୁସଙ୍ଗିକ ସ୍ଥିତିର ପର୍ଯ୍ୟବେକ୍ଷଣ ରିପୋର୍ଟକୁ ବିଚାରକୁ ନିଆଯାଇ ନବୀକରଣ ପାଇଁ ପ୍ରସ୍ତାବ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ । ଏହି ଘଟଣାରେ ଗଣଶିକ୍ଷାମନ୍ତ୍ରୀ କହିଛନ୍ତି, କିସ୍ କୁ ନେଇ ଏନଏଚଆରସି ଯାହା ରିପୋର୍ଟ ଦେଇଛନ୍ତି ସରକାର ତାର ଅନୁଧ୍ୟାନ କରିବେ ଓ ଯେ କୌଣସି ପଦକ୍ଷେପ ନେବାକୁ ଦରକାର ହୁଏ, ତାହା ଗ୍ରହଣ କରିବେ । ଅପରପକ୍ଷେ ୨୦୧୭ରୁ ୨୦୨୫, ଦୀର୍ଘ ୮ବର୍ଷ ପରେ ମଧ୍ୟ କିସ୍ ରେ ଜିଲ୍ଲା ଶିଶୁ ବିକାଶ କଲ୍ୟାଣ କମିଟି ବା ସିଡବ୍ଲୁସିର ସୁପାରିଶ ପାଳନ ନହେବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପୂର୍ବତନ ଉଡଉ ସଦସ୍ୟ ବେଣୁଧର ସେନାପତି । ବେଣୁଧର ସ୍ପଷ୍ଟ ଭାବେ କହିଛନ୍ତି ୨୦୧୭ ମସିହାରେ ସେମାନେ କିସ୍ କୁ ଅନୁଧ୍ୟାନ ପାଇଁ ଯିବାବେଳେ ସେଠିକାର ପିଲାମାନେ କିଭଳି ଆବଶ୍ୟକ ପରିମାଣର ଟଏଲେଟ୍ ଓ ଖାଦ୍ୟ ସହ ଉତ୍ତମ ରହଣୀ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିଥିଲେ । ସେ ରିପୋର୍ଟ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ବି ଦେଇଥିଲେ । ତା'ସହ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ସ ମୁତାବକ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁସାରେ ବି କିସ୍ ପଞ୍ଜିକୃତ ହୋଇନଥିବା ଦର୍ଶାଇଥିଲେ, ହେଲେ ଏତେବର୍ଷ ପରେ ବି ସେଥିରେ ସୁଧାନର ନଆସିବା ନେଇ ଏନଏଚଆରସି ଟିମ୍ ମଧ୍ୟ ଅନୁଭବ କରିବା ଦୁଃଖଦାୟକ । ତେଣୁ ସରକାର ତୁରନ୍ତ କିସ୍ କୁ ଜେଜେ ଆକ୍ଟ ରେ ପଞ୍ଜିକରଣ କରାଇବାକୁ ସେ ପରାମର୍ଶ ଦେଇଛନ୍ତି ।

### ପୂର୍ବ ସରକାର ବନ୍ଦ...

ବନ୍ଦ ହୋଇଥିବା ସ୍କୁଲର ଛୋଟ ଛୋଟ ପିଲାମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କେତେକ ସ୍ଥାନରେ ନିଜ ଗାଁ ଛାଡି ଅନ୍ୟ ଗାଁକୁ ଏପରିକି ନଦୀନାଳ ପାର ହୋଇ ପିଲାଙ୍କୁ ସ୍କୁଲ ଯିବାକୁ ପଡିଥିଲା । ବିଭିନ୍ନ ସ୍ଥାନରୁ ଏ ସଂପର୍କରେ ସରକାରଙ୍କ ପାଖକୁ ଅଭିଯୋଗ ମଧ୍ୟ ଆସିଥିଲା । କିନ୍ତୁ ପୂର୍ବ ସରକାର ଏଥିପ୍ରତି କର୍ଣ୍ଣପାତ କରିନଥିଲେ । ବର୍ତ୍ତମାନର ସରକାର ଏହାକୁ ବିଚାର କରି ନୀତିଗତ ଭାବେ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି ।

### ରାଜ୍ୟରେ ଫେରିଲା...

ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତାକାଲି ପାଇଁ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର ଓ କଳାହାଣ୍ଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିଭଳି ୩୦ ତାରିଖ ପାଇଁ ବରଗଡ଼, ସୁନ୍ଦରଗଡ, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ରହିଛି । ୩୦ ତାରିଖ ପରେ ତାପମାତ୍ରା ୨ ଡିଗ୍ରୀ ଯାଏ କମିବା ସମ୍ଭାବନା ରହିଛି । ଏପ୍ରିଲ ୨ ତାରିଖ ବେଳକୁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବା ଆକଳନ କରିଛି ପାଣିପାଗ ବିଭାଗ । କିଛି ଦିନ ହେବ ରାଜ୍ୟରେ କାଳବୈଶାଖୀ ଯୋଗୁଁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲା । ବିଭିନ୍ନ ଜିଲ୍ଲାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା । କେଉଁଠୁ କୁଆପଥର ମାଡ଼ରେ ଚାଷ ଉଜୁଡିଥିଲା ତ ଆଉ କେଉଁଠି ଘର ଭାଙ୍ଗିଥିଲା । ଏହି କାଳବୈଶାଖୀ ପରେ ଏହି ରାଜ୍ୟରେ ବଦଳୁଛି ପାଗ । ପୁଣିଥରେ ଆରମ୍ଭ ହୋଇଛି ଗ୍ରୀଷ୍ମପ୍ରବାହ ।

### ପ୍ରଦୀପ ଜେନାଙ୍କୁ ...

ଶ୍ରୀ ଜେନାଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ । ନିଜ କାର୍ଯ୍ୟଦକ୍ଷତା ପାଇଁ ବହୁ ସମୟରେ ସେ ଚର୍ଚ୍ଚାରେ ରହି ଆସିଛନ୍ତି । ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେ ଦକ୍ଷତାର ସହ ଦାୟିତ୍ୱ ତୁଲାଇ ଆସିଛନ୍ତି । ପ୍ରଦୀପ କୁମାର ଜେନା ଜଣେ ଦକ୍ଷ ପ୍ରଶାସକ ଭାବେ ବେଶ୍ ଜଣାଶୁଣା ଥିଲେ । ୧୯୬୪ ମସିହାରେ ଜନ୍ମିତ ପ୍ରଦୀପ କୁମାର ଜେନା ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ପରେ ୧୯୯୧ ମସିହାରେ ପ୍ରଥମେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଆଇଏଏସ୍ ଅଧିକାରୀ ପ୍ରଦୀପ କୁମାର ଜେନା ଜଣେ ଦକ୍ଷ ପ୍ରଶାସକ ଭାବେ ବେଶ୍ ଜଣାଶୁଣା ଥିଲେ । ୧୯୬୪ ମସିହାରେ ଜନ୍ମିତ ପ୍ରଦୀପ କୁମାର ଜେନା ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ପରେ ୧୯୯୧ ମସିହାରେ ପ୍ରଥମେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ପରେ ସେଠାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ ।

### କେନ୍ଦ୍ର ସରକାରଙ୍କ...

ଏବେ ୫୫ ପ୍ରତିଶତ ହାରରେ କର୍ମଚାରୀଙ୍କୁ ୨୭,୫୦୦ଟଙ୍କା ମିଳିବ । ତେବେ ମୁଦ୍ରାସ୍ଫୀତିର ପ୍ରଭାବକୁ ହ୍ରାସ କରିବା ପାଇଁ ସରକାରୀ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା ଦିଆଯାଇଥାଏ । ପ୍ରତି ୧୦ବର୍ଷରେ ପେ' କମିଶନ ଦ୍ୱାରା ମୂଳ ଦରମା ସ୍ଥିର କରାଯାଏ । କିନ୍ତୁ ପ୍ରତି ୬ମାସରେ ଡିଏ ପରିବର୍ତ୍ତନ ହୁଏ, ଯାହା ଦ୍ୱାରା ମୁଦ୍ରାସ୍ଫୀତିର ପ୍ରଭାବ ହ୍ରାସ ପାଏ ।

### ଲୋୟର ପିଏମ୍‌ଜି ରଣକ୍ଷେତ୍ର ...

ଆମେ ଅପିଲ କରିଥିଲୁ ଶାନ୍ତି ପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାକୁ । କିଛି ଦୁର୍ବୃତ୍ତ ହିଂସାତ୍ମକ ଉପାୟ କରିବାକୁ ଚେଷ୍ଟା କରିଛନ୍ତି । ସେମାନେ ନିର୍ଦ୍ଦିଷ୍ଟ କ୍ରିମିନାଲ ଆଟିଚ୍ୟୁଡ୍ ନେଇ ଆସିଥିଲେ । ସେମାନେ କିନ୍ତୁ କଂଗ୍ରେସ ଦଳର ନୁହନ୍ତି । ସେପଟେ ଏହାକୁ କଡ଼ା ସମାଲୋଚନା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି, କାଲି କଂଗ୍ରେସର ଅସଲ ଚେହେରା ରାଜ୍ୟବାସୀ ଦେଖିଛନ୍ତି । କଂଗ୍ରେସର ଏହା ଜେନେଟିକ୍ ପ୍ରୋବଲେମ୍ ବୋଲି କହିଛନ୍ତି ଆଇନମନ୍ତ୍ରୀ । ସେପଟେ ଗତକାଲି ପୋଲିସ ଡିଜି କହିଥିଲେ ଯେ, ଯେଉଁମାନେ ହିଂସା କରିଛନ୍ତି କାହାରିକୁ ଛଡ଼ା ଯିବ ନାହିଁ । ଖୋଜି ଖୋଜି ଗିରଫ କରାଯିବ ବୋଲି କହିଥିଲେ ପୋଲିସ ଡିଜି ୱାଇ.ବି. ଖୁରାନିଆ ।

### ମେ ୧୫ ସୁଦ୍ଧା...

ରାଜ୍ୟରେ ଚଳିତ ବର୍ଷ ୩ ଲକ୍ଷ ୯୩ ହଜାର ୬୧୮ ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ତି । ମୋଟ ୩୦୦ ଜଣ ବିଦ୍ୟାର୍ଥୀ କପି କରି ଧରା ପଡ଼ିଛନ୍ତି । ଅତ୍ୟଧିକ ଖରା ଯୋଗୁଁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଖାତା ଦେଖିବାକୁ ଆସୁ ନଥିବାରୁ ଖାତାଦେଖା କେନ୍ଦ୍ର ବଢ଼ାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଖାତାଦେଖା ପାଇଁ ନିଯୁକ୍ତ ହୋଇଛନ୍ତି । ଏକ୍‌ଜାମିନରଙ୍କ ସୁବିଧା ଦୃଷ୍ଟିରୁ ସେମାନଙ୍କୁ ନିଜ ଜିଲ୍ଲାରେ ହୋଇଥିବା ମୁଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଇଛି । ଶିକ୍ଷକମାନେ ୭୦ ଓ ୮୦ ମାର୍କ ଥିବା ବିଷୟ ପାଇଁ ୫ ଘଣ୍ଟାରେ ୨୦ଟି ଖାତା ଦେଖିପାରିବେ ଶିକ୍ଷକ । ୩୫, ୪୦ ଓ ୫୦ ମାର୍କ ଥିବା ବିଷୟଗୁଡ଼ିକ ପାଇଁ ୩୦ଟି ଖାତା ୫ ଘଂଟାରେ ଦେଖିବେ ଶିକ୍ଷକ ।

# ବ୍ଲକସ୍ତରୀୟ ଦକ୍ଷତାବିକାଶ ଓ ତାଲିମ ଶିବିର ଅନୁଷ୍ଠିତ

ନୀଳଗିରି , ୨୮/୩ (ନି.ପ୍ର): ଉଦ୍ୟାନବିଭାଗ ତରଫରୁ ଆରଏମସି ସମ୍ମିଳନୀ କକ୍ଷରେ ଏକ ବ୍ଲକସ୍ତରୀୟ ଦକ୍ଷତାବିକାଶ ଓ ତାଲିମଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଯୋଗଦେଇଥିବା ବେଳେ ସମ୍ମାନିତଅତିଥି ଭାବରେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆମ୍ବାର ଅଧକ୍ଷ କୃତିବାସ ବେହେରା ଏବଂ ଜିଲ୍ଲା ଉଦ୍ୟାନକୃଷି ନିର୍ଦ୍ଦେଶକ ତପନ କୁମାର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହିତ ନିଜନିଜର ବକ୍ତବ୍ୟ ରଖିଥିଲେ । ନୀଳଗିରି ଉଦ୍ୟାନକୃଷି



ବିଭାଗର ଉପନିର୍ଦ୍ଦେଶକ ଗୋପୀନାଥ କର, ନୀଳଗିରି ପ୍ରାଣୀଚିକିତ୍ସକ ହିମାଂଶୁ ଶେଖର ଦେ, ଜିଲ୍ଲା କୃଷିଅଧିକାରୀ ସୁମନ୍ତ ନାଏକ, ବ୍ଲକ ମତ୍ସ୍ୟଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ଆରଏମସି ସମ୍ପାଦିକା ସୁକାନ୍ତି ପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ବାବଦରେ ଆଲୋଚନା କରିଥିଲେ । ନୀଳଗିରି ବ୍ଲକର ଧୋବଶିଳା, କେପି ଲାଖରାଜ, ମଛୁଆ, ବେଗୁନିଆ, କାଂଶ, ନରସିଂହପୁର, ଏବଂ ରାଧାକିଶୋରପୁର ଆଦି ସାତଟି ପଞ୍ଚାୟତର ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ପ୍ରାୟ ୧୦୦ଜଣ ମହିଳା ଏବଂ ସଫଳଚାଷୀ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ଉଦ୍ୟାନକୃଷି ଅଧିକାରିଣୀ ଇପ୍ସିତା ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଉଦଯାପନୀ କାର୍ଯ୍ୟକ୍ରମକୁ ନୀଳଗିରି ଉଦ୍ୟାନକୃଷି ନିର୍ଦ୍ଦେଶକ ଗୋପୀନାଥ କର ଏବଂ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ ।

# ପଞ୍ଚମ ବାର୍ଷିକ ବିଶ୍ୱକଲ୍ୟାଣ ଅଗ୍ନିହୋତ୍ର ମହୋତ୍ସବ ସରିଲା: ନିୟମିତ ଯଜ୍ଞ, ପର୍ଯ୍ୟାପ୍ତ ବୃକ୍ଷରୋପଣ ଜରୁରୀ

ରୂପସା, ୨୮/୩ (ନି.ପ୍ର): ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ ରୂପସା ଅଗ୍ନିହୋତ୍ର ପରିବାର ଆନୁକୂଲ୍ୟରେ ଗୁରୁବାର ପାଟପୁର ବଜାର ଦୁର୍ଗା ମଣ୍ଡପ ଠାରେ ପଞ୍ଚମ ବାର୍ଷିକ ବିଶ୍ୱକଲ୍ୟାଣ ଅଗ୍ନିହୋତ୍ର ମହୋତ୍ସବ ପାଳିତ ହୋଇଯାଇଛି । ପରିବାରର ସଭାପତି ସୁରେଶ ଚନ୍ଦ୍ର ପାଣି ପ୍ରବଚନ ସଭାରେ ଅଧକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ବିଶିଷ୍ଟ ପ୍ରବଚକ ତଥା ବେଦପିୟୁଷ ପତ୍ରିକାର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ଈଶ୍ୱରଙ୍କ ଗୁଣଗାନ କରିବା ମଣିଷର ଧର୍ମ । ତାଙ୍କ ନିକଟରେ ଜୀବନକୁ ସମର୍ପିତ କଲେ ସୁଖ ଶାନ୍ତି ସୁନିଶ୍ଚିତ । ଗୁରୁଜନଙ୍କ ପ୍ରତି ଭକ୍ତି ଭାବ ଦ୍ୱାରା ସମାଜର ସୁଧାର ସମ୍ଭବ । ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଯଜ୍ଞ ଓ ବୃକ୍ଷରୋପଣ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ରୂପସା ଥାନା ଓଆଇସି ମୌସୁମୀ ମହାନ୍ତି



ଯୋଗ ଦେଇ ପାରିବାରିକ ସଂସ୍କାର ହିଁ ସମାଜ ନିର୍ମାଣର ମୂଳ ଆଧାର ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ଅଧାପକ ଦିଲ୍ଲୀପ କୁମାର ଭୋଇ, ସମାଜସେବୀ ସୁମନ୍ତ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ସରପଞ୍ଚ ମାଳତୀ ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ଆଧାତ୍ମିକ ଚେତନା ସମସ୍ତଙ୍କୁ ସତ ମାର୍ଗରେ ପରିଚାଳିତ କରେ । ବିଶ୍ୱର କଲ୍ୟାଣ ପାଇଁ ସମସ୍ତଙ୍କର ତ୍ୟାଗ ଓ ସେବା ମନୋଭାବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ପରିବାରର ପୂର୍ବତନ ସମ୍ପାଦକ ମନୋରଞ୍ଜନ ପ୍ରଧାନଙ୍କ ସ୍ମୃତି ତଥା ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାପତି ସୁରେଶ ଚନ୍ଦ୍ର ପାଣିଙ୍କ ପୌରାହିତ୍ୟରେ ୧୧ କୁଣ୍ଡିୟ ଯଜ୍ଞ ସମାପନ ହୋଇଥିଲା । ସଂଗୀତ ଗୁରୁ ଅର୍ଜୁନ କୁମାର ଦଳାଇ କଣ୍ଠଶିଳ୍ପୀ ଦୀପ୍ତରାଗ, ଅର୍ଚିସ୍ମିତା ଓ ରୁଚିସ୍ମିତା ପ୍ରମୁଖ ବୈଦିକ ଭଜନ ପରିବେଷଣ କରିଥିଲେ । ଅଗ୍ନିହୋତ୍ର ପରିବାର ସମ୍ପାଦକ ବାଞ୍ଛାନିଧି ଦେ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଅଜୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧକ୍ଷ ବିଦ୍ୟାଧର ବିଶ୍ୱାଳ, କାର୍ଯ୍ୟକର୍ତ୍ତା ଶଶୀକାନ୍ତ ବେହେରା, ଗୁରୁମା ଅର୍ଚ୍ଚନା ବେହେରା, ନିତ୍ୟାନନ୍ଦ ବାରିକ, କାର୍ତ୍ତିକ ଜେନା, ସତ୍ୟବ୍ରତ ସାହୁ, ମନମୋହନ ବାରିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ । ବାଲେଶ୍ୱର ଓ ମୟୁରଭଞ୍ଜ ଜିଲାର ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ରାଜ୍ୟରେ ରହିଛି ୨୫୪୨ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

ଭୁବନେଶ୍ୱର, ୨୮/୩ (ନି.ପ୍ର): ରାଜ୍ୟରେ ୨୫୪୨ ସଂଖ୍ୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ରହିଛି । ଏଥି ମଧ୍ୟରୁ ୧୮୯୯ ଟି ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରଥମଶ୍ରେଣୀ ପାଠପଢା ସୁବିଧା ରହିଛି । ଏହିସବୁ ବିଦ୍ୟାଳୟରେ ନାମ ଲେଖାଇବାପାଇଁ ଆବେଦନ ଓ ନାମଲେଖାଫି ଆଦାୟ ସଂକ୍ରାନ୍ତରେ ସରକାରଙ୍କର ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶନାମା ନାହିଁ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ କହିଛନ୍ତି ଯେ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଫି ଆଦାୟ ସଂକ୍ରାନ୍ତରେ ରଜ୍ୟ ସରକାର ୧୯୯୬ ମସିହାରେ ଜାରି କରିଥିବା ସଙ୍କଳ୍ପରେ ଏହିସବୁ ବିଦ୍ୟାଳୟଗୁଡିକ ପ୍ରଦାନ କରୁଥିବା ସୁବିଧା ସୁଯୋଗ ଅନୁଯାୟୀ ଫି ନେବାର ବ୍ୟବସ୍ଥା ରହିଛି ।

# ଆତ୍ମ ନିର୍ଭର ଭିତ୍ତି ସଂରଚନା ସମ୍ପର୍କିତ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର




ଜଳେଶ୍ୱର, ୨୮/୩ (ନି.ପ୍ର): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଶସକ୍ତ ପଞ୍ଚାୟତିରାଜ ଶସକ୍ତ ଓଡିଶା ଗଢିବାର ଲକ୍ଷ୍ୟ ନେଇ ଜଳେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସମସ୍ତ ସରପଞ୍ଚ ମାନଙ୍କୁ ନେଇ ଆତ୍ମ ନିର୍ଭର ଭିତ୍ତି ସଂରଚନା ସମ୍ପର୍କିତ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ସହର, ନଗର, ମହାନଗର ଆଦି କ୍ରମଶଃ ଅଧିକରୁ ଅଧିକ ଜନବହୁଳ ହୋଇଚାଲିଛି । ବସ୍ତି ଅଞ୍ଚଳ ବଢୁଛି ଏବମ୍ବ ତାହା ସହ ପ୍ରଦୂଷଣ,ସ୍ୱାସ୍ଥ୍ୟ ସମସ୍ୟା ଓ ଆଇନ-ଶୃଙ୍ଖଳା ପରିସ୍ଥିତି ନଗର ପ୍ରଶାସନ ବ୍ୟବସ୍ଥା ଦୁର୍ବଳ ହେଉଛି । ଭାରତରେ ସତୁରି ପ୍ରତିଶତରୁ ଅଧିକ ଲୋକ ଗ୍ରାମାଞ୍ଚଳର ବାସିନ୍ଦା । କୃଷି ଓ ଆନୁଷଙ୍ଗିକ କର୍ମ ସେମାନଙ୍କର ମୁଖ୍ୟ ବୃତ୍ତି । କୃଷିକୁ ବୃତ୍ତି କରିଥିବା ଅଧିକାଂଶ ଲୋକ କ୍ଷୁଦ୍ର ଓ ମଧ୍ୟମ ଧରଣର ଚାଷୀ ଏବମ୍ବ କୃଷି ଶ୍ରମିକ । ଗ୍ରାମୀଣ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ସର୍ବାଧିକ । ତେଣୁ କେମିତି ଗ୍ରାମାଂଚଳର ଲୋକମାନେ କେମିତି ଆତ୍ମ ନିର୍ଭରଶିଳ ହୋଇପାରିବେ ସେ ସଂପର୍କରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧକ୍ଷତାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଭାକର ଷଡ଼ଙ୍ଗୀ, ବ୍ଲକ ଗ୍ରାମ ପଞ୍ଚାୟତ ବିକାଶ ଅଧିକାରିଣୀ ସଲିମା ରାଉତ, ସିପି ସୁଜିତ କୁମାର ଜେନା ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ । ଅଶୋକ ମହାନ୍ତି, ରବୀନ୍ଦ୍ର ପ୍ରଧାନ, ଦିନେଶ ଅଡା, ବିବେକାନନ୍ଦ ବାରିକ, ସୁଶାନ୍ତ ପ୍ରଧାନ, ଗୌତମ ବାରିକ, ସୁନନ୍ଦା ବେହେରା, ସବିତା ମାଝୀ, ଶୁଭସ୍ମିତା ବେହେରା ପ୍ରମୁଖ ଜୁନିୟର ଇଞ୍ଜିନିୟର ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କାଲି ଆଂଶିକ ସୂର୍ଯ୍ୟ ପରାଗ

ଭୁବନେଶ୍ୱର, ୨୮/୩ (ନି.ପ୍ର): ଆସନ୍ତାକାଲି (ଶନିବାର)ବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟ ପରାଗ ସଂଘଠିତ ହେବ । ଉତର ଆମେରିକା, ଗ୍ରୀନଲ୍ୟାଣ୍ଡ ସହିତ ଉତରପଶ୍ଚିମ ରୁଷିଆରେ ଏହି ଆଂଶିକ ସୂର୍ଯ୍ୟ ପରାଗ ଦୃଶ୍ୟମାନ ହେବ । ଭାରତୀୟ ସମୟ ଦିନ ୨ଟା ୨୦ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ୧୭ ମିନିଟରେ ସର୍ବାଧିକ ୯୦ ପ୍ରତିଶତ ସୂର୍ଯ୍ୟ ପରାଗ ହେବ । ଏହି ଆଂଶିକ ସୂର୍ଯ୍ୟ ପରାଗ ଭାରତରୁ ଦୃଶ୍ୟମାନ ହେବ ନାହିଁ । ତେଣୁ ଶ୍ରୀମନ୍ଦିର ନୀତିକାନ୍ତିରେ ବି କୌଣସି ପରିବର୍ତନ ହେବନି ବୋଲି ସ୍ପଷ୍ଟ କରିଛି ଶ୍ରୀମନ୍ଦିର ପ୍ରଶାସନ ।

# ଲେଡି ହାମିଲଟନ୍‌ରେ କୈଶରୀ ଛାତ୍ରୀ ଶିକ୍ଷା କାର୍ଯ୍ୟକ୍ରମ

ବାରିପଦା, ୨୮/୩ (ନି.ପ୍ର): ବାରିପଦାସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମୀନାରାଣୀ ପାତ୍ରଙ୍କ ଅଧକ୍ଷତରେ କୈଶରୀ ଛାତ୍ରୀମାନଙ୍କୁ ସଚେତନ କରିବା ନିମନ୍ତେ' କୈଶରୀ ଛାତ୍ରୀ ଶିକ୍ଷା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାରିପଦା ବ୍ଲକ୍ ମେଡିକାଲ ସୁପରଭାଇଜର ପ୍ରତ୍ୟୁତନ ମହାରଣା ଓ ଏ ଏନ୍‌ଏମ ତିରୁପତି ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରୀମାନଙ୍କର କୈଶରୀ ଅବସ୍ଥା ସମୟରେ ଶାରୀରିକ ଓ ମାନସିକ ଅବସ୍ଥାରେ ହେଉଥିବା ପରିବର୍ତ୍ତନ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀନାରାଣୀ ପାତ୍ର କୈଶରୀ



ଅବସ୍ଥାରେ ଶାରିରୀକ ବିକାଶ ନିମନ୍ତେ ଓ ପରିବେଶ ସୁରକ୍ଷା ନିମନ୍ତେ ଛାତ୍ରୀମାନଙ୍କର ଭୂମିକା ସମ୍ପନ୍ଧରେ ଅଭିଭାଷଣ ରଖିଥିଲେ । ବିଜ୍ଞାନ ଶିକ୍ଷୟତ୍ରୀ ସିଲିସ୍ୱପ୍ନା ପଟ୍ଟନାୟକ ଛାତ୍ରୀମାନେ କିପରି ସୋସିଆଲ୍ ମିଡ଼ିଆରୁ ନିଜକୁ ଦୂରରେ ରଖିବେ ସେ ବିଷୟରେ ଉଦବୋଧନ ଦେଇଥିଲେ । ପ୍ରାରମ୍ଭ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷୟତ୍ରୀ ଧରିତ୍ରୀ ମହାନ୍ତଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟତ୍ରୀମାନଙ୍କୁ ନେଇ ଯୋଗ ଓ ପ୍ରାଣାୟମ କାର୍ଯ୍ୟକ୍ରମ କରାଯାଇଥିଲା । ପରିଶେଷରେ ପୋଷଣୀୟ ଖାଦ୍ୟ ମେଳା ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନ କମିଟିର ସଭାପତି ଶ୍ରୀଯୁକ୍ତ ଆଶ୍ଚର୍ଯ୍ୟ ସେଜପଡ଼ା ଯୋଗ ଦେଇ ଖାଦ୍ୟର ଗୁଣବତ୍ତା ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାଳୟର ସାହିତ୍ୟ ଶିକ୍ଷୟତ୍ରୀ ମୋନାଲିସା ମାଶନ୍ତ ସ୍ୱାଗତ ଅଭିଭାଷଣରଖିଥିବା ବେଳେ ଇଂରାଜୀ ଶିକ୍ଷୟତ୍ରୀ ନିକିତା ବଳ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ମାନସୀ ଉପାଧ୍ୟାୟ, ମେରିନା ଦାସ୍, ନିବେଦିତା ବେହେରା ଓ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସେକ୍ ଫାଇଜାନ୍ ୱାଲ୍ଲା, କୃଷ୍ଣମୋହନ ଗିରି, ସସ୍ମିତ ମହାପାତ୍ର, ବାଦଲ ଦଣ୍ଡ ପାଟ୍, ମମତା ସୋରେନ୍ ପ୍ରମୁଖ ସହଯୋଗ କରିଥିଲେ ।

# ରୋଜଗାରର ପ୍ରଥମ ଖର୍ଚ୍ଚ 'ସଂଚୟ' ଅଟେ : ଅଧାପିକା କୁମ୍‌କୁମ୍




ଉଦଳା , ୨୮/୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଓ ଗୃହ ବିଜ୍ଞାନ ବିଭାଗ ତରଫରୁ ମିଳିତ ଭାବରେ 'ସଂଚୟର ଗୁରୁତ୍ୱ' ବିଷୟବସ୍ତୁ ଉପରେ ଚଳିତ ମାର୍ଚ୍ଚ ୨୭ ତାରିଖ ଗୁରୁବାର ଦିନ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ମିତବ୍ୟୟିତା ଗୁଣ ବା ସଂଚୟ ମଣିଷକୁ କିପରି ସ୍ୱାଭିମାନର ସହ ବଂଚି ରହିବାରେ ସାହାଯ୍ୟ କରିଥାଏ ଓ ଅଭାବ ସମୟରେ ବାଟ ଚାଲିବାରେ ସାଥି ବନିଥାଏ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଷୟ ବିଷାରଦ ଭାବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଉଦଳା ଶାଖାର ପରିଚାଳକ ନିମେଶ ନାୟାର 'ସଂଚୟ' ସମସ୍ତଙ୍କର ଅଭ୍ୟାସ ହେବା ସଙ୍ଗେ ସଙ୍ଗେ ଏହାର ଆବଶ୍ୟକତା କିପରି ଆଜି ଜରୁରି ହୋଇ ପଡ଼ିଛି ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା କୁମ୍‌କୁମ୍ ଦାସ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ରୋଜଗାରର ପ୍ରଥମ ଖର୍ଚ୍ଚ 'ସଂଚୟ' ଅଟେ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅର୍ଥନୀତି ବିଭାଗର ମୁଖ୍ୟ ଅଧାପିକା ପ୍ରଣତି ରାଜ ଓ ଗୃହ ବିଜ୍ଞାନର ଅଧାପିକା ସୁଧାରାଣି ବେହେରା ବିଷୟ ବସ୍ତୁ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ଦୁଇଟିଯାକ ବିଭାଗର ଛାତ୍ରୀ ମାନେ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଅଧାପିକା ସାଗରିକା ଷଣ୍ଢ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନ୍ଦୋଳନର ଚେତାବନୀ ଦେଲେ ପଂଚାୟତବାସୀ

ବାଲିଆପାଳ , ୨୮/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଜଳସେଚନ ବିଭାଗ ଅଧିନରେ ରହିଥିବା କାଳରୁଇ ଠାରୁ ଜାମକୁଣ୍ଡା ପର୍ଯ୍ୟନ୍ତ ୫ କି.ମି. ରାସ୍ତା ୨୦୦୨ ମସିହାରେ ତତ୍କାଳୀନ ସାଂସଦ ଖାରବେଳ ସ୍ୱାଇଁଙ୍କ ଉଦ୍ୟମରେ ମେଟାଲିଙ୍ଗ ଓ ପିଚୁ ହୋଇଥିଲା । ୨୦୦୨ ମସିହା ପରେ ମଧ କାର୍ଯ୍ୟ ହୋଇଥିଲା ଏହି ରାସ୍ତାରେ ତେବେ ଏହି ରାସ୍ତାରେ ଏବେ ପିଚୁର ଚିହ୍ନବର୍ଣ୍ଣ ନାହିଁ । ରାସ୍ତା ସାରା ମେଟାଲ ଉଠି ରହିଛି । କେବଳ ପ୍ରତିବର୍ଷ ବର୍ଷା ଦିନ ପୂର୍ବରୁ ରାସ୍ତାରେ ହୋଇଥିବା ଗର୍ତ୍ତ ଗୁଡିକୁ ମୋରମ ଓ ଇଟା ଖୁଆରେ ଭର୍ତ୍ତି କରାଯାଏ । ବର୍ଷା ଦିନ ପରେ ରାସ୍ତାରେ ପୁଣି ଗାତ ହୋଇ ପୂର୍ବସ୍ଥିତିକୁ ଆସିଯାଏ । । ସେଥିରେ ଖୁଆ ଓ ମୋରମ ବିଛା ଯାଇ ରାସ୍ତା ମରାମତି ହୋଇଥିଲା । ଏବେ ରାସ୍ତାର ଅବସ୍ଥା ପୂର୍ବ ସ୍ଥିତିକୁ ଆସିଯାଇଛି । ଏବେ ସରକାରଙ୍କ ତରଫରୁ କାଳରୁଇରୁ ଜାମକୁଣ୍ଡା ରାସ୍ତା ପିଚୁ ପାଇଁ ୨ କୋଟି୧୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସେହି ରାସ୍ତାରେ କାର୍ଯ୍ୟ ମଧ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ପ୍ରଥମରୁ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ପଂଚାୟତ ବାସୀ ଅଭିଯୋଗ



କରିଛନ୍ତି । ପ୍ରଥମେ ରାସ୍ତାରେ ମାଟି ବଦଳରେ ପଙ୍କ ,କାଦୁଅ ପକାଉଥିବାର ଅଭିଯୋଗ ହୋଇଛି । ବହୁ ବର୍ଷ ପରେ ଏହି ରାସ୍ତା କୁ ଏତେ ଟଙ୍କା ମଞ୍ଜୁର କରାଯାଇଛି କିନ୍ତୁ ରାସ୍ତା ନିମ୍ନ ମାନର ହେଉଛି । ଏ ବିଷୟରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ନନୀ ଗୋପାଳ ସେଣ କୁପଚାରିବାରୁ ସେ ଚୁପ୍ ରହିଥିଲେ । ପଂଚାୟତବାସୀ ତରଫରୁ ଆଗାମୀ ଦିନରେ ଯଦି ରାସ୍ତା କୁ ସଠିକ ଭାବରେ କରାନଯାଏ ତେବେ ଆନ୍ଦୋଳନର କରିବେ ବୋଲି ଚେତାବନୀ ଦେଇଛନ୍ତି । ବ୍ରିଟିଶ ଅମଳରେ ନିର୍ମିତ ଏହି ରାସ୍ତା ବାଲିଆପାଳ ବ୍ଲକର ଏକ ପ୍ରମୁଖ ରାସ୍ତା । ପ୍ରତିଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ସୁବର୍ଣରେଖା ନଦୀର ପନ୍ତେଇ ଘାଟ ପାର ହୋଇ ଭୋଗରାଇ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଂଚଳକୁ ଯାଇଥାଆନ୍ତି । ଦୀଘା ଓ କିର୍ତ୍ତନିଆରୁ ବାଲିଆପାଳକୁ ମାଛ ଓ ବାଲିଆପାଳ ଅଂଚଳରୁ ପରିବାପତ୍ର ମଧ ସେସବୁ ଅଂଚଳକୁ ଏହି ରାସ୍ତା ଦେଇ ଦୈନିକ ପରିବହନ ହୋଇଥାଏ । ସମଗ୍ର ଜାମକୁଣ୍ଡା ପଂଚାୟତର ୧୦ ହଜାରରୁ ଉର୍ଦ୍ଧ ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ଦୀର୍ଘ ଦିନ ଧରି ରାସ୍ତାର ଏହିଭଳି ଦୁରାବସ୍ଥା ଯୋଗୁଁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି । ରାସ୍ତାର ଏଭଳି ଶୋଚନୀୟ ଅବସ୍ଥା ଯୋଗୁଁ ଜାମକୁଣ୍ଡା ପଂଚାୟତରୁ ବାଲିଆପାଳର ବିଭିନ୍ନ କଲେଜ ଓ ସ୍କୁଲ ପ୍ରଭୃତିକୁ ଯାଉଥିବା ଛାତ୍ର ଛାତ୍ରୀ, ବୟସ୍କ ଲୋକଙ୍କ ସମେତ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାରେ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଥିଲା । ଏପରିକି ସାଇକେଲ ଓ ବାଇକରେ ଯାତାୟତ ସମୟରେ ସାମାନ୍ୟ ଅସାବଧାନ ହେଲେ ୮/୧୦ ଫୁଟ ତଳକୁ ଖସି ଗୁରୁତର ଆହତ ହେବା ସହ ଜୀବନ ହାନୀ ହେବାର ମଧ ଆଶଙ୍କା ରହିଥିଲା । ସେହି ରାସ୍ତାରେ ଏତେ କୋଟି ଟଙ୍କା ର କାମ ହେଉଛି କିନ୍ତୁ ନା ଅଛି ଫଳକ ନା ହେଉଛି ସଠିକ ଭାବରେ କାମ । ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ କାର୍ଯ୍ୟକୁ ତଦାରଖ କରୁନଥିବାର ଅଭିଯୋଗ ହୋଇଛି ।

## ପୁରୁଣା ପଦ୍ଧତିରେ ଚାଲିଛି ମଧ୍ୟାହ୍ନଭୋଜନ ୱେବସାଇଟ

ଭୁବନେଶ୍ୱର, ୨୮/୩ (ନି.ପ୍ର): ବର୍ତମାନ ମଧ୍ୟାହ୍ନ ଭୋଜନ ଆପ୍ଲିକେସନଟି ପୁରୁଣା ପଦ୍ଧତିରେ କାର୍ଯ୍ୟକାରୀ ହେଉଛି । ଏହାକୁ ନୂତନ ପଦ୍ଧତିରେ କାର୍ଯ୍ୟକାରୀ ପାଇଁ ଏନଆଇସିକୁ ୩୪,୩୫,୦୮୪ ଟଙ୍କା ପ୍ରଦାନ ପାଇଁ ନିଷ୍ପତି ହୋଇଛି । ଆପ୍ଲିକେଶନର ସମ୍ପୂର୍ଣ୍ଣ ଉନ୍ନତିକରଣ ପରେ ଏନଆଇସିକୁ ଧାର୍ଯ୍ୟ ଅର୍ଥର ୬୦ପ୍ରତିଶତ ପୂରଣ କରାଯିବ ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ମଧ୍ୟାହ୍ନଭୋଜନ ଡାଟା ସେଣ୍ଟର ଏନଆଇସି ଦ୍ୱାରା ପରିଚାଳିତ ହେଉଛି ଏବଂ ଏହାର ଡାଟା ସର୍ଭର ଓକାକ ରେ ରହିଛି । ପ୍ରାରମ୍ଭରେ ଏନଆଇସିକୁ ୱେବସାଇଟ ତିଆରି ଏବଂ ସେବା ପ୍ରଦାନ ପାଇଁ ୧,୪୫,୫୮୨ ଟଙ୍କା ୨୦୧୨ ମସିହାରେ ପ୍ରଦାନ କରାଯାଇଥିଲା । ଏହା ପରଠାରୁ ପ୍ରତି ଛଅମାସକୁ ଥରେ ୱେବସାଇଟ ଓ ଏସଏମଏସ ସେବା ପାଇଁ ୨୦୧୭ ଅଗଷ୍ଟ ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଯାଉଥିଲା ।

# ମିରକଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୨୮/୩ (ନି.ପ୍ର): ବାସୁଦେବପୁର ସହରସ୍ଥିତ ମିରାକଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସ୍କୁଲର ନିର୍ଦ୍ଦେଶକ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବିଡ଼ିଓ ତନ୍ମିତା କର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଶିକ୍ଷାବିତ୍ ଗୟାଧର ପଣ୍ଡା । ମୁକୁନ୍ଦ ବିହାରୀ ମହାନ୍ତି, ଜଗବନ୍ଧୁ ସାହୁ, ବିଦ୍ୟାଳୟର ସମ୍ପାଦକ ରାହାସ ବିହାରୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବାର୍ଷିକ ବିବରଣୀ ପାଠ କରିଥିଲେ ଅଭିଲିପ୍ସା ଶତପଥୀ । ଅଧକ୍ଷ ପ୍ରୀତି ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ମଙ୍ଗଳ ଗୀତିକା ପାଠ କରିଥିଲେ ଶିକ୍ଷକ ନିର୍ମଳ କୁମାର ମିଶ୍ର । ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସନ୍ଧ୍ୟାରାଣୀ ପାଢ଼ୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା' ସିଦ୍ଧବେଙ୍କଟେଇ ପୀଠରେ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା, ୨୮/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ମା ସିଦ୍ଧବେଙ୍କେଇଙ୍କ ପୀଠରେ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଦିବସ ବ୍ୟାପି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ପୂଜକ ଦେବଦତ୍ତ ଶତପଥି ଙ୍କ ସମେତ ଅନ୍ୟ ୧୦ଜଣ ପଣ୍ଡିତଙ୍କ ଦ୍ୱାରା ଚଣ୍ଡିପାଠ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟକର୍ତ୍ତା ସୁରେଶ ଭୂୟାଁଙ୍କ ସମେତ ଅନ୍ୟ୧୧ଜଣଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା । ଶ୍ୟାମସୁନ୍ଦର ଗ୍ରାମକମିଟିର ସଭାପତି ଭାଗିରଥି ଦାସ, ଉପସଭାପତି ବିଜୟ କେତନ ନାୟକ, ସମ୍ପାଦକ ମାନସ ରଞ୍ଜନ ରାଉଳ, ସହ-ସମ୍ପାଦକ ବାବାଜି ଚରଣ ମହାନ୍ତି, କୋଷାଧକ୍ଷ ଇନ୍ଦୁଭୂଷଣ ପ୍ରଧାନ, ସହ-କୋଷାଧକ୍ଷ ରାମଚନ୍ଦ୍ର ବେହେରା, ସଦସ୍ୟ ବୁଦ୍ଧିରାମ ବୁଗୁଡାଇ, ଗଗନ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ, ରାଧାକାନ୍ତ ରାଉଳ ପ୍ରମୁଖ ଯଜ୍ଞକର୍ମରେ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida